

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର, ୧୭ ଜୁଲାଇ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 17 JULY 2022
Vol.No. 35 ■ No. 185 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶକ :
ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ବାଲେଶ୍ୱର-୧




ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ପ୍ରାପ୍ତିସ୍ଥାନ
ନଲେଜ୍ କର୍ଣ୍ଣର୍, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା
ବାଲେଶ୍ୱର-୧


# ମୁଢ଼ି ଉପରେ ଜିଏସ୍‌ଟି ମାଡ଼

## ଚୂଡ଼ା, ଖଇ, ଉଖୁଡ଼ାକୁ ପ୍ୟାକେଟ୍ କରି ବିକିଲେ ଦେବାକୁ ପଡ଼ିବ ୫ ପ୍ରତିଶତ



ନୂଆଦିଲ୍ଲୀ, ୧୬/୦୭ : ସୋମବାର ଠାରୁ ମହଙ୍ଗା ହେବାକୁ ଯାଉଛି ଗରିବ ଲୋକଙ୍କ ସ୍ନାକ୍ସ ଭାବେ ପରିଚିତ ମୁଢ଼ି । ସକାଳ ହେଉ କି ସଂଧ୍ୟା, ମୁଢ଼ି ଓଡ଼ିଆ ଲୋକଙ୍କ ପ୍ରଥମ ପସନ୍ଦ । ଉତର ଓଡ଼ିଶା, ବିଶେଷ କରି ବାଲେଶ୍ୱର, ମୟୁରଭଂଜ ଆଦି ଜିଲ୍ଲାରେ ମୁଢି ହିଁ ପ୍ରମୁଖ ଖାଦ୍ୟ । କିନ୍ତୁ ଗରିବ ଲୋକଙ୍କ ଏହି ଖାଦ୍ୟ ଉପରେ ଜିଏସଟି ବସାଇବାକୁ ଯାଉଛି କେନ୍ଦ୍ର । ଫଳରେ ଖାଉଟି ଠାରୁ ଆରମ୍ଭ କରି ମୁଢ଼ି ବ୍ୟବସାୟ କରି ଗୁଜରାଣ ମେଂଟାଉଥିବା ଛୋଟ ଛୋଟ ବ୍ୟବସାୟୀଙ୍କ ମଧ୍ୟରେ ଭାଳେଣୀ ପଡିଛି । କେବଳ ମୁଢ଼ି, ଚୂଡ଼ା, ଖଇ, ଉଖୁଡ଼ା ନୁହେଁ ଅନ୍ୟ କୃଷି ଓ ଦୁଗ୍ଧଜାତ ପଦାର୍ଥ ପାଇଁ ମଧ୍ୟ ଜିଏସଟି ଗଣିବାକୁ ହେବ । ଯାହା ଖୋଲା କିମ୍ବା ଗ୍ରାହକଙ୍କ ଆଗରେ ପ୍ୟାକିଂ କରି ବିକ୍ରି କରାଯିବ, ସେଥିରେ ଜିଏସଟି ଲାଗୁ ହେବନାହିଁ । ଆଗରୁ ପ୍ୟାକିଂ ହୋଇ ରହିଥିଲେ ଜିଏସଟି ଦେବାକୁ ପଡ଼ିବ । ତେବେ ପୂର୍ବରୁ କେବଳ ବ୍ରାଣ୍ଡ ପ୍ୟାକେଟ୍ ଖାଦ୍ୟ ପଦାର୍ଥ ଉପରେ ଟିକସ ଦେବାକୁ ପଡୁଥିଲା । ନଜର ପକାନ୍ତୁ – କାହା ଉପରେ ୫ ପ୍ରତିଶତ ଜିଏସଟି ? ଘୋଳଦହି, ବସାଦହି, ଲସି, ପନିର, ଗୁଡ଼, ମହୁ, ମୁଢ଼ି, ଚୂଡ଼ା, ଖଇ, ଉଖୁଡ଼ା, ଚାଉଳ, ଚାଉଳ ଚୁନା, ଗହମ, ଅଟା, ବାର୍ଲି, ଓଟ୍ସ ମୁଦ୍ରାସ୍ଫୀତି ଯୋଗୁଁ ଖାଦ୍ୟ ସାମଗ୍ରୀ ଦର ବୃଦ୍ଧି ପାଉଥିବା ବେଳେ ଅତ୍ୟାବଶ୍ୟକ ଖାଦ୍ୟ ପଦାର୍ଥ ଉପରେ ଜିଏସଟି ବସାଇବା, ଗରିବ ଲୋକଙ୍କ ଉପରେ ବେଢ଼ି ଉପରେ କୋରଡ଼ା ମାଡ଼ ସଦୃଶ୍ୟ ହୋଇଛି । ଗରିବ, ନିମ୍ନ ମଧ୍ୟବିତ, ମଧ୍ୟବିତ ପରିବାର ଏଥିରେ ପ୍ରଭାବିତ ହେବା ଆଶଙ୍କା ଥିବାରୁ ଏହାକୁ ପ୍ରତ୍ୟାହାର ପାଇଁ ଦାବି କରାଯାଇଛି ।

# ପଶ୍ଚିମବଙ୍ଗ ରାଜ୍ୟପାଳ ଏନଡିଏର ଉପରାଷ୍ଟ୍ରପତି ପ୍ରାର୍ଥୀ



ନୂଆଦିଲ୍ଲୀ, ୧୬/୦୭ : ଉପରାଷ୍ଟ୍ରପତି ପଦ ପାଇଁ ପ୍ରାର୍ଥୀ ଘୋଷଣା କରିଛି ଏନ୍‌ଡିଏ। ପଶ୍ଚିମବଙ୍ଗ ରାଜ୍ୟପାଳ ଜଗଦୀପ ଧନକର ହୋଇଛନ୍ତି ଏନଡିଏର ଉପରାଷ୍ଟ୍ରପତି ପ୍ରାର୍ଥୀ। ବିଜେପି ସଂସଦୀୟ ବୋର୍ଡ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ଏ ସମ୍ପର୍କରେ ବିଜେପି ଅଧ୍ୟକ୍ଷ ଜେପି ନଡ୍ଡା ଘୋଷଣା କରିଛନ୍ତି। ଉକ୍ତ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଧ୍ୟକ୍ଷତା କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, ନୀତିନ ଗଡ଼କରୀ, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏବଂ ବିଜେପି ସାଧାରଣ ସମ୍ପାଦକ ବିଏଲ ସନ୍ତୋଷ ପ୍ରମୁଖ ଯୋଗ ଦେଇଥିଲେ। ଆଲୋଚନା ପରେ ଧନକରଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ କରାଯିବା ନେଇ ନିଷ୍ପତ୍ତି ନିଆଯାଇଥିଲା। ଆଜି ଅପରାହ୍ନରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଥିଲେ। ପୂର୍ବତନ ସଂଖ୍ୟାଲଘୁ କଲ୍ୟାଣ ମନ୍ତ୍ରୀ ମୁକ୍ତାର ଅବାସ ନକଭି ପ୍ରାର୍ଥୀ ହେବା ନେଇ ଚର୍ଚ୍ଚା ଜୋର ଧରିଥିଲା। ଏପରିକି କେରଳର ରାଜ୍ୟପାଳ ଆରିଫ ମହମ୍ମଦ ଖାନ, କେନ୍ଦ୍ର ମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କ ନାଁ ମଧ୍ୟ ଚର୍ଚ୍ଚାରେ ଥିଲା। ହେଲେ ବିଜେପି ଜଗଦୀପ ଧନକରଙ୍କୁ ପ୍ରାର୍ଥୀ କରିଛି। ୨୦୧୯ରେ ଜଗଦୀପ ପଶ୍ଚିମବଙ୍ଗର ରାଜ୍ୟପାଳ ଭାବେ ନିଯୁକ୍ତ ହୋଇଥିଲେ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ଜଗଦୀପଙ୍କ ତିକ୍ତ ସମ୍ପର୍କ ଚର୍ଚ୍ଚାରେ ରହିଆସିଛି। ଉଭୟେ ଅନେକ ସମୟରେ ମୁହାଁମୁହିଁ ହୋଇ ଥିବା ଜଣାଯାଏ। ଏମିତିକି କଥା ବ୍ୟକ୍ତିଗତ ଆକ୍ଷେପ-ପ୍ରତିଆକ୍ଷେପ ପର୍ଯ୍ୟନ୍ତ ଯାଇଛି। ସେ ବାରମ୍ବାର ବେଙ୍ଗଲର ଶାସକ ଦଳ ବିରୋଧରେ ▶▶ପୃଷ୍ଠା ୭

## ଯଶବନ୍ତ ସିହ୍ନାଙ୍କୁ ଭୋଟ ଦେବେ କଂଗ୍ରେସ ବିଧାୟକ : ସୁରେଶ କୁମାର ରାଉତରାୟ

ଭୁବନେଶ୍ୱର, ୧୬/୦୭ (ନି.ପ୍ର): ଓଡିଶାର କଂଗ୍ରେସ ବିଧାୟକ ମତ ରାଷ୍ଟ୍ରପତି ପ୍ରାର୍ଥୀ ଯଶବନ୍ତ ସିହ୍ନାଙ୍କୁ ଦେବେ । ବରିଷ୍ଠ ବିଧାୟକ ସୁରେଶ କୁମାର ରାଉତରାୟ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଯଶବନ୍ତ ସିହ୍ନା ହାରନ୍ତୁ କି ଜିତନ୍ତୁ ତାଙ୍କୁ ଭୋଟ ଦେବା ପାଇଁ ପିସିସି ସଭାପତିଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ନିଷ୍ପତ୍ତି ହୋଇଛି।

## ଆଜି ଆଇସିଏସ୍‌ଇ ଦଶମ ରେଜଲ୍ଟ

ନୂଆଦିଲ୍ଲୀ/ ୧୬/୦୭ (ନି.ପ୍ର): ଆସନ୍ତାକାଲି (ରବିବାର) ପ୍ରକାଶ ପାଇବ ଆଇସିଏସ୍‌ଇର ଦଶମ ଶ୍ରେଣୀ ପରୀକ୍ଷା ଫଳ । ଆସନ୍ତାକାଲି ଅପରାହ୍ନ ୫ଟାରେ ଏହି ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ସୂଚନା ଦିଆଯାଇଛି। ଛାତ୍ରଛାତ୍ରୀମାନେ ରୋଲ ନମ୍ବର ଦେଇ ସ୍କୋରକାର୍ଡ ଯାଂଚ କରିବା ସହ ଡାଉନଲୋଡ୍ କରିପାରିବେ। କାଉନସିଲ୍ ଫର୍ ଦ ଇଣ୍ଡିଆନ୍ ସ୍କୁଲ ସାର୍ଟିଫିକେଟ୍ ଏକଜାମିନ୍-ସିଆଇଏସସିଇ ପକ୍ଷରୁ ସୂଚନା ଦିଆଯାଇଛି। ସିଆଇଏସସିଇର ୱେବସାଇଟ cisce.org , results.cisce.org କିମ୍ବା results.nic.in ରେ ଏହି ପରୀକ୍ଷା ଫଳ ଉପଲବ୍ଧ ହେବ । ଏହା ବ୍ୟତୀତ ମୋବାଇଲ୍ ଏସ୍‌ଏମ୍‌ଏସ୍ ମାଧ୍ୟମରେ ମଧ୍ୟ ଛାତ୍ରଛାତ୍ରୀ ନିଜ ନିଜର ପରୀକ୍ଷା ଫଳ ଜାଣିପାରିବେ।

# ମାସ୍କ ନପିନ୍ଧିଲେ ଦୋକାନରୁ ଜିନିଷ ମନା



ଭୁବନେଶ୍ୱର, ୧୬/୦୭ (ନି.ପ୍ର): ରାଜଧାନୀରେ କରୋନା ସଂକ୍ରମଣ ବଢ଼ୁଥିବା ବେଳେ ଆହୁରି ଶକ୍ତ ହୋଇଛି ବିଏମସି। ଏଣିକି ମାସ୍କ ନପିନ୍ଧିଲେ ଦୋକାନରୁ ଜିନିଷ ମିଳିବନି କିମ୍ବା ପେଟ୍ରୋଲ ପମ୍ପ ରେ ତେଲ ମିଳିବନି। ଏଭଳି କଟକଣା ଲାଗୁ କରିଛି ଭୁବନେଶ୍ୱର ମହାନଗର ନିଗମ (ବିଏମସି)। ଶନିବାର ବିଏମସି ପକ୍ଷରୁ ଏକ ନୋଟିସ୍ ଜାରି କରି ମାସ୍କ ନପିନ୍ଧିଥିଲେ ଗ୍ରାହକଙ୍କୁ ଜିନିଷ ନଦେବା ପାଇଁ ଦୋକାନୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଦୋକାନ ଆଗରେ 'ନୋ ମାସ୍କ ନୋ ଏଂଟ୍ରି', 'ନୋ ମାସ୍କ ନୋ ଗୁଡ୍ସ' ଲେଖିବା ନିର୍ଦ୍ଦେଶ ଦିଆଯାଇଛି। ମାସ୍କ ପିନ୍ଧିନଥିଲେ ତେଲ ନଦେବାକୁ ପେଟ୍ରୋଲ ପମ୍ପ ମାଲିକଙ୍କୁ ନିର୍ଦ୍ଦେଶ ଦେଇଛି ବିଏମସି। ବିଏମସି କହିଛି ରାଜଧାନୀରେ ଥିବା ସମସ୍ତ ମଲ୍ , ଦୋକାନ ର ମାଲିକମାନେ ସେମାନଙ୍କ କର୍ମଚାରୀ ଓ ଗ୍ରାହକ ମାସ୍କ ପିନ୍ଧିଥିବା ନେଇ ନିଶ୍ଚିନ୍ତ କରିବେ। ଦୋକାନ ବାହାରେ 'ନୋ ମାସ୍କ ନୋ ଏଂଟ୍ରି', 'ନୋ ମାସ୍କ ନୋ ଗୁଡ୍ସ' ଲେଖିବେ। ପେଟ୍ରୋଲ ପମ୍ପ ମାଲିକମାନେ ମଧ୍ୟ ମାସ୍କ ନପିନ୍ଧିଥିବା ବ୍ୟକ୍ତିଙ୍କୁ ତେଲ ନଦେବାକୁ କୁହାଯାଇଛି। ଏହା ବ୍ୟତୀତ ସରକାରୀ ଓ ବେସରକାରୀ ଅଫିସ୍ କର୍ମଚାରୀମାନେ କେବଳ ଖାଇବା ବ୍ୟତୀତ ଅନ୍ୟ ସବୁ ସମୟରେ ମାସ୍କ ପିନ୍ଧିବେ। ସେହିପରି ସର୍ବସାଧାରଣ ସ୍ଥାନରେ ମାସ୍କ ପିନ୍ଧିବା, ସାମାଜିକ ଦୂରତା ମାନିବା ଏବଂ ସ୍ୱଚ୍ଛତା ବଜାୟ ରଖିବାକୁ କହିଛି ବିଏମସି।

# ଯଶୱନ୍ତ ସିହ୍ନାଙ୍କୁ ସମର୍ଥନ ଘୋଷଣା କଲା ଆପ୍



ନୂଆଦିଲ୍ଲୀ, ୧୬/୦୭ : ଆସନ୍ତା ୧୮ ତାରିଖରେ ଅନୁଷ୍ଠିତ ହେବ ରାଷ୍ଟ୍ରପତି ନିର୍ବାଚନ। ଏହି ନିର୍ବାଚନରେ ବିରୋଧର ମେଣ୍ଟର ପ୍ରାର୍ଥୀ ଯଶୱନ୍ତ ସିହ୍ନାଙ୍କୁ ସମର୍ଥନ କରିବ ଅରବିନ୍ଦ କେଜ୍ରିୱାଲଙ୍କ ଆମ ଆଦମୀ ପାର୍ଟି। ଆଜି ଆପ୍ ପକ୍ଷରୁ ବିଧିବଦ୍ଧ ଭାବେ ଏହି ଘୋଷଣା କରାଯାଇଛି। ଶ୍ରୀ ସିହ୍ନାଙ୍କ ଲଢ଼େଇ ଏନଡିଏ ପ୍ରାର୍ଥୀ ତଥା ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁଙ୍କ ସହ ହେବ। ମୁର୍ମୁଙ୍କ ସହ ଅନେକ ଅଣ ଏନଡିଏ ଦଳ ଥିବାରୁ ସେ ରାଷ୍ଟ୍ରପତି ନିର୍ବାଚନ ଜିତିବା ଏକ ପ୍ରକାରର ନିଶ୍ଚିତ ହୋଇଛି। ଆପ ରାଷ୍ଟ୍ରପତି ନିର୍ବାଚନରେ ଯଶୱନ୍ତ ସିହ୍ନାଙ୍କୁ ସମର୍ଥନ କରିବ ବୋଲି ଦଳର ରାଜ୍ୟସଭା ସାଂସଦ ସଞ୍ଜୟ ରାଉତ ଘୋଷଣା କରିଛନ୍ତି। ସେ କହିଛନ୍ତି, "ଦ୍ରୌପଦୀ ମୁର୍ମୁଙ୍କ ପ୍ରତି ଆମର ସମ୍ମାନ ରହିଛି। ହେଲେ ଆମ ଦଳ ଯଶୱନ୍ତ ସିହ୍ନାଙ୍କୁ ସମର୍ଥନ କରିବାକୁ ନିଷ୍ପତ୍ତି ନେଇଛି।" ଆପ ଏକମାତ୍ର ଅଣ ବିଜେପି ଓ ଅଣ କଂଗ୍ରେସ ଦଳ ଯିଏ ଦିଲ୍ଲୀ ଏବଂ ପଞ୍ଜାବରେ ସରକାର ଗଠନ କରିଛି। ଲୋକସଭାରେ ଆପ୍‌ର କୌଣସି ସାଂସଦ ନାହାନ୍ତି। କିନ୍ତୁ ଦଳ ପାଖରେ ୧୦ ଜଣ ରାଜ୍ୟସଭା ସାଂସଦ ରହିଛନ୍ତି। ଏମାନଙ୍କ ମଧ୍ୟରୁ ୩ ଜଣ ଦିଲ୍ଲୀରୁ ରାଜ୍ୟସଭାକୁ ଯାଇଛନ୍ତି। ସେହିପରି ଆପ ପାଖରେ ମୋଟ ୧୫୬ ଜଣ ବିଧାୟକ ରହିଛନ୍ତି। ଦଳ ପଞ୍ଜାବରେ ୯୨ଟି ଆସନ ଜିତିଥିବା ବେଳେ ଦିଲ୍ଲୀରେ ୬୨ ଓ ଗୋଆରେ ୨ଟି ଆସନ ଦଖଲ କରିଥିଲା। ଯଶୱନ୍ତ ସିହ୍ନାଙ୍କ ପ୍ରାର୍ଥିତ୍ୱକୁ ▶▶ପୃଷ୍ଠା ୭

## ପୋଲିସ ଇନ୍ସପେକ୍ଟର ସ୍ନିଗ୍ଧାରାଣୀ ସୁନା ନିଲମ୍ବିତ

ଭୁବନେଶ୍ୱର, ୧୬/୦୭ (ନି.ପ୍ର): ଚାକିରୀରୁ ନିଲମ୍ବିତ ହେଲେ ବିବାଦୀୟ ପୋଲିସ ଇନ୍ସପେକ୍ଟର ସ୍ନିଗ୍ଧାରାଣୀ ସୁନା। କାର ଧକ୍କାରେ ୩ଜଣଙ୍କ ମୃତ୍ୟୁ ଘଟଣାରେ ପୋଲିସ ଇନ୍ସପେକ୍ଟର ସୁନାଙ୍କୁ ଆଜି ପୋଲିସ ଡିଜି ସୁନୀଲ କୁମାର ବଂସଲ ଚାକିରିରୁ ନିଲମ୍ବନ କରିଛନ୍ତି । ନିଲମ୍ବନ ଅବଧି ମଧ୍ୟରେ ସେ ସୁନ୍ଦରଗଡ଼ ପୋଲିସ ଏସପିଙ୍କ ଅଧୀନରେ ରହିବେ ତଥା ଓଡ଼ିଶା ସର୍ଭିସ କୋଡ୍ -୯୦ ଅନ୍ତର୍ଗତ ସେ ନିଜର ଡିଏ ଓ ଅନ୍ୟାନ୍ୟ ଭତ୍ତା ପାଇବାକୁ ମଧ୍ୟ ହକଦାର ହେବେ ବୋଲି ଆଜି ପୋଲିସ ମୁଖ୍ୟାଳୟରୁ ଜାରି ନିର୍ଦ୍ଦେଶନାମାରେ ଦର୍ଶାଯାଇଛି । ସୂଚନାଯୋଗ୍ୟ, ରଥଯାତ୍ରା ଡ୍ୟୁଟି ଶେଷ କରି ଇନ୍ସପେକ୍ଟର ଶ୍ରୀମତୀ ସୁନା ଓ ତାଙ୍କ ଡ୍ରାଇଭର ଅଜୟ ଜେଠୀ ନିଜ କାର ଯୋଗେ ପୁରୀରୁ ସୁନ୍ଦରଗଡ଼ ଫେରିବା ବାଟରେ ୫୭ନମ୍ବର ଜାତୀୟ ରାଜପଥର ବଡ଼ବାହାଲି ଛକ ନିକଟରେ ଏକ ପରିବା ବୋଝେଇ ଅଟୋ ଓ ବାଇକକୁ ଧକ୍କା ଦେଇଥିଲେ । ଘଟଣାସ୍ଥଳରେ ୩ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୬ଜଣ ଆହତ ହୋଇଥିଲେ । ଦୁର୍ଘଟଣା ଘଟାଇବା ପରେ ଇନ୍ସପେକ୍ଟର ଶ୍ରୀମତୀ ସୁନା ଓ ତାଙ୍କ ଡ୍ରାଇଭର ଫେରାର ହୋଇ ଯାଇଥିଲେ । ଏହାପର ଦିନ ଉଭୟଙ୍କୁ ପୋଲିସ୍ ଗିରଫ କରିଥିଲା ।

# ୧୮ରେ ହୀରାକୁଦରୁ ଛଡାଯିବ ବର୍ଷର ପ୍ରଥମ ବନ୍ୟା ଜଳ



ସମ୍ବଲପୁର/ଭୁବନେଶ୍ୱର, ୧୬/୦୭ (ନି.ପ୍ର): ଆସନ୍ତା ୧୮ ତାରିଖରେ ଖୋଲିବ ହୀରାକୁଦ ଜଳଭଣ୍ଡାର । ୧୮ ତାରିଖରେ ଦିନ ୧୧ଟାରେ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯିବ । ପ୍ରଥମ ପର୍ଯ୍ୟାୟରେ ୫ଟି ଗେଟ୍ ଖୋଲାଯିବ ବୋଲି ସୂଚନା ଦେଇଛନ୍ତି ମହାନଦୀ ଅବବାହିକା ମୁଖ୍ୟ ଯନ୍ତ୍ରୀ। ଜଳଭଣ୍ଡାରର ଗେଟ୍ ଖୋଲିବା ପରେ ମହାନଦୀ ଓ ତା'ର ଶାଖା ନଦୀ ଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଇବା ସମ୍ଭାବନା ରହିଛି। ସମ୍ବଲପୁର ସମେତ ତଳ ମୁଣ୍ଡର ୧୨ଟି ଜିଲ୍ଲାର ଜିଲ୍ଲାପାଳ ଓ ଏସପିଙ୍କୁ ସତର୍କ ସୂଚନା ଜାରି କରିଛନ୍ତି ଡ୍ୟାମ କର୍ତ୍ତୃପକ୍ଷ । ଏନେଇ ଶାଖା ନଦୀ ଫୁଲି ଉଠିବାର ସମ୍ଭାବନା ଥିବାରୁ ନଦୀକୁ ଯିବାକୁ ବାରଣ କରାଯାଇଛି । ହୀରାକୁଦ ଡ୍ୟାମ୍ ମୁଖ୍ୟଯନ୍ତ୍ରୀ ଆନନ୍ଦ ଚନ୍ଦ୍ର ସାହୁଙ୍କ କହିବା ମୁତାବକ, ଉପରମୁଣ୍ଡରେ ୧୫.୭୧ ମିଲିମିଟର ବର୍ଷା ହୋଇଛି। ଏ ବର୍ଷ ପ୍ରଥମ କରି ଇନଫ୍ଲୋ ୨ ଲକ୍ଷ କ୍ୟୁସେକ୍ ଅତିକ୍ରମ କରିଛି । ଶୁକ୍ରବାର ସୁଦ୍ଧା ଜଳଭଣ୍ଡାରକୁ ୨ ଲକ୍ଷ ୧୩ ହଜାର୭୭୯ କ୍ୟୁସେକ୍ ଜଳ ପ୍ରବେଶ କରିଛି। ସେପଟେ, ଜଳସ୍ତର ୬୦୪.୯୫ ଫୁଟ୍ ରେ ପହଂଚିଥିବା ବେଳେ ଏହା ଦୁଇଦିନ ମଧ୍ୟରେ ୬୧୦ ଫୁଟ୍ ଯାଏ ପହଂଚିବ ବୋଲି ଆକଳନ କରାଯାଇଛି। ସେଥିପାଇଁ ସୋମବାର ୫ ଟି ଗେଟ୍ ଖୋଲିବାକୁ ନିଷ୍ପତ୍ତି ହୋଇଛି।

# ଜୁଲାଇ ୨୦ରୁ ଯୁକ୍ତ ୨ ନାମଲେଖା ଆବେଦନ



ଭୁବନେଶ୍ୱର, ୧୬/୦୭ (ନି.ପ୍ର): ଯୁକ୍ତ ୨ ପ୍ରଥମ ବର୍ଷରେ ନାମଲେଖାଇବା ପାଇଁ ଆସନ୍ତା ଜୁଲାଇ ୨୦ ତାରିଖରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। ମାଟ୍ରିକ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନେ ଜୁଲାଇ ୨୦ରୁ ଅଗଷ୍ଟ ୧୦ ତାରିଖ ପର୍ଯ୍ୟନ୍ତ ସାମ୍ସ ପୋର୍ଟାଲରେ ଆବେଦନ କରିପାରିବେ। ତେବେ ସିବିଏସ୍‌ଇ/ ଆଇସିଏସ୍‌ଇ ରେଜଲ୍ଟ ପ୍ରକାଶ ପାଇନଥିବାରୁ ଆବେଦନ ଅବଧି ବୃଦ୍ଧି ପାଇପାରେ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ ଶନିବାର ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ଦାଶ କହିଛନ୍ତି, ସିବିଏସ୍‌ଇ/ଆଇସିଏସ୍‌ଇ ରେଜଲ୍ଟ ବାହାରି ନାହିଁ। ଆମେ ଆଶା କରୁଛୁ ଜୁଲାଇ ୨୦ ତାରିଖ ପୂର୍ବରୁ ରେଜଲ୍ଟ ବାହାରିଯିବ। ଯଦି ପିଲାମାନେ ଚାହିଁବେ ସେମାନେ ଆବେଦନ କରିପାରିବେ। ଯଦି ସିବିଏସ୍‌ଇ/ଆଇସିଏସ୍‌ଇ ରେଜଲ୍ଟ ପ୍ରକାଶ ପାଇବାରେ ବିଳମ୍ବ ହୁଏ, ନାମଲେଖା ପାଇଁ ଆବେଦନ ଅବଧି ବଢ଼ିପାରେ। ସୂଚନାଯୋଗ୍ୟ, ଜୁଲାଇ ୬ ତାରିଖରେ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଥିଲା। ଚଳିତ ବର୍ଷ ପାସ୍ ହାର ୯୦.୫୫% ରହିଥିଲା। ୫ ଲକ୍ଷ ୨୬ ହଜାର ୮୧୮ ପିଲା ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୫, ୧୭, ୮୪୭ ଜଣ ପାସ୍ କରିଥିଲେ।

# ମେଡିକାଲ କଲେଜ ଓ ହସ୍ପିଟାଲର ଶିଳାନ୍ୟାସ କଲେ କେନ୍ଦ୍ରମନ୍ତ୍ରୀ



କାନପୁର/ଭୁବନେଶ୍ୱର, ୧୬/୦୭ (ନି.ପ୍ର): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ଆଇଆଇଟି କାନପୁର ଠାରେ 'ଦ ଗଙ୍ଗୱାଲ ସ୍କୁଲ ଅଫ୍ ମେଡ଼ିକାଲ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି' ଏବଂ 'ଯେଦୁପତି ସିଂଘାନିଆ ସୁପର ସ୍ପେଶାଲିଟି' ହସ୍ପିଟାଲର ଶିଳାନ୍ୟାସ କରିଛନ୍ତି। ଏହି ଦୁଇଟି ଅନୁଷ୍ଠାନର ଭିତିପ୍ରସ୍ତର ପାଇଁ ଆଇଆଇଟି କାନପୁରକୁ କେନ୍ଦ୍ରମନ୍ତ୍ରୀ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି, ଏହି ଦୁଇଟି ଅନୁଷ୍ଠାନ ପ୍ରତିଷ୍ଠା ହେଲେ ଦେଶର ସ୍ୱାସ୍ଥ୍ୟ ସେବା ପରିସଂସ୍ଥାନ ମଜବୁତ୍ ହେବା ସହ ଉଭା ହେଉଥିବା ଅର୍ଥନୀତିରେ କାନପୁର ସୁଲଭ ତଥା ଭବିଷ୍ୟତ ସମାଧାନର ପେଣ୍ଟସ୍ଥଳି ଭାବରେ ପ୍ରତିଷ୍ଠିତ ହୋଇପାରିବ। ଆଇଆଇଟି କାନପୁର ଭଳି ମହତ ଉଦ୍ୟମ ଗୁଡିକ ସ୍ୱାସ୍ଥ୍ୟସେବା ଏବଂ ଇଞ୍ଜିନିୟରିଂ ମଧ୍ୟରେ ବ୍ୟବଧାନକୁ ଦୂର କରିବ। ସ୍ୱଳ୍ପ ବ୍ୟୟସାପେକ୍ଷ ବୈଷୟିକ ସମାଧାନ ପ୍ରଦାନ କରିବ ଏବଂ ସମାଜର କଲ୍ୟାଣ ପାଇଁ ଅନ୍ୟ ଶିକ୍ଷାନୁଷ୍ଠାନ ଗୁଡ଼ିକୁ ମଧ୍ୟ ପ୍ରେରଣା ଦେବ । ବିଗତ ଛଅ ଦଶନ୍ଧି ଧରି ଆଇଆଇଟି କାନପୁର ଇଞ୍ଜିନିୟରିଂ ଶିକ୍ଷାରେ ଏକ ଅଗ୍ରଣୀ ଅନୁଷ୍ଠାନ ଭାବରେ କାମ କରୁଛି। ଏହି ଅନୁଷ୍ଠାନ ସମୟନୁସାରେ ପରିବର୍ତନ ହେଉଥିବା ସମାଜର ଆବଶ୍ୟକତା ପ୍ରତି ସମ୍ବେଦନଶୀଳ ଏବଂ ଜାତୀୟ ମିଶନକୁ ସମର୍ଥନ କରିବା ସହ ଆତ୍ମନିର୍ଭର ଭାରତ ନିର୍ମାଣରେ ସକ୍ରିୟ ସହଯୋଗ କରିଆସୁଛି। ସେହିପରି ଜଳବାୟୁ ପରିବର୍ତନ, ୱେଷ୍ଟ ଟୁ ୱେଲଥ, ବିକଳ୍ପ ସବୁଜ ଇନ୍ଧନ ଏବଂ ଅର୍ଥନୀତି ପାଇଁ ନୂଆ ବିଜନେସ ମଡ଼େଲ ବିକଶିତ କରିବା ପାଇଁ କୁଶଳ ଏବଂ ସ୍ୱଳ୍ପ ବ୍ୟୟସାପେକ୍ଷ ସମାଧାନ ଅନ୍ୱେଷଣ କରିବାକୁ ଆଇଆଇଟି କାନପୁରକୁ କେନ୍ଦ୍ରମନ୍ତ୍ରୀ ପରାମର୍ଶ ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ଆହୁରି କହିଛନ୍ତି ଯେ ଶିଳ୍ପ ବିପ୍ଳବ ୪.୦ ଭାରତକୁ ଅନେକ ସୁଯୋଗ ପ୍ରଦାନ କରିବ। ଡ୍ରୋନ ସହ ଜଡ଼ିତ ଅର୍ଥନୀତି ଏବଂ ଚିପ୍ ଇକୋସିଷ୍ଟମରେ ଦକ୍ଷତା ବୃଦ୍ଧି ବିକାଶ କରିବା ▶▶ପୃଷ୍ଠା ୭

# ୯ ଜିଲ୍ଲାରେ ଅତି ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୬/୦୭ (ନି.ପ୍ର): ଉପକୂଳ ଓଡ଼ିଶା ଅଂଚଳରେ ଥିବା ଲଘୁଚାପ ବର୍ତ୍ତମାନ ଉତର-ପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତୀ ସମୁଦ୍ର ମଧ୍ୟରେ ଉତର ଓଡିଶା ଏବଂ ପଶ୍ଚିମ ବଙ୍ଗ ଉପକୂଳରେ ସକ୍ରିୟ ଏବଂ ଏହା ସହ ଜଡିତ ଘୁର୍ଣ୍ଣିବଳୟ ବାୟୁମଣ୍ଡଳରେ ୭.୬ କିମି ଉଚ୍ଚତା ଯାଏଁ ବ୍ୟାପିଛି। ସେହିପରି ମୌସୁମୀ ଜନିତ ନିମ୍ନ-ଚାପ ରେଖା ଆଜି ଉତରପୂର୍ବ ଆରବସାଗର ଅଂଚଳର ଅବପାତର କେନ୍ଦ୍ର ରୁ ବାହାରି, ଭାବାନଗର , ଇନ୍ଦୋର, ଜବଲପୁର, ପେନ୍ଡ୍ରା ରୋଡ୍, ଝାରସୁଗୁଡା, ଉତର-ଓଡିଶା -ପଶ୍ଚିମବଙ୍ଗ ଉପକୂଳରେ ସକ୍ରିୟ ଲଘୁଚାପ କେନ୍ଦ୍ର ମଧ୍ୟ ଦେଇ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଯାଏଁ ଲମ୍ବିଛି। ଏହି ନିମ୍ନ ଚାପ ରେଖା ବାୟୁମଣ୍ଡଳରେ ୧.୫କିମି ଉଚ୍ଚତା ଯାଏଁ ବ୍ୟାପିଛି। ଏହାର ପ୍ରଭାବରେ ଆଗାମୀ ୩ ଦିନ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ପ୍ରବଳ ବର୍ଷା ଜାରି ରହିବ। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ସେହିପରି ସମୁଦ୍ର ଅଶାନ୍ତ ଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନଯିବାକୁ ପରାମର୍ଶ ଦିଆଯାଇଛି। ଆଗାମୀ ୨୪ଘଂଟା ମଧ୍ୟରେ ସମଗ୍ର ରାଜ୍ୟରେ ପ୍ରବଳ ବର୍ଷାର ସମ୍ଭାବନା ରହିଥିବା ବେଳେ ରାଜ୍ୟର ୯ଟି ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ଏବଂ ୧୩ଟି ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି ବୋଲି କହିଛି ପାଣିପାଗ ବିଜ୍ଞାନ କେନ୍ଦ୍ର। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ରବିବାର ମଧ୍ୟାହ୍ନ ସୁଦ୍ଧା ରାଜ୍ୟର କଳାହାଣ୍ଡି, କନ୍ଧମାଳ, ବଲାଙ୍ଗୀର, ବୌଦ୍ଧ, ସୋନପୁର, ବରଗଡ଼, ଗଂଜାମ, ଖୋର୍ଦ୍ଧା ଓ ପୁରୀ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ଜିଲ୍ଲାଗୁଡିକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଏହି ସମୟ ମଧ୍ୟରେ ନୟାଗଡ଼, ଜଗତସିଂହପୁର, କଟକ, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ଯାଜପୁର, ▶▶ପୃଷ୍ଠା ୭

# ମୋଟୁରେ ପଶିଲା ପୋଲାଭରମ ପାଣି, ନଦୀ କୂଳରେ ଥିବା ଗ୍ରାମବାସୀଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର: ଛତିଶଗଡ଼ ଓ ଆନ୍ଧ୍ରକୁ ଯୋଗଯୋଗ ବିଛିନ୍ନ ଚତୁର୍ଥ ଦିନରେ

ମାଲକାନଗିରି,୧୬/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲାର ମୋଟୁରେ ପଶିଲା ପୋଲାଭରମର ପଛୁଆ ପାଣି । ଜିଲ୍ଲାରେ ଗତ ୫ ଦିନ ଧରି ଲଗାଣ ବର୍ଷା ଲାଗିରହିଥିବାରୁ ଜିଲ୍ଲାର ସମସ୍ତ ନଦୀରେ ବନ୍ୟାଜଳ ବୃଦ୍ଧି ପାଇଛି । ଏପଟେ ଗୋଦାବରୀ ନଦୀରେ ପୋଲାଭରମ ପ୍ରକଳ୍ପ ଯୋଗୁଁ ବନ୍ୟାଜଳ ନିଷ୍କାସନ ହୋଇପାରୁନଥିବାରୁ ଏବେ ମାଲକାନଗିରି ଜିଲ୍ଲାକୁ ମାଡିଆସୁଛି ବଡ ବିପଦ । ଆଜି ସକାଳୁ ମାଲକାନଗିରି ଜିଲ୍ଲା ସୀମାନ୍ତ ମୋଟୁ ର ମୁଗି ପଏଂଟରେ ୪ ରୁ ୫ ଫୁଟ ପାଣି ବଢିଥିବା ବେଳେ ଆଜି ମୋଟୁ କୁ ବନ୍ୟାଜଳ ପ୍ରବେଶ କରିଛି । ଏପଟେ ସିଲେରୁ ଓ ସାବେରୀ ନଦୀର ତଟ ବର୍ତୀ ଗାଁ ଗୁଡିକରେ ମଧ ପାଣିପାସିଥିବାର ସୂଚନା ମିଳିଛି । ବନ୍ୟାର ମୁକାବିଲା ପାଇଁ ପ୍ରଶାସନ ସଜାଗ ଥିବାବେଳେ ବର୍ଷାର ପରିମାଣ ନ କମିଲେ ସମ୍ପୂର୍ଣ୍ଣ ମୋଟୁ ଏବଂ କାଲିମେଳା ଓ ପଡିଆ ବ୍ଲକର ଅଧିକାଂଶ ଗାଁ ଜଳମଗ୍ନ ହେବ । ଜିଲ୍ଲା ପ୍ରଶାସନ ପକ୍ଷରୁ କାଲିମେଳା ବ୍ଲକ ର ନଦୀ କୂଳରେ ଥିବା ମୋଟୁ ଓ ପୁସୁଗୁଡା ପଚାଂୟତର ୩୫ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ସେହିପରି ସାବେରୀ ନଦୀ କୂଳରେ ଥିବା ପଡିଆ ବ୍ଲକର ୩ ଟି ଗ୍ରାମରୁ ମୋଟ ୧୧୨ ଜଣଙ୍କୁ ବାତ୍ୟା ଆଶ୍ରୟ ସ୍ଥଳରେ ରଖାଯାଇ ପଚାଂୟତ ପକ୍ଷରୁ ସେମାନଙ୍କ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି । ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ହୋଇଥିବା ୧୧୨ ଜଣଙ୍କ ମଧ୍ୟରୁ ଗିରକାନପଲ୍ଲୀ ପଚାଂୟତ ସଦରରୁ ୫୫ ଜଣ, ଉଣ୍ଡରୁକୋଣ୍ଡା ପଚାଂୟତ ଏମଭି ୫୭ ଗ୍ରାମରୁ ୧୩ ଜଣ ଓ ପଡିଆ ପଚାଂୟତ ବଜାଗୁଡା ଗ୍ରାମରୁ ୪୪ ଜଣ ଅଛନ୍ତି । ସମସ୍ତଙ୍କୁ ନିକଟସ୍ଥ ବିଦ୍ୟାଳୟ ଓ ବାତ୍ୟା ଆଶ୍ରୟ ସ୍ଥଳରେ ରଖାଯାଇଛି । ସେମାନଙ୍କ ଭିତରେ ୪୦ ପୁରୁଷ, ୩୬ ଜଣ ମହିଳା ଓ ୨୮ ଜଣ ଛୋଟ ପିଲା ରହିଛନ୍ତି ।

ସୂଚନା ଥାଉକି, ଗତକାଲି ଜିଲ୍ଲାରେ ୫୦ ମିଲିମିଟର ବର୍ଷା ହୋଇଥିବା ବେଳେ ଗତ ରାତି ଠାରୁ ବର୍ଷାର ପରିମାଣ କମିଛି । ଆଜି ଜିଲାପାଳ ବିଶାଲ ସିଂ ମୋଟୁ ଅଂଚଳ ଗସ୍ତ କରି ବନ୍ୟା ପରିସ୍ଥିତି ନେଇ ତହସିଲଦାର ଦୂର୍ଗା ପ୍ରସାଦ ଦୋରା ଓ ବିଡ଼ିଓ ଉମାଶଙ୍କର ଦଳେଇଙ୍କ ସହିତ ଆଲୋଚନା କରିଥିବା ଜଣାପଡିଛି । ମୋଟୁ -ଚିନ୍ତୁର ରାସ୍ତାର ବିଭିନ୍ନ ଛୋଟ ବଡ଼ ବ୍ରିଜ ଉପରେ ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ଆଜି ଚତୁର୍ଥ ଦିନରେ ବି ଛତିଶଗଡ ଓ ଆନ୍ଧ୍ରକୁ ଯୋଗଯୋଗ ବିଛିନ୍ନ ହୋଇ ରହିଛି ।

# ଛଟେଇ ପ୍ରତିବାଦରେ କେନ୍ଦୁଝର ଗଡ ମ୍ୟୁନିସପାଲଟି ସଫେଇ କର୍ମଚାରୀଙ୍କ ଆନ୍ଦୋଳନ

କେନ୍ଦୁଝର ,୧୬/୦୭ (ନି.ପ୍ର): କେନ୍ଦୁଝର ଗଡ ମ୍ୟୁନିସପାଲଟି ରେ ସଫେଇ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କ ଛଟେଇ ପ୍ରତିବାଦରେ ସମସ୍ତ ସଫେଇ କର୍ମଚାରୀମାନେ ଦୁଇ ଦିନ ହେବ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଚାଲିଯାଇଛନ୍ତି । ଫଳରେ ସହରରେ ସଫେଇ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ସଫେଇ କର୍ମଚାରୀମାନେ ମ୍ୟୁନିସପାଲଟି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ମ୍ୟୁନିସିପାଲଟି ର ୪୦ ଜଣ ସଫେଇ କର୍ମଚାରୀଙ୍କୁ କର୍ତୃପକ୍ଷ ଛଟେଇ କରିବା ପରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । କେନ୍ଦୁଝର ଗଡ ମ୍ୟୁନିସପାଲଟି ର ସଫେଇ କର୍ମଚାରୀମାନେ ବିଭିନ୍ନ ଦାବୀ ନେଇ ଦୁଇ ଦିନ ହେବ କାର୍ଯ୍ୟ ବନ୍ଦ ଆନ୍ଦୋଳନ ସହ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ବିକ୍ଷୋଭକାରୀଙ୍କ ଅଭିଯୋଗ ଅନୁଶାରେ କେନ୍ଦୁଝର ଗଡ ମ୍ୟୁନିସପାଲଟି ରେ ପୂର୍ବରୁ ୧୮୦ ସଫେଇ କର୍ମଚାରୀ କାମ କରୁଥିବା ବେଳେ ଇତି ମଧ୍ୟରେ ସେ ମଧ୍ୟରୁ ୪୦ ଜଣ କର୍ମଚାରୀଙ୍କୁ ଛଟେ କରାଯାଇ ଅନ୍ୟମାନଙ୍କୁ କାମ କରିବାକୁ ଅନୁମତି ଦିଆଯାଇଅଛି । ଯାହା ଫଳରେ ସେହି ୪୦ ଜଣ ସଫେଇ କର୍ମଚାରୀ ନିଜର କାର୍ଯ୍ୟ ସହ ସେମାନଙ୍କର ରୋଜଗାର ମଧ୍ୟ ହରାଇବେ । ଫଳରେ ସେମାନଙ୍କର ପରିବାରର ପ୍ରତିପୋଷଣ ସେମାନଙ୍କ ପାଇଁ ବଡ ସମସ୍ୟା ହୋଇ ଚିଡା ହେବ । ତେଣୁ ବହିଷ୍କାର ହୋଇଥିବା ସେହି ୪୦ ଜଣ ସଫେଇ କର୍ମଚାରୀଙ୍କୁ କାମ କରିବାର ସୁଯୋଗ ଦେବାକୁ ଦାବୀ କରି ସେମାନେ ମ୍ୟୁନିସପାଲଟି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଏଥି ସହିତ ଏକ ୧୦ ସମ୍ବଳିତ ଦାବୀପତ୍ର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି । ଅନ୍ୟ ପକ୍ଷରେ ସଫେଇ କାର୍ଯ୍ୟ ପାଇଁ ଟେଣ୍ଡର ନେଇଥିବା ସଂସ୍ଥା ର କର୍ତୃପକ୍ଷ ଙ୍କ କହିଛନ୍ତି ଯେ ସେମାନେ ୧୩୭ ଙ୍କ ପାଇଁ ଟେଣ୍ଡର ନେଇଥିବା ବେଳେ ୧୮୦ ଜଣଙ୍କୁ କିପରି କାମ ଦେବେ ବୋଲି କହିଛନ୍ତି । ଅବଶ୍ୟ ସେ ଆନ୍ଦୋଳନରତ ସଫେଇ କର୍ମଚାରୀ ଙ୍କ ଆଲୋଚନା କରି ଏହାର କୌଣସି ସମାଧାନର ବାଟ ବାର କରିବାକୁ ଚେଷ୍ଟା କରିବେ ବୋଲି କହିଛନ୍ତି । ଏପଟେ ମ୍ୟୁନିସପାଲଟିର ଉପାଧ୍ୟକ୍ଷ ବରଦା ପ୍ରଶନ୍ନ ଦାସ ,ଏ ସଂପର୍କରେ ତାଙ୍କ ପାଖରେ କେହି ଅଭିଯୋଗ କରି ନାହାଁନ୍ତି , ଅଭିଯୋଗ ଆସିଲେ ସମାଧାନର ଉଦ୍ୟମ କରିବେ ବୋଲି କହିଛନ୍ତି ।

# ନେହେରୁ ଯୁବକେନ୍ଦ୍ର ପକ୍ଷରୁ ବିଶ୍ୱ ଯୁବ ଦକ୍ଷତା ଦିବସ ପାଳିତ

କନ୍ଧମାଳ,୧୬/୦୭ (ନି.ପ୍ର): ଫୁଲବାଣୀ ସହରର ସ୍ଥାନୀୟ ଏଜେଓ ହାଇସ୍କୁଲ ଫୁଲବାଣୀ ଠାରେ ନେହରୁ ଯୁବକେନ୍ଦ୍ର ଫୁଲବାଣୀ ତରଫରୁ ବିଶ୍ୱ ଯୁବ ଦକ୍ଷତା ଦିବସ ପାଳିତ ହୋଇଯାଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା କ୍ରୀଡା ଅଧିକାରୀ ଜିତେନ୍ଦ୍ର କୁମାର ମହାକୁଡ଼ ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ଏ.ଜେ.ଓ. ହାଇସ୍କୁଲର ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ପ୍ରଧାନ, କ୍ରୀଡା ଶିକ୍ଷକ ରାକେଶ ବିଶୋଇ, ହିନ୍ଦୀ ଶିକ୍ଷକ ଯୁଧିଷ୍ଠିର ମହାନ୍ତି, ଏବଂ ନେହରୁ ଯୁବ କେନ୍ଦ୍ର ଫୁଲବାଣୀର ସହ କର୍ମୀ ସତ୍ୟବାନ ଦଳବେହେରା, ସ୍ୱେଚ୍ଛାସେବୀ ଚନ୍ଦ୍ରମଣି ଦେହୁରୀ, ରୀତିମା ବାଘ, ସିବେନ୍ଦ୍ର ଡିଗାଲ, ସୁଭଦ୍ରା ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍କୁଲର ଛାତ୍ର ଛାତ୍ରୀ ଏବଂ ନେହରୁ ଯୁବ କେନ୍ଦ୍ରର ସ୍ୱେଚ୍ଛାସେବୀ ପ୍ରମୁଖ ଯୋଗ ଦେଇଥିଲେ । ଛାତ୍ର ଛାତ୍ରୀ ମାନଙ୍କ ମଧରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ସ୍ମୃତିରେଖା ପାତ୍ର ପ୍ରଥମ, ଗୁଣ୍ଡିଚା ରାଣୀ କହଁର ଦ୍ୱିତୀୟ ଏବଂ ରାକେଶ ସାମଲ ତୃତୀୟ ସ୍ଥାନ ଅଧିକାର କରିଥିଲେ । ମୁଖ୍ୟ ଅତିଥି ଦିବସର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଉପସ୍ଥିତ ଛାତ୍ର ଛାତ୍ରୀ ମାନଙ୍କୁ ଅବଗତ କରିଥିଲେ । ବୈଠକରେ ନେହରୁ ଯୁବକେନ୍ଦ୍ର ଫୁଲବାଣୀର ସହ କର୍ମୀ ସତ୍ୟବାନ ଦଳବେହେରା ମୁଖ୍ୟ ଅତିଥି, ଅନ୍ୟାନ୍ୟ ଅତିଥି ଓ ଉପସ୍ଥିତ ଛାତ୍ର ଛାତ୍ରୀ ମାନଙ୍କୁ ସ୍ୱାଗତ କରିଥିବା ବେଳେ ଚନ୍ଦ୍ରମଣି ଦେହୁରୀ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।

# ଖଲଣା ଗୁଳିମାଡ଼ ଘଟଣା : ବିଧାୟକ ପୁତ୍ରଙ୍କ ଗିରଫ ଦାବି କଲା ବିଜେପି

ଘସିପୁରା,୧୬/୦୭ (ନି.ପ୍ର): ଘସିପୁରା ନିର୍ବାଚନମଣ୍ଡଳୀରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପାଇଁ ବିଜେଡି ଦାୟୀ ବୋଲି ବିଜେପି ନେତା ଯଜ୍ଞ ପ୍ରସାଦ ଦାବୀ କରିଛନ୍ତି । ଘସିପୁରା ଅଂଚଳରେ ଦିନକୁ ଦିନ ଆଇନ ଶୃଙ୍ଖଳା ସ୍ଥିତି ବିପର୍ଯ୍ୟସ୍ତ ଆଡ଼କୁ ଗତି କରୁଛି । ପ୍ରଶାସନର ପ୍ରୋତ୍ସାହନରେ ବିଜୁ ଜନତା ଦଳ ସ୍ଥାନୀୟ ଅଂଚଳରେ ଅରାଜକତା ସୃଷ୍ଟି କରୁଛି । ଗତକାଲି ଘଷିପୁରା ବ୍ଲକ ଖଲଣା ଅଂଚଳରେ ହୋଇଥିବା ହଣାକଟା ଓ ଗୁଳିମାଡ଼ ଯୋଗୁଁ ଗୋଟିଏ ନିଷ୍ପାପ ଜୀବନ ଚାଲିଗଲା । ପୁଲିସ ପ୍ରଶାସନ ଉଦ୍ୟମ କରିଥିଲେ ଏ ଘଟଣାକୁ ଏଡାଇ ଦିଆଯାଇ ପାରିଥାଆନ୍ତା । ହେଲେ ସେଭଳି କିଛି ଆଗୁଆ ପଦକ୍ଷେପ ନିଆଗଲା ନାହିଁ ବୋଲି ବିଜେପି ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯଜ୍ଞ ପ୍ରସାଦ ଅଭିଯୋଗ କରିଛନ୍ତି ।

ଏ ନେଇ ଯଜ୍ଞ ପ୍ରସାଦ ଏକ ପ୍ରେସ ଇସ୍ତାହାର ଜାରି କରି କହିଛନ୍ତି, ମୃତ ଯୁବକଙ୍କ ଭାଇ ହତ୍ୟାକାଣ୍ଡ ସମ୍ପର୍କରେ ରାମଚନ୍ଦ୍ରପୁର ଥାନାରେ ଅଭିଯୋଗ କରି ନ୍ୟାୟ ଭିକ୍ଷା କରିଛନ୍ତି । ଏହି ଘଟଣାରେ ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ରଙ୍କ ପୁଅ ଦେବାଶିଷ ପାତ୍ର ସଂପୃକ୍ତ ଥିବା ସେ ଏତଲାରେ ଉଲ୍ଲେଖ କରିଛନ୍ତି । ଅପରପକ୍ଷରେ ଗୁଳିକାଣ୍ଡ ଘଟଣା ପରଠାରୁ ଦେବାଶିଷ ଫେରାର ଥିବା ଶ୍ରୀ ପ୍ରସାଦ ଅଭିଯୋଗ କରିଛନ୍ତି ।

ସେ ଆହୁରି ମଧ କହିଛନ୍ତି, ଘଷିପୁରା ଅଂଚଳରେ ଦିନକୁ ଦିନ ହତ୍ୟାକାଣ୍ଡ ବୃଦ୍ଧି ପାଇବାରେ ଲାଗିଛି । ପ୍ରାୟ ସମସ୍ତ ରାଜନୈତିକ ହତ୍ୟାକାଣ୍ଡରେ ବଦ୍ରି ବାବୁଙ୍କ ପୁଅ ମାନଙ୍କର ସଂପୃକ୍ତି ଥିବା ସର୍ବଦା ଅଭିଯୋଗ ଉଠିଛି । ୨୦୦୩ ମସିହା ମାନସ ରାମ ହତ୍ୟା, ୨୦୦୫ରେ ବରିଷ୍ଠ ବିଜେପି ନେତା ଭଗବାନ ସାହୁଙ୍କ ଉପରେ ବଡ଼ପଦନା ଠାରେ ମରଣାନ୍ତକ ଆକ୍ରମଣ, ଖଲଣା ଅଂଚଳର ବିଶିଷ୍ଟ ଟ୍ରକ୍ ଓ ପେଟ୍ରୋଲ ପମ୍ପ ବ୍ୟବସାୟୀ ଶ୍ରୀକାନ୍ତ ସାହୁ ହତ୍ୟାକାଣ୍ଡ, ୨୦୧୮ ସେପଟ୍ଟେମ୍ବରରେ ପୂର୍ବତନ ପୌର ଉପାଧକ୍ଷ ସୁରେଶ ସାହୁଙ୍କ ସମେତ ୩ ଦଳିତ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଓ ୨୦୧୯ ନିର୍ବାଚନ ପୂର୍ବରୁ ପୂର୍ବତନ ବିଧାୟକ ପ୍ରାର୍ଥୀ ରାମଚନ୍ଦ୍ର ବେହେରା ହତ୍ୟାକାଣ୍ଡ ପର୍ଯ୍ୟନ୍ତ ପ୍ରତ୍ୟେକ ଘଟଣାରେ ଘଷିପୁରା ବିଧାୟକ ପୁତ୍ର ମାନଙ୍କ ସଂପୃକ୍ତି ଥିବା ପୂର୍ବରୁ ଅଭିଯୋଗ ହୋଇ ଆସୁଥିବା ଯଜ୍ଞ ପ୍ରସାଦ ଅଭିଯୋଗ କରିଛନ୍ତି । ସର୍ବୋପରି ଏବେକାର ଆନନ୍ଦପୁର ବିଧାୟକ ଭାଗିରଥି ସେଠୀଙ୍କୁ ୫ ବର୍ଷ ତଳେ ହୋଇଥିବା ମରଣାନ୍ତକ ଆକ୍ରମଣ ଘସିପୁରା ବିଧାୟକଙ୍କ ପୁଅ କରିଥିବା ଶ୍ରୀ ସେଠୀ ସେ ସମୟରେ ଅଭିଯୋଗ କରିଥିବା ଯଜ୍ଞ କହିଛନ୍ତି । ଆନନ୍ଦପୁର ଓ ଘଷିପୁରା ଅଂଚଳରେ ବିଜେଡି ପକ୍ଷରୁ ଅଧିକାଂଶ ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରାଯାଉଛି । ଖଲଣା ହତ୍ୟାକାଣ୍ଡରେ ବିଧାୟକଙ୍କ ପୁତ୍ର ଦେବାଶିଷ ପାତ୍ରଙ୍କ ସଂପୃକ୍ତି ଥିବା ମୃତକଙ୍କ ଭାଇ ଅଭିଯୋଗ କରିଥିବାରୁ ତାଙ୍କୁ ତୁରନ୍ତ ଗିରଫ କରିବା ପାଇଁ ବିଜେପି ଯୁବନେତା ଯଜ୍ଞ ପ୍ରସାଦ ଦାବି କରିଛନ୍ତି ।

# ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବିହନ ସହାୟକ ରାଶି ପ୍ରଦାନ

ବଲାଙ୍ଗିର ,୧୬/୦୭ (ନି.ପ୍ର): ପୁଇଁନ୍ତଲା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ତରଫରୁ ଅଧକ୍ଷ ସ୍ମାରକ ରଂଜନ ମିଶ୍ରଙ୍କ ଅଧକ୍ଷତାରେ ଗତକାଲି ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡିକୁ ବିହନ ରାଶି ବଣ୍ଟନ କରାଯାଇଛି । ଆତ୍ମା ପକ୍ଷରୁ ଆୟୋଜିତ ଏହି ସଭାରେ ବଲାଙ୍ଗିର ଜିଲ୍ଲା କୃଷି ଅଧିକାରୀ ସଂଜୟ ପାଣି, ବ୍ଲକ କୃଷି ଅଧିକାରୀ ତରୁଣ କୁମାର ବେହେରା, ସହକାରୀ କୃଷି ଅଧିକାରୀ ସାନ୍ତନୁ କୁମାର ପଟେଲ, ପୁଇଁନ୍ତଲା ବ୍ଲକ କୃଷି ଅଧିକାରୀ ସ୍ୱସ୍ତିକ ପଣ୍ଡା, ବଲାଙ୍ଗିର ବ୍ଲକ କୃଷି ଅଧିକାରୀ ଜଗବନ୍ଧୁ ପଟେଲ, ବ୍ଲକ ବୈଷୟିକ ପରିଚାଳକ ପ୍ରବୀଣ କୁମାର ବାନାପିଲି ଉପସ୍ଥିତ ଥିଲେ । ଉକ୍ତ ସଭାରେ ପୁଇଁନ୍ତଲା ବ୍ଲକର ମୋଟ ୧୩ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ କୃଷି ତଥା ଆନୁସଙ୍ଗିକ ଚାଷ ପାଇଁ ଗୋଷ୍ଠୀ ପ୍ରତି ୧୦ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଥିଲା । ଅଧକ୍ଷ ଶ୍ରୀ ମିଶ୍ର ସମସ୍ତ ଗୋଷ୍ଠୀଙ୍କୁ ଅର୍ଥ ପ୍ରଦାନ କରିବା ସହିତ ଶୁଭକାମନା ଜଣାଇଥିଲେ ।

# ସଂଯୁକ୍ତା ନାୟକ ନବ ନିର୍ବାଚିତ ସଭାପତି



ବାସୁଦେବପୁର,୧୬/୦୭ (ନି.ପ୍ର): ବାସୁଦେବପୁର ବ୍ଲକ ର ବାଲିମେଦ ସେବା ସମବାୟ ସମିତିର ନିର୍ବାଚନ ସରି ଯାଇଛି । ଏହି ନିର୍ବାଚନ ରେ ବୋର୍ଡ ମେମ୍ବର ଭାବେ ଜିତିବା ସହିତ ସଂଯୁକ୍ତା ନାୟକ ନୂତନ ଭାବେ ସୋସାଇଟି ର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି । ଶ୍ରୀମତୀ ନାୟକ ନୂଆ ସଭାପତି ହେବା ପରେ ବାଲିମେଦ,ରାଜଘରପୋଖରୀ, କାଳିଦାସପୁର, ପୁରୁଷୋ ମପୁର ପ୍ରଭୃତି ବିଭିନ୍ନ ଗ୍ରାମର ଗ୍ରାମବାସୀ ଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଆଗାମୀ ଦିନରେ ଚାଷୀ ମନଙ୍କ ର ସମସ୍ୟା କୁ ଠିକ ଭାବେ ଆମେ ବୁଝିବୁ ବୋଲି ଶ୍ରୀମତୀ ନାୟକ ପ୍ରକାଶ କରିଥିଲେ ।

# ୧୨୭ ବାଟାଲିୟନ କେନ୍ଦ୍ରୀୟ ସୁରକ୍ଷାବଳ ଦ୍ୱାରା ପଲିଶ୍ରୀ କ୍ଲବ ପରିସରରେ ବୃକ୍ଷ ରୋପଣ

କନ୍ଧମାଳ ,୧୬/୦୭ (ନି.ପ୍ର): କଥାରେ ଅଛି ଗଛ ଟିଏ ଶିଶୁ ଟିଏ ସେହିପରି ଆମେ ଗୋଟେ ଶିଶୁ କୁ ଯେଉଁ ଅନୁସାରେ ଲାଳନ ପାଳନ କରିଥାଉ ସେହି ଅନୁସାରେ ଯଦି ଗୋଟେ ବୃକ୍ଷ କୁ ଯତ୍ନ ନିଆଯାଏ ତ ଆଗାମୀ ଦିନରେ ସେ ବହୁ ପ୍ରକାରର ସାହାଯ୍ୟ ରେ ଆସିଥାଏ ଆଜି ସକାଳ ଦଶ ଟା ସମୟରେ ତୁମୁଡିବନ୍ଧ ବ୍ଲକ ର ପଲିଶ୍ରୀ କ୍ଲବ ପରିସରରେ କେନ୍ଦ୍ରୀୟ ସୁରକ୍ଷା ବଳ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ ହେଇଯାଇଛି । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ତୁମୁଡିବନ୍ଧ ବ୍ଲକ ଅଧକ୍ଷା ଶ୍ରୀମତୀ ବାସନ୍ତୀ ମାଝୀ, ସନମାନିତ ଅତିଥି ଭାବେ ତୁମୁଡିବନ୍ଧ ତହସିଲଦାର ଏମ ଅନୁରାଧା, ତୁମୁଡିବନ୍ଧ ଗ୍ରାମ ପଞ୍ଚାୟତ ସରପଞ୍ଚ ପ୍ରିୟଙ୍କା ପତ୍ରା ,୧୨୭ ବାଟାଲିୟନ ର କମାଣ୍ଡେଣ୍ଟ ବିଜୟ ପ୍ରକାଶ ଚୋବେ ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ପ୍ରମୋଦ ମାନସେଟ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ. ପଲିଶ୍ରୀ କ୍ଲବ ର ସମ୍ପାଦକ ନେତ୍ର ମାନସେଟ ଅତିଥି ମାନଙ୍କ ପରିଚୟ ଦେଇ କାର୍ଯ୍ୟକ୍ରମ କୁ ସେ ଆଗେଇନେଇଥିଲେ । ସମସ୍ତେ ଜାଣିଛନ୍ତି ଯବାନ ସମୂହ ସବୁବେଳେ ଲୋକଙ୍କ ସୁରକ୍ଷା ପାଇଁ ନିଜ ଜୀବନକୁ ବଳିଦାନ କରିଥାନ୍ତି କିନ୍ତୁ ଆଜି ୧୨୭ ବାଟାଲିୟନ ଦ୍ୱାରା ବୃକ୍ଷ ରୋପଣ ରେ ଏକ ପ୍ରକାରର ଜନ ସମ୍ପର୍କ ସୃଷ୍ଟି ହୋଇଥିଲା ଯାହାକି ଯବାନ ଓ ଜନସାଧାରଣ ମାନଙ୍କ ସହ ରହିବା କଥା ଏହି ପ୍ରକାରର କାର୍ଯ୍ୟ ଆଗକୁ ପୁଣି କରନ୍ତୁ ବୋଲି ସାଧାରଣ ରେ ଆଲୋଚନା ଚାଲିଥିବା ବେଳେ ତୁମୁଡିବନ୍ଧ ବ୍ଲକ ର ବୁଦ୍ଧିଜୀବୀ ପ୍ରଶଂସା କରିଛନ୍ତି କିନ୍ତୁ ଅନ୍ୟ ପକ୍ଷରେ ସବୁ ସ୍ଥାନରେ ବୃକ୍ଷ ରୋପଣ କରାଯାଉଅଛି କିନ୍ତୁ ବୃକ୍ଷ ରୋପଣ ସରିଯିବା ପରେ ସେହି ବୃକ୍ଷ ର ଯତ୍ନ କେହି ମଧ ନେଉ ନାହାନ୍ତି ନା ବନ ବିଭାଗ ନେଉଛନ୍ତି ନା ସାଧାରଣ ଜନତା ନେଉଛନ୍ତି ବୁଦ୍ଧିଜୀବୀ ମହଲରେ ବୃକ୍ଷ ଲଗାଇବା ସହ ଯତ୍ନ ନେବା ପାଇଁ ଅନୁରୋଧ କରିଛନ୍ତି ।

# ମଣିଷକୁ ସୃଜନଶୀଳ ସାହିତ୍ୟ ବର୍ଷା କବିତା ଆସର

ନୂଆପଡ଼ା,୧୬/୦୭ (ନି.ପ୍ର): ସିନାପାଲି ଗଙ୍ଗାଧର ସାରସ୍ୱତ ସମିତି ଆନୁକୂଲ୍ୟରେ ସ୍ଥାନୀୟ ସ୍ୱର ସଙ୍ଗମ କଳା ପରିଷଦର ସଭାଗୃହରେ 'ବର୍ଷା' ଶୀର୍ଷକରେ ଏକ କବିତା ଆସର ଗୁରୁବାର ସଂଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ସମିତିର ସଭାପତି ଯୁବ ଲେଖକ ବୈଷ୍ଣବ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆସରରେ ବରିଷ୍ଠ କବି ଚିନ୍ତାମଣି ସାହୁ, ସ୍ତମ୍ଭକାର ରବିଂଦ୍ରନାଥ ଯୋଷୀ, ସଂଙ୍ଗୀତଜ୍ଞ ତ୍ରିନାଥ ମେହେର ମଂଚାସୀନ ଥିଲେ । ପ୍ରାରମ୍ଭରେ ଯୁବକବି ପ୍ରଦ୍ୟୁମ୍ନ କୁମାର ସିଂହ ଚିନ୍ଦା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ବିଦ୍ୟାର ଅଧିଷ୍ଠାତ୍ରୀ ଦେବୀ ସରସ୍ୱତୀଙ୍କ ନିକଟରେ ପୂଜାର୍ଚ୍ଚନା ପରେ ଚୂଡ଼ାମଣି ମେହେର ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ । ଏହା ପରେ ଅଧ୍ୟାପକ କବି ଧ୍ରୁବଚରଣ ପଧାନଙ୍କ ସଂଯୋଜନାରେ ଉପସ୍ଥିତ କବିଗଣ ବର୍ଷା ଶୀର୍ଷକରେ ସ୍ୱଲିଖିତ କବିତା ପାଠ କରିଥିଲେ । ଆସରରେ ବରିଷ୍ଠ କବି ମହେନ୍ଦ୍ର ସୁନାନୀ, ବିଜୟ କୁମାର ଯୋଷୀ, ମୁରଲୀଧର ସା, ପରେଶନାଥ ପାଣିଗ୍ରାହୀ, ମୋହନ ଚରଣ ଦାସ, ଚିନ୍ତାମଣି ହଂସ, ତରୁଣ କୁମାର ମେହେର, ପ୍ରଦ୍ୟୁମ୍ନ ସିଂହ ଚିନ୍ଦା, ଲୋଚନ ମେହେର, ହରେକ୍ରୃଷ୍ଣ ମେହେର, ନୀଲାଂଚଳ ମେହେର, ଭ୍ରମରବର ବାଗ, ଚୂଡ଼ାମଣି ମେହେର, ନିକୁଞ୍ଜବିହାରୀ ସା, ବଂଶୀଧର ଜଗତ, ମନୋଜ ମହାନନ୍ଦ, ରୂପେଶ ମେହେର, ପିଣ୍ଟୁ ଖଣ୍ଡାୟତ ପ୍ରମୁଖ କବିତା ଆବୃତି ସହ ସାରସ୍ୱତ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ପରିବେଶ ଆଧାରିତ କବିତା ଆସର ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

ସମ୍ବଲପୁର ,୧୬/୦୭ (ନି.ପ୍ର): ଜମନକିରା ବ୍ଲକ ନୁଆଁ ଗାଁ ଉଚ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣ ରେ ପ୍ରଧାନ ଶିକ୍ଷକ ପବିତ୍ର ମୋହନ ସାହୁ ଙ୍କ ସଭାପତିତ୍ୱରେ ପ୍ରଥମେ ବନ ମହୋତ୍ସବ ଉପଲକ୍ଷେ ଏକ ପରିବେଶ ସମ୍ପର୍କିତ କବିତା ଆସର ଅନୁଷ୍ଠିତ ହେବା ପରେ ସ୍କୁଲ ପରିସର ଓ ରାସ୍ତା କଡରେ ବୃକ୍ଷ ରୋପଣ କରାଯାଇଥିଲା । ଏହି ଉତ୍ସବରେ ଅବସର ପ୍ରାପ୍ତ କଲେଜ ଅଧକ୍ଷ ପ୍ରକୃତି ବନ୍ଧୁ ସୁବାସ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଜମନକିରା ବ୍ଲକ କୁ ସବୁଜ ସୁନ୍ଦର କରି ଗଢି ତୋଳିବା ପାଇଁ ଆହ୍ୱାନ ଦେଇଥିଲେ । ମୁଖ୍ୟବକ୍ତା ଭାବରେ ଝାରସୁଗୁଡା ର ଝରଣା ସାହିତ୍ୟ ସଂସଦ ର ସଂପାଦକ ପ୍ରେମ ସାଗର ଦେହେରିଆ ଏକ ବିପ୍ଳବୀ କବିତା ପାଠକରି ସମାଜ ଗଠନ ପାଇଁ ଜଙ୍ଗଲ ସୁରକ୍ଷା ଆବଶ୍ୟକ ବୋଲି କହିଥିଲେ । ଆବାହକ ଅବସର ପ୍ରାପ୍ତ ଶିକ୍ଷକ ଟିକେଶ୍ୱର ପଟେଲ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ କବି ରଜନୀ ପଟେଲ ଅତିଥି ପରିଚୟ ପ୍ରଦାନ କରିବ ସହ କବିତା ଆସର କୁ ସଂଯୋଜନା କରିଥିଲେ । କବି ସର୍ବଶ୍ରୀ ପ୍ରମୋଦ କୁମାର ନାୟଜ, ସୁଶୀଲ କୁମାର ମହାକୁଳ, ଶମ୍ଭୁ ନାଥ ସାହୁ, ମାନସ କୁମାର ଦେହେରି, ଅଜିତ କୁମାର ପ୍ରଧାନ ପ୍ରମୁଖ କୋଡିଏ ଜଣ କବି ସ୍ୱରଚିତ ପରିବେଶ ଧର୍ମୀ କବିତା ପାଠ କରିଥିଲେ । ଏହାପରେ ସି. ଆର. ସି. ସି. ସୁଦୀପ୍ତ କୁମାର ପଟେଲ,ଶିକ୍ଷିକ ଅଜିତ କୁମାର ସାହୁ, ଶିକ୍ଷିକା ରାଜେଶ୍ୱରୀ ନାୟକ, ବିଶ୍ୱନାଥ ନାୟକ, ବିଜୟ ସାହୁ, ବିଜବର ଜାମୁଡାଳିଆ ଆଦିଙ୍କ ନେତୃତ୍ୱରେ ଅତିଥି ଗଣଙ୍କ ଗହଣରେ ଛାତ୍ର ଛାତ୍ରୀ ଓ ଗ୍ରାମବାସୀ ଦୁଇ ଶହ ଚାରା ରୋପଣ କରିଥିଲେ ।

# ତୁମୁଡିବନ୍ଧରେ କୃଷକ ଉତ୍ପାଦକ କମ୍ପାନୀର ଏକ ଦିବସୀୟ ତାଲିମ୍ କାର୍ଯ୍ୟକ୍ରମ

କନ୍ଧମାଳ,୧୬/୦୭ (ନି.ପ୍ର): ତୁମୁଡିବନ୍ଧ ବ୍ଲକ୍ ସମ୍ମିଳନୀ କକ୍ଷରେ କେନ୍ଦ୍ରୀୟ ଯୋଜନା ଅନ୍ତର୍ଗତ ତଥା ନାବାର୍ଡ ଓ ମହାଶକ୍ତି ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ କୃଷକ ଉତ୍ପାଦକ କମ୍ପାନୀ, ସରକାରୀ ଅଧିକାରୀ ତଥା କୃଷକ ମାନଙ୍କ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ତୁମୁଡ଼ିବନ୍ଧ ବ୍ଲକ୍ ଅଧକ୍ଷା ଶ୍ରୀମତୀ ବାସନ୍ତୀ ମାଝୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ଗୋବିନ୍ଦ ଚନ୍ଦ୍ର ଦାସ ସହକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଦେବାଶିଷ ନାୟକ ସହକାରୀ ଉଦ୍ୟାନ ଅଧିକାରୀ, ପ୍ରେମାନନ୍ଦ ବଳିୟାର ସିଂହ ବ୍ଲକ ସଂଯୋଜକ ଓଡ଼ିଶା ଜୀବିକା ମିଶନ, ରାଜେନ୍ଦ୍ର ମଝିଆ ସେଠ ବ୍ଲକ୍ ସଂଯୋଜକ ମିଶନ ଶକ୍ତି, ଲିଙ୍ଗରାଜ ପ୍ରଧାନ ପରିଚାଳନା ନିର୍ଦ୍ଦେଶକ ନୂଆ ସକାଳ କୃଷକ ଉତ୍ପାଦକ କମ୍ପାନୀ, ହୃଷୀକେଶ ସାହୁ ପ୍ରତିନିଧି ମହାଶକ୍ତି ଫାଉଣ୍ଡେସନ ପ୍ରମୁଖ ମଂଚାସିନ ଥିଲେ । ଏହି କାର୍ଯ୍ୟକ୍ରମରେ ନାବାର୍ଡ ତରଫରୁ ଗଠନ ହୋଇଥିବା କୃଷକ ଉତ୍ପାଦକ କମ୍ପାନୀର ନିର୍ଦ୍ଦେଶକ ମାନେ ତଥା ବ୍ଲକ୍ ର ଅଗ୍ରଣୀ ଚାଷୀ ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟା ମାନେ ଯୋଗଦେଇ କୃଷକ ଉତ୍ପାଦକ କମ୍ପାନୀ ଗଠନର ଉପକାରିତା ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । କୃଷକ ଉତ୍ପାଦକ କମ୍ପାନୀ ମାନଙ୍କ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର କଣ କଣ ଯୋଜନା ରହିଛି, କୃଷକ ମାନେ ଉତ୍ପାଦିତ ଦ୍ରବ୍ୟର ବଜାରିକରଣ କେମିତି କରିପାରିବେ, ଆଧୁନିକ ପଦ୍ଧତିରେ କିପରି ଚାଷ କରି ଅଧିକ ଦୁଇ ପଇସା ଲାଭ ପାଇ ପାରିବେ ସେ ବିଷୟରେ ଉପସ୍ଥିତ ଅଧିକାରୀ ଗଣ ମତ ପୋଷଣ କରିଥିଲେ । ମହାଶକ୍ତି ଫାଉଣ୍ଡେସନର ବରିଷ୍ଠ ପରିଚାଳକ ହୃଷିକେଶ ସାହୁ କୃଷକ ଉଦପାଦକ ସଂଘର ପଞ୍ଜିକରଣ, ନିର୍ଦ୍ଦେଶକ ମଣ୍ଡଳୀ ଗଠନ, ଅଂଶ ଧନ ସଂଗ୍ରହ, ନାବାର୍ଡ ତଥା ସରକାରୀ ଅନୁଦାନ ଆଦି ବିଷୟରେ ସୂଚନା ଦେଇ ଥିଲେ ।

# ନୂତନ ବସଷ୍ଟାଣ୍ଡକୁ ସ୍ଥାନାନ୍ତରିତ ହେଲା ଅଟୋ ଷ୍ଟାଣ୍ଡ

ବଲାଙ୍ଗିର,୧୬/୦୭ (ନି.ପ୍ର): ଆରଟିଓ ଅଫିସ ନିକଟରେ ନୂତନ ବସଷ୍ଟାଣ୍ଡ ହେବା ପରେ ସହର ଭିତରେ ଥିବା ଘରୋଇ ବସ ଏବଂ ସରକାରୀ ବସଷ୍ଟାଣ୍ଡ ସ୍ଥାନନ୍ତରିତ ହେବା ପରେ ଅଟୋ ଚାଳକ ସଂଘ ୧୩ ତାରିଖ ଦିନ ଜିଲ୍ଲାପାଳ ଓ ଆରକ୍ଷି ଅଧିକ୍ଷକଙ୍କୁ ଦାବିପତ୍ର ଜଣାଇଥିଲେ । ପୂର୍ବରୁ ଘରୋଇ ବସ ଷ୍ଟାଣ୍ଡ ସମ୍ମୁଖରେ ଯାତ୍ରିଙ୍କ ସୁବିଧା ପାଇଁ ନିଆ ଅଣା ପାଇଁ ଅଟୋ ଷ୍ଟାଣ୍ଡ ସ୍ଥାପନ ହୋଇଥିଲା । ଘରୋଇ ବସ ଷ୍ଟାଣ୍ଡ ସ୍ଥାନନ୍ତରିତ ହେବା ପରେ ଅଟୋ ଚାଳକ ଅଡୁଆରେ ପଡିଯାଇଥିଲେ । ପ୍ରାୟ ୫୦ ଅଟୋ ଚଳାଚଳ ଠପ୍ ହୋଇଯାଇଥିଲା । ଏ ନେଇ ଜିଲ୍ଲା ପ୍ରଶାସନକୁ ଅଟୋ ଚାଳକ ସଂଘ ଏକ ସ୍ଥାନୀୟ ଜାଗା ଚିହ୍ନଟ ପାଇଁ ଜିଲ୍ଲାପାଳଙ୍କୁ ଅନୁମତି ମାଗିଥିଲେ । ପ୍ରଶାସନ ଙ୍କ ସହଯୋଗ ରେ ଆଜି ଜାଗା ଚିହ୍ନଟ ହୋଇ ଅଟୋ ଷ୍ଟାଣ୍ଡ ଉଦ୍‌ଘାଟନ ହୋଇଯାଇଛି । ବିଶିଷ୍ଟ ସୁଚନାକର୍ମୀ ତଥା ଘରୋଇ ବସ ମାଲିକ ସଂଘ ସଭାପତି ହେମନ୍ତ ପଣ୍ଡା ଅଟୋଷ୍ଟାଣ୍ଡକୁ ଉଦ୍‌ଘାଟନ କରିଛନ୍ତି ।

# ଶରତ ବାରିକ ସଭାପତି ନିର୍ବାଚିତ



ବାସୁଦେବପୁର,୧୬/୦୭ (ନି.ପ୍ର): ବାସୁଦେବପୁର ସହରରେ ଥିବା ବାସୁଦେବପୁର ସେବା ସମବାୟ ସମିତିର ନୂଆ ସଭାପତି ଭାବେ ଶରତ ବାରିକ ନିର୍ବାଚିତ ହୋଇଛନ୍ତି । ବିଜୁ ଜନତା ଦଳ ସମର୍ଥିତ ଶ୍ରୀ ବାରିକ ସଭାପତି ହେବା ପରେ ବାସୁଦେବପୁର ବାସୀ ଓ ଚାଷୀ ଭାଇ ଭଉଣୀ ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏହା ବ୍ୟତୀତ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଙ୍କୁ ମଧ ଶ୍ରୀ ବାରିକ ଅଭିନନ୍ଦନ ଜଣାଇଛନ୍ତି । ଆଗାମୀ ଦିନରେ ଚାଷୀମାନେ ଠିକ ଭାବେ ସୋସାଇଟି ମାଧ୍ୟମରେ ଧାନ ବିକ୍ରିକରିପାରିବେ ଓ ସେମାନଙ୍କ ପାଇଁ ସରକାର ଙ୍କ ତରଫରୁ ଆସୁଥିବା ସାର ଓ ବିଷ ଠିକ ଭାବେ ଯୋଗାଇ ଦିଆଯିବ ବୋଲି ଶ୍ରୀ ଶରତ ବାରିକ ସାମ୍ବାଦିକ ଙ୍କ ସାମ୍ନାରେ ପ୍ରକାଶ କରିଥିଲେ ।

# ଗୁପ୍ତେଶ୍ୱର ମନ୍ଦିରରେ ବୋଲ ବୋମ ନିମନ୍ତେ ପ୍ରସ୍ତୁତି ବୈଠକ

ଜୟପୁର,୧୬/୦୭ (ନି.ପ୍ର): ଗୁପ୍ତେଶ୍ୱର ମନ୍ଦିରରେ ଶ୍ରାବଣ ମାସ ବୋଲବମ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ଶ୍ରଦ୍ଧାଳୁ ଓ କାଉଡିଆ ମାନେ କାନ୍ଦୁଲବେଡ଼ା ରାସ୍ତା ଦେଇ ଗୁପ୍ତେଶ୍ୱର ମନ୍ଦିର ଯିବେ ଏବଂ ଡକରୀ ଘଟି ଦେଇ ଫେରିବା ପାଇଁ ପ୍ରଶାସନ ବ୍ୟବସ୍ଥା କରିଛନ୍ତି । ଗୁପ୍ତେଶ୍ୱର ମନ୍ଦିର ପାଶ୍ୱରେ ଯେଉଁ ନଦୀ ଯାଉଛି ସେହି ଚାରି ପାଶ୍ୱ ବେରିକେଡ଼ିଂ, ମନ୍ଦିର ଭିତରେ ବୃଷବଙ୍କ ପାଖରେ କୌଣସି ଦୀପ ନ ଲଗେଇ ଶ୍ରଦ୍ଧାଳୁ ମାନଙ୍କ ପାଇଁ ମନ୍ଦିର ତଳକୁ ଦୁଇ ଗୋଟି ଦୀପ ଷ୍ଟାଣ୍ଡର ବ୍ୟବସ୍ଥା, ଡାକ ବଙ୍ଗଳା ସମ୍ମୁଖରେ ୫୦୦୦ ଲିଟରର ଓ ଶିରିବେଡ଼ା ଠାରେ ପାନୀୟ ଜଳର ବ୍ୟବସ୍ଥା କରାଯିବା ପାଇଁ ନିଷ୍ପତି ନିଆ ଯାଇଛି । କାଉଡିଆ ମାନଙ୍କ ରହିବା ନିମନ୍ତେ ଗୋଟିଏ ବସ ଷ୍ଟାଣ୍ଡ ଓ ଅନ୍ୟଟି ମନ୍ଦିର ନିକଟରେ ଆଶ୍ରୟ ସ୍ଥଳୀର ବ୍ୟବସ୍ଥା କରାଯିବା ପାଇଁ ନିଷ୍ପତି ନିଆ ଯାଇଛି । ବିଦ୍ୟୁତ ସରବରାହ ଠିକ ଭାବରେ ଚାଲିବା, ହେଲୋଜେନ ଲାଇଟ ଲଗାଇବା, ରାସ୍ତା କଡ଼ରେ ଆହୁଜି ଯାଇ ଥିବା ଗଛ କାଟିବା ଓ ନଦୀ ପାର ହୋଇ ଯେମିତି ଛାତିଶଗଡରୁ ଲୋକ ନ ଆସନ୍ତୁ ସେଥି ଦୃଷ୍ଟି ଦେବାକୁ ମନ୍ଦିର ପ୍ରଶାସନକୁ କୁହା ଯାଇଛି, ଏଥି ନିମନ୍ତେ ୩୦୦ ଜଣ ସ୍ୱେଚ୍ଛାସେବୀ ନିୟୋଜିତ ହେବା ଇତ୍ୟାଦି ବିଷୟରେ ଅଲୋଚନା କରାଯାଇ ଥିଲା ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୭ ଜୁଲାଇ, ୨୦୨୨
email : rabibarachayan2015@gmail.com



......ସୁଚୟନ ସୁଚୟନ ସୁଚୟନ......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

## ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

**ଭାଗ-୮୩**

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ଡିସେମ୍ବର ମାସ ଶେଷରେ ମୁଁ ପୁରୀ ତ୍ୟାଗ କରିବା ପୂର୍ବେ ଦିନେ ମାର୍କେଣ୍ଡେଶ୍ୱର ସାହି ବାଳିକା ସ୍କୁଲକୁ ଯାଇଥିଲି । ସ୍କୁଲର ହେଡ୍‌ପଣ୍ଡିତ ଶ୍ରୀ ବାମଦେବ ମିଶ୍ର ଗୋଟିଏ ୧୦/୧୧ ବୟସ୍କା ବାଳିକାର ହାତଧରି ତାକୁ ମୋଠାକୁ ଆଣିଲେ ଓ କହିଲେ, 'ଏ ଝିଅଟି ଅତି ଗରିବ ବ୍ରାହ୍ମଣର ଝିଅ । ଆମ୍ଭେମାନେ ଯେତେ ମନାକଲୁ ତାହାର ବାପ ମାନିଲେ ନାହିଁ । ଆଜକୁ ୬ ମାସ ହେବ ଏହାକୁ ବିବାହ କରିଦେଲେ । ପନ୍ଦରଦିନ ହୋଇଛି ସେ ବିଧବା ହୋଇଗଲା ।' ଦେଖିଲି, ଝିଅଟିର ହାତରେ ଦୁଇପଟ ଲେଖାଏଁ ରୂପା ଚୁଡ଼ି, ସଧବାର ପରିଚାୟକ କାଚ ଚୁଡ଼ି ନାହିଁ । ବିଧବା ହାତରେ କୌଣସି ପ୍ରକାର ଚୁଡ଼ି ନଥିବା ନିୟମ । କିନ୍ତୁ ଏହି ବାଳିକା ଯେ ବିଧବା ହୋଇଅଛି, ଏହା ନିଜେ ବୁଝିବାର ମାନସିକ ଅବସ୍ଥା ବୋଧହୁଏ ତାହାର ହୋଇନାହିଁ । ତେଣୁ ରୂପା ଚୁଡ଼ି ପିନ୍ଧିଛି ବୋଲି ମନେକଲି । ତାହାର ନାମ ପଚାରିଲି, କହିଲା ସୂର୍ଯ୍ୟମଣି । ଘରେ ତାହାର ମାତା ଓ ପିତା ଛଡ଼ା କେହି ନାହାନ୍ତି । ପିତାମାତାଙ୍କ ଏକମାତ୍ର ସନ୍ତାନ । ପିତା ମହୀପ୍ରକାଶ ମଠରେ ପୂଜାଦି କରନ୍ତି ଓ ବ୍ରାହ୍ମଣ କର୍ମଦ୍ୱାରା ଯାହା ଉପାର୍ଜନ କରନ୍ତି, ତହିଁରେ ତାଙ୍କ ସଂସାର ଚଳେ । ପଣ୍ଡିତଙ୍କୁ ପଚାରି ବୁଝିଲି ଝିଅଟି ବୁଦ୍ଧିମତୀ। ସେହିବର୍ଷ ଶେଷରେ ସେ ମଧ ଓଡ଼ିଆ ବୃତ୍ତି ପରୀକ୍ଷା ଦେବ ଓ ଆଶା ହୁଏ, ପରୀକ୍ଷାରେ ଭଲ କରିବ । ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ମୋ ପାଖକୁ କଟକକୁ ଲେଖିବେ ବୋଲି କହିଲେ । ଏହାକୁ ଦେଖି ଓ ତାହାର ଅବସ୍ଥା ସମ୍ବନ୍ଧରେ ବିବେଚନା କରି ଏହାକୁ ମୋ ଝିଅମାନଙ୍କ ସଙ୍ଗେ ଉଚ୍ଚଶିକ୍ଷା ଦେବା କଳ୍ପନା ମୋ ମନରେ ଜାଗ୍ରତ ହେଲା ।

### କଟକରେ ଅବସ୍ଥାନ

(୧୯୩୫-୩୯)

୧୯୩୪ ମସିହା ବଡ଼ଦିନ ଛୁଟି ପୂର୍ବେ ମୁଁ ସପରିବାର ପୁରୀରୁ ବଦଳି ହୋଇ ଚାଲି ଆସିଲି ଓ ଜାନୁଆରୀ ୨ ତାରିଖରେ କଟକରେ ମୋ କାର୍ଯ୍ୟରେ ଯୋଗଦେଲି। ମୋ ଉପରେ କଟକ ଟ୍ରେଜେରୀର ଭାରପଡ଼ିଲ । ତାହା ସହିତ ପ୍ରଥମଶ୍ରେଣୀ ମାଜିଷ୍ଟ୍ରେଟ୍ କାର୍ଯ୍ୟ ଓ ଆଉ କେତେକ ରାଜସ୍ୱ ବିଭାଗର ଭାର । କଟକ ଜିଲ୍ଲାର କାର୍ଯ୍ୟ ଅନ୍ୟ ଜିଲ୍ଲାର କାର୍ଯ୍ୟ ଅପେକ୍ଷା ଅଧିକ । ତଥାପି ଏହା ଭିତରୁ ସମୟକରି ମୋ ପିଲାଙ୍କୁ ଘରେ ପଢ଼ାଇବାକୁ ଲାଗିଲି । ଚାନ୍ଦିନିଚୌକ ଛକ ଉପରେ ଶ୍ରୀ ମୋତିଲାଲ ପଣ୍ଡିତଙ୍କ ଗୋଟିଏ ଦୋତାଲା ଘର ଭଡ଼ା ନେଲି । ମୋ ଜ୍ୟେଷ୍ଠପୁତ୍ର ସତ୍ୟଗୋପାଳ ସେତେବେଳେ ରେଭେନ୍ସା କଲେଜରେ ବି.ଏ. କ୍ଲାସରେ ଥିଲା । ସେ ହଷ୍ଟେଲରେ ରହୁଥିଲା । ସୁଷମା ରେଭେନ୍ସା ବାଳିକା ସ୍କୁଲର ଦଶମ ଶ୍ରେଣୀରେ ରହି ସ୍କୁଲ ସଂଲଗ୍ନ ହଷ୍ଟେଲରେ ରହୁଥିଲା । ଦୁହେଁ ଆସି ଘରେ ରହିଲେ । ନିରୁପମାର ବିବାହ ହୋଇଯାଇଥିଲା ଓ ପୁରୀରେ ଥିବା ସମୟରେ ତାହାର ପାଠ ବନ୍ଦ କରାହୋଇଥିଲା । ଶାଶୁଘରକୁ ଯାଇନଥିଲା । ଆଉ ବର୍ଷକ ପରେ ଯିବାର କଥା । ସେ ପୁଣି ପଢ଼ିବା ପାଇଁ ଇଚ୍ଛା ପ୍ରକାଶ କଲା ଓ ତାକୁ ରେଭେନ୍‌ସା ବାଳିକା ସ୍କୁଲର ଅଷ୍ଟମ ଶ୍ରେଣୀରେ ଭର୍ତ୍ତି କରିଦେଲି। ସୁରମା, ନୀଳିମା ସପ୍ତମ ଶ୍ରେଣୀରେ, ଉମା ଚତୁର୍ଥ ଶ୍ରେଣୀରେ ଭର୍ତ୍ତି ହେଲେ । ଏମାନଙ୍କ ସାଙ୍ଗକୁ ମୋର ବଡ଼ଝିଅ ମନୋରମାର ବଡ଼ଝିଅ ହିରଣ୍ମୟୀ ମଧ ପାଠ ପଢ଼ିବା ସକାଶେ ଆମ୍ଭଘରେ ଆସି ରହିଲା । ତାକୁ ମଧ ରେଭେନ୍ସା ବାଳିକା ସ୍କୁଲର ପଞ୍ଚମଶ୍ରେଣୀରେ ଭର୍ତ୍ତି କରିଦେଲି । ସୁତରାଂ ବ୍ରଜବନ୍ଧୁ ବଲାଙ୍ଗୀର ହାଇସ୍କୁଲରେ ପଢୁଥିଲା । ମାଟ୍ରିକ୍ୟୁଲେସନ୍ ପରୀକ୍ଷା ସକାଶେ ପ୍ରେରିତ ହୋଇ ପରୀକ୍ଷା ପୂର୍ବରୁ ମୋ ପାଖରେ ରହି ପଢ଼ିବା ଓଓ କଟକ କେନ୍ଦ୍ରରେ ପରୀକ୍ଷା ଦେବା ସକାଶେ ଆସି ଆମ୍ଭମାନଙ୍କ ସଙ୍ଗରେ ରହିଲା । ଏହି ପ୍ରକାରେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ପୁଅ, ପୁତୁରା, ଝିଅ ଓ ନାତୁଣୀଙ୍କ ଦ୍ୱାରା ଘର ପୂର୍ଣ୍ଣ ହୋଇଗଲା ଓ ଅତ୍ୟନ୍ତ ଆଗ୍ରହ ସହକାରେ ଓ ସମୁତ୍ସାହିତ ଚିତ୍ତରେ ମୁଁ ନିଜେ ଏମାନଙ୍କୁ ପଢ଼ାଇବାକୁ ଲାଗିଲି । ଘର ଉପର ତଳର ପ୍ରଶସ୍ତ ବାରଣ୍ଡାରେ ଦୀର୍ଘ ମେଜମାନ ଆଣି ପକାଇଦେଲି ଓ ମେଜର ଉଭୟ ପାର୍ଶ୍ୱରେ ଚୌକିମାନ ସମସ୍ତଙ୍କ ବସିବା ସକାଶେ ସଜାଡ଼ି ଦେଲି ଏବଂ କେନ୍ଦ୍ରସ୍ଥଳରେ ମୋ ନିଜର ବସିବା ଚୌକି ନିର୍ଦ୍ଦିଷ୍ଟ କରିଦେଲି । ମାଟ୍ରିକୁଲେସନର ପ୍ରତ୍ୟେକ ବିଷୟ ପଢ଼ାଇବି ବୋଲି ପ୍ରତିଜ୍ଞା କରି ପରିଶ୍ରମ ସହକାରେ ଇଂରେଜୀ ବ୍ୟାକରଣ, ଗଣିତ, ଇତିହାସ, ସଂସ୍କୃତ ପ୍ରଭୃତି ବିଷୟମାନ ପୁନରାଲୋଚନା କଲି । ସତ୍ୟଗୋପାଳ ତ କଲେଜରେ । ତାହାର ପାଠ ସମ୍ବନ୍ଧରେ ଚିନ୍ତା କରିବା ଆବଶ୍ୟକ ନଥିଲା । ଘରୋଇ ଶିକ୍ଷକଙ୍କ ଦ୍ୱାରା ପୁଅଝିଅଙ୍କ ଶିକ୍ଷାର ସମ୍ପୂର୍ଣ୍ଣ ବିରୋଧୀ ମୁଁ । ଗୃହଶିକ୍ଷକ ଯେତେ ବିଦ୍ୱାନ୍ ଓ ଯୋଗ୍ୟ ହେଲେ ସୁଦ୍ଧା ଶିକ୍ଷିତ ଅଧ୍ୟାପନଦକ୍ଷ ପିତାଙ୍କ ସମକକ୍ଷ ହୋଇ ପାରିବେ ନାହିଁ। ମୁଁ କେବେ ମୋ ପୁଅଝିଅଙ୍କ ସକାଶେ ଗୃହଶିକ୍ଷକ ନିଯୁକ୍ତ କରି ନଥିଲି । ବର୍ତ୍ତମାନ ସୁଷମା ପ୍ରତି ଯତ୍ନ କରିବାକୁ ହେବ । ଆଉ ବର୍ଷକ ପରେ ସେ ମେଟ୍ରିକ୍ୟୁଲେସନ୍ ପରୀକ୍ଷା ଦେବ । ସମସ୍ତ ବିଷୟ ପୁଙ୍ଖାନୁପୁଙ୍ଖ ଭାବରେ ତାକୁ ପଢ଼ାଇବାକୁ ଲାଗିଲି । ତାହାର ମଧ ଗଭୀର ମନୋନିବେଶ ଓ ନିଷ୍ଠାପରାୟଣତା ଦେଖି ତାହାକୁ ପଢ଼ାଇବାରେ ଅତ୍ୟନ୍ତ ଉତ୍ସାହିତ ହେଲି । ବିଶେଷତଃ ତାହାକୁ ପ୍ରାଚୀନ ଓ ଆଧୁନିକ ଓଡ଼ିଆ ସାହିତ୍ୟ କାବ୍ୟ ପ୍ରଭୃତି ପଢ଼ାଇବାରେ ସବିଶେଷ ଯତ୍ନ କରିବାକୁ ଲାଗିଲି । କେବଳ ତିନିବର୍ଷ ପଢ଼ିଥିଲା, ତଥାପି ଏଥିରେ ତାହାର ବେଶ୍ ବ୍ୟୁତ୍ପତ୍ତି ହୋଇଥିଲା । ସୁଷମାର ବିଶେଷତ୍ୱ ଏହି ଥିଲା ଯେ, ତାକୁ ଯାହା କରିବାକୁ ଦିଆହୁଏ ତାହା ମନୋଯୋଗ ସହକାରେ କରେ ଓ ତାହା ଶେଷ ନ ହେବା ଯାଏ ସେ ସ୍ୱସ୍ଥାନରୁ ସୁଦ୍ଧା ଉଠେ ନାହିଁ । ଏହି ସମୟରେ ତାହାର ବୟସ ମାତ୍ର ତେରବର୍ଷ । ନିରୁପମା ପନ୍ଦର ବର୍ଷରେ ପଢ଼ିଥିଲା । ଅଳ୍ପଦିନ ପରେ ଶାଶୁଘରକୁ ଚାଲିଯିବା କଥା । ପାଠ ସଙ୍ଗେ ଝିଅମାନଙ୍କୁ ଘରକରଣା ସୁଦ୍ଧା ଶିଖାଇବାକୁ ହେବ । ଝିଅମାନଙ୍କ ଶିକ୍ଷା କେବଳ ପୁସ୍ତକଗତ ହେଲେ ଚଳିବ ନାହିଁ । ଝିଅମାନଙ୍କୁ ସଦ୍‌ଗୃହିଣୀ ହେବା ସକାଶେ ପ୍ରସ୍ତୁତ ହେବାକୁ ହେବ ଓ ପୁସ୍ତକଗତ ଶିକ୍ଷା ସହିତ ଗୃହକର୍ମରେ ପ୍ରବୀଣ କରିବାକୁ ହେବ । ଏହି ଉଦ୍ଦେଶ୍ୟ ମନରେ ରଖି ମୁଁ ଏମାନଙ୍କ ଦୈନନ୍ଦିନ କର୍ମ ନିର୍ଘଣ୍ଟ ସ୍ଥିର କରିଦେଲି । ସୁରମାର ବୟସ ବାର । ନୀଳିମାର ଏଗାର ଓ ଉମାର ଦଶବର୍ଷ । ଉମା ତଳକୁ ଶ୍ୟାମାର ଛଅବର୍ଷ । ସାନପୁଅ ବିଭୁପ୍ରସାଦ (ଫକୀର)ର ଚାରିବର୍ଷ । ଏହା ତଳକୁ ପୂର୍ଣ୍ଣିମାର ତିନିବର୍ଷ । ଘରେ ପୂଜାହାରୀ ଥାଏ । ତଥାପି ଶ୍ୟାମା ଓ ପୂର୍ଣ୍ଣିମା ବ୍ୟତୀତ ସମସ୍ତେ ରୋଷେଇ ଘରେ କିଛି ନା କିଛି କାର୍ଯ୍ୟ କରିବେ । ସକାଳଓଳି ତ ପଢ଼ାରେ ଯାଏ । ଅନ୍ୟ କୌଣସି କାର୍ଯ୍ୟ ସକାଶେ ସମୟ ହୁଏନାହିଁ। ଅପରାହ୍ନ ୪ଟାବେଳେ ସ୍କୁଲରୁ ଫେରି ପ୍ରତ୍ୟହ ରୋଷେଇ ଘରେ କିଛି ନା କିଛି କାମ କରିବା ସ୍ଥିର କରିଦେଲି । ମୋ ସ୍ତ୍ରୀ ପ୍ରବୀଣା ଗୃହିଣୀ । ଏଥିରେ ସମସ୍ତ ଭାର ସେ ଗ୍ରହଣ କଲେ ଓ ମୋ ଉତ୍ସାହ ସହିତ ଦ୍ୱିଗୁଣ ଉତ୍ସାହରେ ସେମାନଙ୍କୁ ଶିକ୍ଷା ଦେବାରେ ଲାଗିଗଲେ । ରବିବାର ଓ ଅନ୍ୟ ଛୁଟିଦିନ ବାହାର ଚୁଲ୍ଲୀରେ ରନ୍ଧନର ବ୍ୟବସ୍ଥା ହେଲା । ତାହା ସଙ୍ଗେ ସିଲେଇ ଶିକ୍ଷା । ଓଡ଼ିଶାର ପ୍ରସିଦ୍ଧ ସଙ୍ଗୀତବିତ୍ ଶ୍ରୀ ଗୋକୁଳଚନ୍ଦ୍ର ହରିଚନ୍ଦନଙ୍କୁ ସଙ୍ଗୀତ ଶିକ୍ଷକ ନିଯୁକ୍ତ କଲି ଓ ତାଙ୍କ ନିକଟରେ ନିରୁପମା, ସୁଷମା, ସୁରମା, ନୀଳିମା ଓ ଉମା ସଙ୍ଗୀତ ଶିକ୍ଷା କରିବାକୁ ଲାଗିଲେ । ଏମାନଙ୍କ ମଧ୍ୟରେ ସୁଷମାର ଅସାଧାରଣ ମନୋନିବେଶ ଦେଖାଗଲା । କେବଳ ପାଠରେ ନୁହେଁ; ଘରକରଣା ଓ ସଙ୍ଗୀତରେ ତାହାର କୃତିତ୍ୱ ଦିନକୁ ଦିନ ବୃଦ୍ଧି ହେଉଥିବାର ପରିଚୟ ମିଳିଲା । (କ୍ରମଶଃ)

## ପର୍ଦ୍ଦା ପଛର କଥା

ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ। ପ୍ରାୟ ୯୦ଟିରୁ ଉର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି। ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ। ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ।



ଭାଗ- ୫୭

### ॥ କିଡ୍‌ନାପ୍ ॥

କାହାଣୀ, କବିତା କି ସଂଗୀତର କିଛି ନିର୍ଦ୍ଦିଷ୍ଟ ସୀମା ସରହଦ ନଥାଏ । ସାର୍ବଜନୀନ ଆବେଦନ ହେଉଛି ବଡ଼କଥା । ମଣିଷର ଚିନ୍ତା ଓ ଭାବନା ସହିତ ସମସ୍ୟା ଜଡ଼ିତ ହୋଇଥାଏ । କେବଳ ସ୍ଥାନକାଳ ପାତ୍ର ଭେଦରେ ବଦଳିଥାଏ । ଭିନ୍ନଭିନ୍ନ କାହାଣୀକୁ ନେଇ ଖେଳିବାରେ ମଜ୍ଜାଥାଏ । ବିଶେଷକରି କିଛି ରୋଚକ କାହାଣୀ ଯେଉଁଥିରେ ମନୁଷ୍ୟର ନିଆରା ସମସ୍ୟା ସ୍ଥାନ ପାଇଥାଏ, ସେଥିରେ କାମ କରିବାର ଇଚ୍ଛା ପ୍ରବଳ ଥାଏ ମୋର । ପ୍ରାୟତଃ ସିନେମା ଦେଖିବାରେ ଆଡ଼ିକ୍ଟ ନୁହେଁ ମୁଁ । କିଛି ସୀମିତ ଚଳଚ୍ଚିତ୍ର ଦେଖେ । ସମୟ ବାହାର କରି ତିନିଘଣ୍ଟା ଫିଲ୍ମ ଦେଖିବାର ମାନସିକତା ମୋର ନଥାଏ । ଅବଶ୍ୟ ସେତେବେଳେ ମୋବାଇଲ କି ଟେଲିଭିଜନର ସୁଯୋଗ ନଥିଲା ମୋ ପାଖରେ । ତେବେ କିଛି ଚର୍ଚ୍ଚିତ ଚଳଚ୍ଚିତ୍ର ଦେଖିବାର ସୁଯୋଗ ପାଇଥିଲି। ମୋର ଅବଚେତନ ସ୍ତରରେ ସେସବୁର କାହାଣୀ, ସିକ୍ୟୁଏନ୍ସ, ସଙ୍ଗୀତ ମୋ ଉପରେ ସବାର ହୋଇଯାଇଥିଲା । ହିନ୍ଦି ଭିନ୍ନ ସାଉଥ୍ ଚଳଚ୍ଚିତ୍ର ଦେଖିବାର ସୁଯୋଗ ହିଁ ନଥାଏ ସେତେବେଳେ । ହାତଗଣତି କେତୋଟି ଇଂରାଜୀ ଚଳଚ୍ଚିତ୍ର ଦେଖିଥାଏ । ଅଧିକାଂଶ ସେଥି ମଧ୍ୟରୁ ବୟସ୍କମାନଙ୍କ ପାଇଁ ଉଦ୍ଦିଷ୍ଟ । ତେଣୁ କାହାଣୀର ଏଲିମେଣ୍ଟ ପ୍ରାୟ ନଥାଏ ସେଗୁଡ଼ିକରେ ।

୨୦୧୪ ମସିହା ପ୍ରାରମ୍ଭରେ ନିର୍ଦ୍ଦେଶକ ସୀମାଚଳ ନାୟକ ଜଣେ ପ୍ରଯୋଜକ ବଂଧୁଙ୍କୁ ଧରି ପହଞ୍ଚିଲେ । ସିନ୍ଦୂର ଚଳଚ୍ଚିତ୍ରରେ ସୀମାଚଳଙ୍କ ସହ ମୋର ଅନୁଭୂତି ଥିଲା । ତେଣୁ ତାଙ୍କ ସହ କାମ କରିବାର ଆଗ୍ରହ ନଥିଲା । ତେବେ ପ୍ରଯୋଜକ ଲୋକନାଥ ଦାଶଙ୍କ ସହ ପରିଚିତ ହେବାପରେ ଆଗ୍ରହ ହେଲା । ଲୋକନାଥ ବାବୁଙ୍କର ଭୁବନେଶ୍ୱର ସହିଦନଗରରେ ଗୋଟିଏ ଟ୍ରାଭେଲ୍ସ କଂପାନୀ ଅଛି । ପତ୍ନୀ ଅଧ୍ୟାପିକା, ଆଉ ସବୁଠୁ ବଡ଼କଥା ହେଲା ସେ ଯେଉଁ କାହାଣୀଟି ମୋ ଆଗରେ କହି ବସିଲେ ମତେ ଇମ୍ପ୍ରେସ୍ କଲା । ୱୋମେନ ଟ୍ରାକିଙ୍ଗ୍ ଉପରେ କାହାଣୀ । ଗୋଟିଏ ନିମ୍ନ ମଧ୍ୟବିତ୍ତ ସିକ୍ୟୁରିଟି ଅଫିସରର ଝିଅ । ଏହି ଝିଅ ଚାଲାଣକାରୀ ର୍ୟାକେଟ୍‌ରେ ପଡ଼ିଯାଉଛି । ନିଜେ ବାପା ସଂଘର୍ଷ କରି ଝିଅକୁ ଉଦ୍ଧାର କରୁଛି । ସସ୍‌ପେନ୍ସଭରା କାହାଣୀ । ପ୍ରଯୋଜକ ତାଙ୍କର ନିଜସ୍ୱ କାହାଣୀ ବୋଲି କହିଲେ । ମୁଁ ରୋମାଂଚିତ ବୋଲି କାରଣ ଜଣେ ବଂଧୁ ତ ଚିରାଚରିତ କାହାଣୀରୁ ହଟି କିଛି ନୂଆ ଚିନ୍ତା କରିପାରୁଛନ୍ତି । ମୁଁ ରାଜି ହୋଇଗଲି । ମୋର କିନ୍ତୁ ସର୍ତ୍ତ ରହିଲା ଫିଲ୍ମଟିରେ କୌଣସି କ୍ଷେତ୍ରରେ ସାଲିସ୍ କରାଯିବ ନାହିଁ । ଯେହେତୁ ଏ କାହାଣୀଟି ଭିନ୍ନ ସେଥିପାଇଁ ଆମେ ସତର୍କ ହେବାଟା ନିହାତି ଜରୁରୀ ବୋଲି ଆମେ ମନେକଲୁ।

ଘରକୁ ଫେରି ମୋ ପୁଅଝିଅଙ୍କ ଆଗରେ କାହାଣୀଟି ବଖାଣିଲି । ଅବଶ୍ୟ ମୁଁ ମୋ ପ୍ରଫେସନରେ ମୋ ପରିବାର ଲୋକଙ୍କୁ ଇନ୍‌ଭଲ୍‌ଭ କରେ ନାହିଁ କେବେବେଳେ । ଯେହେତୁ ମୋ ପିଲାମାନେ ଚିରାଚରିତ କାହାଣୀକୁ ପସନ୍ଦ କରନ୍ତି ନାହିଁ ଓ ଓଡ଼ିଆ ଚଳଚ୍ଚିତ୍ରରେ ସେପରି କିଛି ଘଟେ ନାହିଁ ବୋଲି ଧାରଣା (ଏ ଧାରଣା ଅଧିକାଂଶ ଯୁବକ ଯୁବତୀମାନଙ୍କର) ସେମାନେ ଓଡ଼ିଆ ଚଳଚ୍ଚିତ୍ରକୁ ଗୁରୁତ୍ୱ ପ୍ରଦାନ କରିନ୍ତିନି ।

ତେଣୁ ଗୋଟାଏ ଆବେଗରେ ମୁଁ ଯେ' ନୂଆ କାହାଣୀକୁ ନେଇ ସ୍କ୍ରିପ୍ଟ ପ୍ରସ୍ତୁତ କରୁଛି କାହାଣୀଟିକୁ ସେମାନଙ୍କ ଆଗରେ କହିଲି । ମୋର ଇଞ୍ଜିନିୟରିଂ ପଢୁଥିବା ପୁଅ କିଛି ସମୟ ଭିତରେ ଲାପ୍‌ଟପ୍ ଖୋଲି ଗୋଟିଏ ଇଂରାଜୀ ଫିଲ୍ମ ମତେ ଦେଖାଇଲା । ମୁଁ ଆଶ୍ଚର୍ଯ୍ୟ ହେଲି । କାରଣ ମୋ କାହାଣୀଟି ଅବିକଳ ଖାପ୍‌ଖାଉଥିଲା ଇଂରାଜୀ ଚଳଚ୍ଚିତ୍ରଟି ସହିତ । ପୁଅ ହସି କହିଲା, ଏଇଟା ଇଂରାଜୀ ଫିଲ୍ମ ଟେକେନ୍ । ୟା ପରେ ଟେକେନ-୨ ବି ଆସିଲାଣି । ତମେ ଅପଡେଟ୍ ହେଇନ । ମତେ ଲାଜ ଲାଗିଲା । ତଥାପି ଖୁସି ଲାଗିଲା ସାଉଥ୍ ଫିଲ୍ମ ଓ ହିନ୍ଦୀ ଫିଲ୍ମ କାହାଣୀକୁ ଛାଡ଼ି ଅନ୍ତତଃ ଇଂରାଜୀ ଫିଲ୍ମ ବିଷୟରେ ଚିନ୍ତା କରାଯାଇ ପାରୁଛି, ଫିଲ୍ମଟିର ଶୀର୍ଷକ ରଖାଗଲା 'କିଡ୍‌ନାପ୍' ।

ପ୍ରଯୋଜକଙ୍କୁ କିଛି ନକହି ସ୍କ୍ରିପ୍ଟରେ ଲାଗିଗଲି । ପୂର୍ବ ନିର୍ଦ୍ଧାରିତ ସଂଗୀତ ନିର୍ଦ୍ଦେଶକଙ୍କୁ ହଟାଇ ପ୍ରଶାନ୍ତ ପାଢ଼ୀଙ୍କୁ ନିଆଗଲା । ସଂଯୋଗବଶତଃ ଲୋକନାଥ ବାବୁ (ପ୍ରଯୋଜକ)ଙ୍କର ବଂଧୁ ଥିଲେ ପ୍ରଶାନ୍ତ ବାବୁ । ମୁଖ୍ୟ ଭୂମିକାରେ ମୀନକେତନଙ୍କୁ ନିଆଗଲା । ତାଙ୍କ ପତ୍ନୀ ଭୂମିକାରେ ପୁଷ୍ପା ପଣ୍ଡା । ନାୟିକା ଭୂମିକାରେ ପୁରୀର ନବାଗତ ଅଭିନେତ୍ରୀଙ୍କୁ ନିଆଗଲା । ଅବଶ୍ୟ ସେଇଟି ତାଙ୍କର ପ୍ରଥମ ଆଉ ଶେଷ ଚଳଚ୍ଚିତ୍ର ଥିଲା । ମୀନକେତନ ଭଲ ଅଭିନେତା । କିନ୍ତୁ ସେ ଚରିତ୍ରରେ ଆଉ କାହାରିକୁ ନେବାପାଇଁ ମୁଁ ପ୍ରସ୍ତାବ ଦେଇଥିଲି । ମାତ୍ର ପ୍ରଯୋଜକ ରାଜି ନଥିଲେ । କ୍ୟାମେରାମ୍ୟାନ ଯୋଗେନ୍ଦ୍ର ସିଂ ଭଲ କାମ କରିଥିଲେ । ନାୟିକା କୁନ୍‌ମୁନ୍ ଓ ନାୟକ (ନବାଗତ) ଲିଙ୍କନ୍ ସେଭଳି କୌଣସି ପ୍ରଭାବ ପକାଇ ପାରିନଥିଲେ । ବହୁ ଘାତ ପ୍ରତିଘାତ ମଧ୍ୟରେ ଫିଲ୍ମଟି ରିଲିଜ୍ ହେଲା ୨୦୧୪ ମସିହା ଅଗଷ୍ଟ ୧୪ ତାରିଖରେ । ଫିଲ୍ମଟି ସେଭଳି କୌଣସି ପ୍ରଭାବ ପକାଇ ପାରିନଥିଲା ଦର୍ଶକମାନଙ୍କ ଉପରେ । ତେବେ ସ୍ୱଳ୍ପ ବଜେଟ୍‌ରେ ଏଭଳି ଏକ ବଡ଼ସ୍କେଲ୍‌ର ଚଳଚ୍ଚିତ୍ର ନିର୍ମାଣ କରିବାର ସାହସ ପାଇଁ ପ୍ରଯୋଜକ ବଂଧୁଙ୍କୁ ଧନ୍ୟବାଦ । ସ୍କ୍ରିପ୍ଟରେ ଗୋଟିଏ ସାମାନ୍ୟ ପ୍ରିଣ୍ଟିଂ ମିସ୍‌ଟେକ୍ ଯାହାକି ନିର୍ଦ୍ଦେଶକ ଓଲଟା ବୁଝି ସଟ୍ ନେଇଥିଲେ । ଫଳରେ ଗୋଟିଏ ଦୃଶ୍ୟ ଖାପଛଡ଼ା ମନେ ହେଉଥିଲା, ମୁଁ ଭୀଷଣ ଅସନ୍ତୁଷ୍ଟ ହୋଇଥିଲି । ଜଣେ ନିର୍ଦ୍ଦେଶକ ପାଇଁ ଏସବୁ ତ୍ରୁଟି କଦାପି କ୍ଷମଣୀୟ ନୁହେଁ । ତେଣୁ ନିର୍ଦ୍ଦେଶକ ସୀମାଚଳଙ୍କ ସହ ମୁଁ ଭବିଷ୍ୟତରେ ଆଉ କାମ ନକରିବାର ନିଷ୍ପତ୍ତି ନେଇଥିଲି । କିନ୍ତୁ ପ୍ରଯୋଜକ ଲୋକନାଥ ଦାସଙ୍କ ସହ ବନ୍ଧୁତ୍ୱ ଜମିଗଲା । ଅବଶ୍ୟ ଲୋକନାଥ ବାବୁ ପରବର୍ତ୍ତୀ କାଳରେ ଆଉ ଫିଲ୍ମ ବନାଇବାର ସାହସ ଜୁଟେଇ ନାହାନ୍ତି । ଏବେ ପ୍ରାୟ ପ୍ରତ୍ୟେକ ସନ୍ଧ୍ୟାରେ ତାଙ୍କ ସହ ଖଟି ଜମେ । କିନ୍ତୁ ଫିଲ୍ମ ବିଷୟରେ ଆଲୋଚନା ହୁଏନି । ସେ ବର୍ଷ ଗୀତରେ କଣ୍ଠଶିଳ୍ପୀ ସୌରଭ ନାୟକ ରାଜ୍ୟ ଚଳଚ୍ଚିତ୍ର ପରୁସ୍କାର ପାଇଥିଲେ 'କିଡ୍‌ନାପ୍' ପାଇଁ । (କ୍ରମଶଃ)

## କବିତା .....

### ॥ ନଈବନ୍ଧ ସେପାରିରେ ॥

**କାଳିକିଙ୍କର**



କେତେବେଳେ
ଅସଂଖ୍ୟ କାକରଟୋପା ଭିତରେ
ଜଳୁଥିଲା ଦିକଦିକ କରି ପୃଥିବୀର ଜୀବନ
ସେହି ଜୀବନକୁ ନେଇ
ଆତ୍ମବିଭୋର ହେଉଥିଲା
ବନ୍ଧ ଏପାରିରେ କୁଳୁକୁଳୁ ତାନରେ
ବୋହିଯାଉଥିବା ଯେତେଯେତେ ନଈ
ପୁନେଇଁ ରାତିରେ ମନର ଜହ୍ନ
କେଡ଼େ ସୁନ୍ଦର ଭାବରେ ସଜେଇ ହୋଇ
ନିଜକୁ ନଈଜଳର ମହଲରେ
ଦେଖାଯାଉଥିଲା ମାତ୍ର କିଛି ଦୂରତାରେ
ଆଉ ନଈବନ୍ଧ ସେପାରିରେ କେତେ ଘର,
ଘର ପରେ ଗାଁ, ଗାଁ ପରେ ସହର,
ନଗର, ମହାନଗର
ନଇଁପଡିଥିଲା ଆକାଶ।

କାଗଜର ଡଙ୍ଗାରେ କବିତା ଲେଖି
ସାଗରକୁ ପଠେଇ ଦେଇଥିଲି ମୁଁ
ସେ ଡଙ୍ଗାକୁ ଭିଜେଇ ଦେଲା ନଈ
ମିଶେଇ ନେଲା ତା ଭିତରେ
ଏମିତି ସମସ୍ତେ ଶେଷରେ ମିଶନ୍ତି ମାଟିହୋଇ
ଧୋଇ ହୋଇଯାଆନ୍ତି ମେଘର ଜଳରେ
ସେହି ଜଳ ନଈ ହୋଇ ମିଶିଯାଏ
ଅସୀମ ଅନନ୍ତ ସାଗରରେ
ଯେମିତି ମୁଁ ସବୁବେଳେ
ମିଶାଇ ଚାଲିଥାଏ ନିଜକୁ
ଏହି ଅଖିଳଭୁବନର ନିଖିଳସତ୍ତାରେ
ପରଦେଶୀ ଚଢେଇମାନେ
ସେ କଥାର ଇତିହାସ
ଲେଖିନାହିଁ କେହି ଆଜିଯାଏ
ନଈବଂଧ ସେପାରିରେ
ବଡ଼ବଡ଼ ଗଛର ଡାଳରେ
ଈଶ୍ୱର ଦେଇଛନ୍ତି ଅଧିକାର ମାଲିକାନା
ବସାବାନ୍ଧି ରହିବାକୁ ମହାଆନନ୍ଦରେ।

ସରକାର କେତେବେଳେ ଆସେ ଭାଙ୍ଗିଯାଏ
ନୂଆ ହୋଇ ଗଢ଼ାହୁଏ କୁରୁକ୍ଷେତ୍ର
ଯୁଦ୍ଧଚାଲେ ପ୍ରତି ରାଜ୍ୟ ଦେଶବିଦେଶରେ
ମିଛରେ ମଣିଷ କହେ
ମୁଁ ଜିତୁଥାଏ ହାରୁଥାଏ
ପଶାଖେଳ ଯେ କୁରୁ ସଭାରେ
ଦରଦାମ ନିୟନ୍ତ୍ରଣ, ମାଗଣା ରାସନ
ଏବଂ ସ୍ୱାସ୍ଥ୍ୟସେବା, ବାସଗୃହ ଗରିବଙ୍କୁ
କେବଳ ଯେ ସିଂହାସନ ପାଇବା ଲକ୍ଷ୍ୟରେ
ଦେଶ କଣ ଦେଶବାସୀ କଣ
କଣକଲେ ଶାନ୍ତିରେ ସୁଖରେ ରହିବେ
ଏକଥା ଜାଣିଚି ସେହି କାଗଜର ଡଙ୍ଗା
ଯିଏ ଭିଜି ବୁଡିଗଲା ନଈର ଜଳରେ।

♥ ସୌଭାଗିନୀ, ରଟିଲୋ, ରେଞ୍ଚ
ପୁରୀ-୭୫୨୧୧୪
ମୋ-୮୨୪୯୨୧୬୦୬୭

### ॥ ବନ୍ଧୁ ॥

**ରାଜେଶ ପୂଜାରୀ**



ଥରେ କହିଥିଲ
ଭାଗମାପ ଆସେନି ମୋତେ ସମ୍ପର୍କରେ
ମୁଁ ମାତିଥିଲି, ନିଜକୁ କାହାଣୀ କରିଦେବାରେ
ତୁମେ ବୁଝେଇଥିଲ
କାହାଣୀ ନୁହେଁ ଭାବରେ ହିଁ ଭାବ ବଞ୍ଚିରହେ
ସତରେ କିଛି ବୋଲି କିଛି ଆସେନି ମୋତେ
ଆସେନି ବୋଲି ତ
ଛିଡ଼ିଗଲେ ଅସରା କଥାର ଖିଅସବୁ
ଲିଭିଗଲେ କ୍ରମଶଃ...
ସାଙ୍ଗରେ ଚାଲିଥିବା, ଚାଲିବାକୁ ଥିବା
ସ୍ୱପ୍ନିଳ ରାସ୍ତା
କେହି ରହିଲେନି ଜଗୁଆଳି
ସ୍ମୃତିର ଫରୁଆ ଗଲା ହୁଗୁଳି

କେତେଥର ତୁମେ ଫେରାଇ ଆଣିଛ
ମରଣ ମୁହଁରୁ ମୋତେ
ଆଖିର ଲୁହ ସବୁକୁ ମହନୀୟ ରୁମାଲ ଯାଚି
ଜଡ଼ାଇ ଧରିଛ ତୁମ ଛାତିରେ
କେଉଁ ଗୋଟେ ବିଭ୍ରାନ୍ତ ଜଗତରୁ
ନିଜ ପାଖକୁ ଫେରିଲା ଭଳି ଲାଗେ ସେବେ

ମୁଁ ଯେବେ ମିଥ୍ୟା ପ୍ରସିଦ୍ଧି ପଛରେ ଧାଉଁଥିଲି
କିଛି ଶବ୍ଦ ବିଞ୍ଚି ଯାଇଥିଲ
ମୋ ଅଗଣାରେ
କହିଥିଲ, ତୁମେ ଏମିତି ଦୀପ ହୁଅ
ନିଜେ ଆଲୋକିତ ହେଇ
ଆନେ ଆଲୋକିତ କର
ସେଇ କ୍ଷଣି ହିଁ ପ୍ରଶମିଗଲେ କିଛି କ୍ଷୁଧା
ଦୂର ହେଲେ ଈର୍ଷୁକ ଅନ୍ଧାର
ମନେ ରଖିଛ ତ !

ମନେଥିବ ନିଶ୍ଚୟ ମନେଥିବ
ମୁଁ ସବୁ ଭୁଲିଯାଏ ବୋଲି
ଯିଏ ବାରମ୍ବାର ଅଭିଯୋଗ କରେ
ସେ କ'ଣ କିଛି ବି ଭୁଲିପାରିବ ?

ଆଉ ଜମା ବାହୁନିବାନି ସେ ରଙ୍ଗୀନ ଅତୀତ
ଝାସ ଦେବାନି ଆହତ ଅଭିସନ୍ଧିର ଜୁଇରେ
ଆମେ ଥିଲେ, ଥିବା ସବୁବେଳେ
ମହମହ ଫୁଲର ବାସ୍ନା, ଅନାବିଳ ଜ୍ୟୋସ୍ନା
ସବୁ ଫେରାଇ ଆଣିହେବ ପୁଣିଥରେ

ଏତେଦିନର ଖୁଚୁରା ଅଭିମାନ ଆଉ
ନୀରବତାରେ ତାଳଗଛ ଭଳି
ବଡ଼ ହେଇଯାଇନେ କେହି
ବରଂ ଛୋଟ କରି ଚାଲିଛେ ପରସ୍ପରର
ଆଖିରେ ନିଜକୁ

ବ୍ୟସ୍ତତାକୁ ଗୋଟେ ସୁନ୍ଦର ମିଛର ନାଁ ଦେଇ
ଚାଲ ଥରୁଟେ ପାଦ ବଢ଼ାଇବା
ମୁଁ ଝରଣା ଭଳି ବହିବି
ତୁମେ ତୁମର ସେ ବିନ୍ଦାସ ହସର ନଉକା ବାହିବ
ପରାଜିତ ସେନା ଭଳି ମୁଣ୍ଡ ଲୁଆଁଇଦେଲେ
ଝଡ଼ଝଞ୍ଜା ପାର୍ ହେଇଯାଏ
କୋଳିକଣ୍ଟା ଭଳି ଦାଗୁଥିବା ସନ୍ଦେହ ସିନ୍ଦୁକରେ
ବିଶ୍ୱାସର ତାଲା ଲାଖିଯାଏ

ଲକ୍ଷ୍ୟର ପ୍ରାଚୀର ଲଙ୍ଘି ହେଉ ନହେଉ
ଏମିତି ତିଳତିଳ ଜଳିବା ଅପେକ୍ଷା
ପ୍ରୟାସ କରାଯାଉ

ଦୂରତା କେବଳ ଗଭୀର କ୍ଷତ ଦିଏ ବନ୍ଧୁ
ଲୁହ ଆଉ କୋହ ଦିଏ
ମଣିଷ ସରି ସରି ଯାଏ ସମୟ ସାଥିରେ
ଆପେ ଆପେ ତାରା ହେଇଯାଏ
ଜହ୍ନ ରାଇଜ ଭ୍ରମରେ ।

♥ କୁଶମେଲ, କପିଲାପୁର
ପଞ୍ଚଗାଁ, ଝାରସୁଗୁଡ଼ା
ମୋ-୮୧୪୪୭୭୯୦୬୧

### ॥ ଶ୍ରାବଣୀ ଗୋ ॥

**ଅକ୍ଷୟ କୁମାର ଜେନା**



ଶ୍ରାବଣୀ ଗୋ ତମ ପ୍ରଥମ ଛୁଆଁରେ
ଆନମନା କରିଦେଲ
ଗାଁ ଗୋହିରୀର ଫୁଟିଲାଣି ଏବେ
କଇଁ ଓ ପଦୁଅଁ ଫୁଲ

ଶ୍ରାବଣୀ ଗୋ ତୁମ ପ୍ରଥମ ଛୁଆଁରେ
ବାଡ଼ି ବଗିଚାରେ କିଆ କେତକୀ ତ
ମହମହ ବାସିଲାଣି
ପାଗଳ ଭ୍ରମର ମତୁଆଲା ହୋଇ
ଏଠି ସେଠି ଉଣ୍ଡିଲାଣି

ତମେ ବୁଝି ଗଲେ ଏବେ ଭଲ...
ଶ୍ରାବଣୀ ଗୋ ତୁମ ପ୍ରଥମ ଛୁଆଁରେ
ଆନମନା କରିଦେଲ ।

ତମ ସହ କେତେ ଖେଳିଛି ବିଜନେ
ନଈ ପୋଖରୀର କୂଳେ
ତମ ପାଇଁ କେତେ କବିତା ଲେଖିଛି
ବସି କଦମ୍ବର ମୂଳେ
ଗାଁ ଧାନ ବିଲ ସବୁଜ ସୁନ୍ଦର
ଉତ୍ତରା ବାଆକୁ ଡାକିଲାଣି

କେତକୀ ଓ ଚମ୍ପା ମୋ ପ୍ରିୟା ଗଭାକୁ
ସଜେଇବ ବୋଲି ଲୁଚି ହାତଠାରି ଡାକିଲାଣି
ତମେ ଏମିତି କାହିଁକି କଲ...
ଶ୍ରାବଣୀ ଗୋ ତୁମ ପ୍ରଥମ ଛୁଆଁରେ
ଅନାମନା କରିଦେଲ ।

ତୁମ ସେ ପ୍ରଥମ ଛୁଆଁରେ ଶ୍ରାବଣୀ
ନଦୀ ବି ଯୌବନା ଗଲା ହୋଇ
ସାଗର ବୁକୁରେ ମିଶିବାକୁ ସିଏ
ଯାଉଛି ପାଗଳି ପ୍ରାୟେ ଧାଇଁ
ତା' ମନ ଚୋରୀ କାହିଁ କଲ...

ଶ୍ରାବଣୀ ଗୋ ତୁମ ପ୍ରଥମ ଛୁଆଁରେ
ଆନମନା କରିଦେଲ ।

♥ ଧାଇପୋଖରୀ, ହାଟଡ଼ିହି, କେନ୍ଦୁଝର,
ମୋ : ୯୪୩୮୧୨୪୪୯୮

### ॥ ଚରିତ୍ର ସଂହାର ॥

**ଲିପ୍‌ସା ପଟେଲ**



କାନ୍ଥରେ ଟଙ୍ଗାଥିବା
କାହାର ଅବର୍ତ୍ତମାନର ଚିତ୍ରଟି ଲାଗେ
ସତେକି କ୍ରୁଶବିଦ୍ଧ ଈଶ୍ୱର ।

ଅକୁହା ଆତ୍ମଲିପି
ଅଭୁଲା ଅତୀତର ଆତ୍ମୀୟ ସ୍ୱାକ୍ଷରରେ
ଖେଳିଯାଏ ଚିତ୍ରଟିଏର ପରମାୟୁର ପରିସୀମା ।

କଥା କୁହେ...
ଅନେକ ବିରଳ ମୁହୂର୍ତ୍ତର ଅଙ୍ଗୀକାର
ପ୍ରାଚୀନ ସମ୍ପର୍କର ଅନ୍ତରାଳେ
ପ୍ରତିଫଳିତ ହୁଏ କାହାର ସେ ମହାର୍ଘତା,
ବଦଳି ଯାଉଥିବା ଦୃଶ୍ୟାନ୍ତରରେ
ନିଟୋଳ ସୁଯୋଗ, ବିଶ୍ୱାସର ସାନ୍ଦ୍ରତା,
କମନୀୟ ସଂସାରର ମୋହ
କେମିତି ଚିରକାଳ ବନ୍ଧା ପଡ଼ିଯାଏ
ଏକ ଛାର୍ ଚିତ୍ରରେ !

♥ ଇରିଗେସନ କଲୋନୀ, ଭବାନୀପାଟଣା

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୧୭ ଜୁଲାଇ, ୨୦୨୨

ପୃଷ୍ଠା ୪ ରବିବାର ଚିଞ୍ଜିନି ସାପ୍ତାହିକ କ୍ରୋଡ଼ପତ୍ର


## ପ୍ରେମରେ ପ୍ରେମରେ ଗୀତି ....(୫୬)




■ ବିପିନ ମହାନ୍ତି

♥ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨ (ମୋ) ୯୮୬୧୧୪୪୯୯୧





### ॥ ତୁ ଏକା ପାରିବୁ ବୁଝି ॥

ବଉଳ ଲୋ !
ମୋତେ ଷୋଅଳ ଛୁଇଁଲା ଆଜି,
କାହାକୁ କହିବି ସେଇ ଅନୁଭବ
ତୁ ଏକା ପାରିବୁ ବୁଝି ।

ଯେମିତି ମୁଁ ଥିଲି ସେମିତି ତ ଅଛି
ଏମିତି ଲାଗୁଛି କିଆଁ,
ସାରା ଦେହେ ମୋର ଯେମିତି କିଏ ସେ
ଲଗାଇ ଦେଇଛି ନିଆଁ,
ସପନରେ ଭରା ଆଖିରୁ ମୋଅର
ନିଦ ଯାଏ ହଜିହଜି ।

ଖସି ପଡୁଅଛି ଛାତିରୁ ଓଢ଼ଣୀ
ଟାଣି ଘୋଡ଼ାଉଛି ଯେତେ,
ଚହଲା ପାଣିରେ ନିଜ ଛାଇ ଦେଖି
ଡର ବି ମାଡୁଛି ମୋତେ,
ଯେମିତି ଷୋଅଳ ଫଗୁଣ ମୋ' ଦେହୁ
କିଏ ସେ ଆସିଛି ଖୋଜି ।

## ମୋ ଦୃଷ୍ଟିରେ ମୋ ସୃଷ୍ଟି...(୧୨)



'ମୋ ଦୃଷ୍ଟିରେ ମୋ ସୃଷ୍ଟି' ନାମକ ଏକ ବିଶେଷ ଆଲୋଚନା ନିୟମିତ ପ୍ରକାଶ କରିବାକୁ ଯାଉଛୁ, ଯାହାକି ଆମ ମାଟିର ଜଣେ ପ୍ରଥିତଯଶା ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ସାମଗ୍ରିକ ନାଟ୍ୟକୃତି ଉପରେ ଆଧାରିତ। ସେ ନିଜ ଭାଷା ଓ ଭାବନାରେ ନିଜ ନାଟକର ସମୀକ୍ଷାମୂଳକ ଆଲୋଚନା ଏହି ସ୍ତମ୍ଭରେ ଲେଖିବେ, ଯେଉଁଥିରେ କେଉଁ ପରିପ୍ରେକ୍ଷୀରେ ତଥା କେଉଁ ସମସ୍ୟାର ଉତ୍ପୀଡ଼ନରେ ସେ ଏଭଳି ଏକ ନାଟକ ସୃଷ୍ଟିକଲେ ଏବଂ ତାହା ଦର୍ଶକ ମହଲରେ କି ପ୍ରଭାବ ପକାଇଲା ତାର ଏକ ସଂକ୍ଷିପ୍ତ ବିବରଣୀ ଧ୍ୱନି ପ୍ରତିଧ୍ୱନିର ରବିବାର ସୁଚୟନ ପୃଷ୍ଠାରେ, ଜିଜ୍ଞାସୁ ପାଠକମାନଙ୍କ ପାଇଁ...


■ ହେମେନ୍ଦ୍ର ମହାପାତ୍ର | ସଂପାଦକ : ରଂଗମଞ୍ଚ, ସୁନହଟ, ବାଲେଶ୍ୱର-୨ (ମୋ) ୯୮୬୧୩୫୦୯୫୧


### ॥ 'ଯୋଡ଼ି ମହୁରୀ'ର ଚରିତ୍ର ଚିତ୍ରଣ ॥

ଯଦିଓ ଯୋଡ଼ିମହୁରୀ ଏକ କାହାଣୀ ପ୍ରଧାନ ନାଟକ ତଥାପି ଏହାର ଚରିତ୍ର ଓ ସଂଳାପରେ ରହିଛି ଅନେକ ନୂତନତା ଓ ପ୍ରାସଙ୍ଗିକତା । ଚରିତ୍ରମାନଙ୍କ ମାଧ୍ୟମରେ ତ କାହାଣୀ ଗଡ଼ିଚାଲେ । ତେଣୁ ଚରିତ୍ରମାନଙ୍କ ଗୁରୁତ୍ୱକୁ ଅସ୍ୱୀକାର କରି ହେବନି ।

ଏ ନାଟକରେ ଚରିତ୍ରମାନେ ହେଲେ ସୋମନାଥ, ଯୋଗଶ, ଶିଶିର, ସୁବୋଧ, ଇନ୍ଦ୍ରଜିତ, ଅମର ମିଶ୍ର, ସୁରେଶ, ଶଂକରା, ମହୁରୀ, ଲତା, ସାବିତ୍ରୀ ଓ ପପି ।

ଆସନ୍ତୁ ପ୍ରଥମେ ସୋମନାଥ ଚରିତ୍ରକୁ ଅବଲୋକନ କରିବା । ସୋମନାଥ ଜଣେ ଅବସରପ୍ରାପ୍ତ ପୋଲିସ ଏ.ଏସ୍.ଆଇ । ସମଗ୍ର ଚାକିରୀ କାଳରେ ସେ ନିଷ୍କଳଙ୍କ କର୍ତ୍ତବ୍ୟନିଷ୍ଠ ତଥା ନିଃସ୍ୱାର୍ଥପର ଓ ତ୍ୟାଗୀ । ସେଥିପାଇଁ ଅବସର ପରେ ଦାରିଦ୍ର୍ୟ ତାଡ଼ନା ବିଶେଷତଃ ଭୋକର ଭୂଗୋଳ ଭିତରେ ପାରିବାରିକ ମୁଖ୍ୟ ଭାବରେ ଘାଣ୍ଟି ଚକଟି ଯାଇ ମଧ୍ୟ ଅନୀତି ଅନ୍ୟାୟକୁ ବରଦାସ୍ତ କରି ନାହାନ୍ତି । ସତ୍ୟପଥରେ ଚାଲୁ ଚାଲୁ ଜେଲ ଯାଇଛନ୍ତି, ଭିକ ମାଗିଛନ୍ତି, ଏମିତିକି ପ୍ରାଣ ପର୍ଯ୍ୟନ୍ତ ଦେଇଛନ୍ତି ତଥାପି ସତ୍ୟପଥରୁ ଓହରି ନାହାନ୍ତି ।

ସେମିତି ଯୋଗେଶ ଚରିତ୍ର ଯିଏକି ସୋମନାଥଙ୍କ ବଂଧୁ, ସହକର୍ମୀ, ସମୁଦୀ ସୋମନାଥଙ୍କ ସହାୟତାରେ ତାଙ୍କୁ ପ୍ରମୋଶନ ମିଳିଛି, ସେ ଦୁର୍ନୀତି ଅପରାଧରେ ଫସିଥିବା ବେଳେ ସୋମନାଥଙ୍କ ସଚ୍ଚୋଟ ପଣିଆର ସହାୟତାରେ ରକ୍ଷା ପାଇଛନ୍ତି । ତଥାପି କୃତଜ୍ଞତା ବଶତଃ ସେ ସୋମନାଥଙ୍କ ଝିଅଙ୍କୁ ବୋହୂ କରି ତା' ଉପରେ ଯୌତୁକ ଜନିତ ଅତ୍ୟାଚାର କରି ହତ୍ୟା କରନ୍ତି । ସୋମନାଥଙ୍କ ପରିବାର ଆକ୍ରୋଶ ମୂଳକ ପଦକ୍ଷେପ ନେଇ ତାଙ୍କୁ ଜେଲ ପଠାନ୍ତି । ତାଙ୍କ ଦାରିଦ୍ର୍ୟର ସୁଯୋଗ ନେଇ ଅନେକ ଲାଞ୍ଛିତ ଅପମାନିତ କରନ୍ତି, ସୋମନାଥଙ୍କ ଠିକ୍ ବିପରୀତ ଚରିତ୍ର ।

ରଘୁମିଶ୍ର ଜଣେ ଗାଁ ଟାଉଟର ଚରିତ୍ର । ସେତେବେଳର ନାଟକମାନଙ୍କରେ ଗାଁ ଟାଉଟରଙ୍କ ଭୂମିକା ଥିଲା ନିଆରା । ହାସ୍ୟରସ ମାଧ୍ୟମରେ ସେମାନେ କପଟତା କରି ଅନେକ ଘର ପରିବାରକୁ ସର୍ବସ୍ୱାନ୍ତ କରୁଥିଲେ । ରଘୁ ମିଶ୍ର ଚରିତ୍ରଟି ତାର ଏକ ଉଦାହରଣ । ଇନ୍ଦ୍ରଜିତର ଶାନ୍ତ ଶୀତଳ ଚରିତ୍ରକୁ ଅତ୍ୟନ୍ତ କ୍ରୁର ଚରିତ୍ରରେ ପରିଣତ କରାଇ ତାଙ୍କ ମାଧ୍ୟମରେ ସୋମନାଥଙ୍କ ପରିବାର ଉପରେ ପ୍ରତିଶୋଧ ନିଅନ୍ତି ରଘୁ ମିଶ୍ର । କିନ୍ତୁ ତାଙ୍କ ପୁତ୍ର ଅମର ବାପାଙ୍କର ସଂପୂର୍ଣ୍ଣ ବିପରୀତ । ବାପାଙ୍କ ଚକ୍ରାନ୍ତମାନ ଧରା ପକେଇ ଦେଇ ବାପାଙ୍କୁ ଅପମାନିତ କରିବା ତାଙ୍କର ମୁଖ୍ୟ କାର୍ଯ୍ୟ । ତାହା ପୁଣି ହାସ୍ୟରସ ମାଧ୍ୟମରେ ।

ଶିଶିର, ସୋମନାଥଙ୍କର ଏକମାତ୍ର ପୁତ୍ର । ଶିକ୍ଷିତ ବେକାର, କିନ୍ତୁ ସତ୍ୟ, ତ୍ୟାଗ, କର୍ମ ନିଷ୍ଠାର ରକ୍ତମାଂସରେ ତା' ଶରୀର ଗଢ଼ା । ଜଣେ ଆଦର୍ଶବାଦୀ ଯୁବକ ଭାବରେ ତ୍ୟାଗର ପର୍ବତ ଉପରେ ଛିଡ଼ା ହୋଇ ସତ୍ୟର ଡେଙ୍ଗୁରା ବାଡ଼ଉ ବାଡ଼ଉ ସମାଜ ଆଗରେ ପଙ୍ଗୁ ନିଷ୍କର୍ମାର ଅପବାଦ ମୁଣ୍ଡେଇ ବଞ୍ଚି ରହିବାର ଅର୍ଥହୀନ ଅଭିନୟ କରେ । ଯୁବ ଜୀବନର ବିଫଳତାର ପ୍ରତୀକ ଠିକ୍ ତା'ର ବିପରୀତ ଚରିତ୍ର ଇନ୍ଦ୍ରଜିତ । ଯିଏକି ରଘୁମିଶ୍ରଙ୍କ ମନଭୁଲାଣିଆ କଥାରେ ଭୁଲିଯାଇ ନିଜର ଆତ୍ମୀୟଙ୍କ ପ୍ରତି କୃତଘ୍ନତାର ଚରମ ନିଦର୍ଶନ ଭାବରେ ପ୍ରତୀୟମାନ ହୁଅନ୍ତି । ଜଣେ ନିଷ୍ଠୁର ନିର୍ଦ୍ଦୟ ତଥା ହୃଦୟହୀନ ଯୁବକର ଜୀବନ ନେଇ ବଞ୍ଚନ୍ତି । ଶେଷରେ ଯେତେବେଳେ ପ୍ରକୃତ ସତ୍ୟ ସାମ୍ନାକୁ ଆସେ ସେତେବେଳକୁ ନେଡିଗୁଡ଼ କହୁଣୀକୁ ବହି ଯାଇଥାଏ ।

ସୁବୋଧ ଯୋଗେଶ ବାବୁଙ୍କ ଦ୍ୱିତୀୟ ପୁତ୍ର ଯିଏକି ସୋମନାଥଙ୍କ ସାନଝିଅ ଅର୍ଥାତ୍ ନିଜ ଭାଉଜଙ୍କ ସାନଭାଉଣୀଙ୍କୁ ପ୍ରେମ କରନ୍ତି । ବିବାହର ପ୍ରତିଶ୍ରୁତି ଦିଅନ୍ତି କିନ୍ତୁ ସମାଜ ସାମ୍ନାରେ ଛିଡ଼ା ହେବାକୁ, ଯୌତୁକ ପ୍ରଥା ବିରୁଦ୍ଧରେ ଲଢ଼ିବାକୁ ବିଶେଷତଃ ବାପାଙ୍କ ବିରୁଦ୍ଧରେ କିଛି ବି କହିବାକୁ ସାହସ କରି ପାରି ନଥିଲେ । ପ୍ରେମ କରିଥିବା ଅପରାଧରେ ନିଜେ ତ ଜଳିଥିଲେ ବିଚରା ଲତା ପରି ଗୋଟେ ନିଷ୍ପାପ ଝିଅକୁ ବି ଜଳେଇ ଥିଲେ । ଶେଷରେ ଉଭୟେ ପଳାୟନପନ୍ଥୀ ହୋଇ ବିଷ ପିଇ ଚରମ ପଦକ୍ଷେପ ନେଇଥିଲେ ।

ସେମିତି ଶଂକରା ଓ ମହୁରୀ ଯେଉଁମାନ ବୃତ୍ତିରେ ଶଂକରା ଢୋଲିଆ, ଢୋଲ ବଜାଏ ଓ ମହୁରୀ ମହୁରିଆ ମହୁରି ବଜାଏ । ଉଭୟେ ସାଙ୍ଗ ହୋଇ ଅନେକ ଜୀବନକୁ ବିବାହ ବନ୍ଧନରେ ବାନ୍ଧିଛନ୍ତି କିନ୍ତୁ ଆଧୁନିକ ଯୁଗରେ ଯେତେବେଳେ ଲଭ ମେରେଜ ଓ କୋର୍ଟ ମେରେଜ ପ୍ରାବଲ୍ୟ ବଢ଼ିଚାଲେ ସେତେବେଳେ ସେମାନେ ଅଲୋଡ଼ା ହୋଇପଡ଼ନ୍ତି । ଦୁଇଟି ଗ୍ରାମ୍ୟଜୀବନର ନୈରାଶ୍ୟ ତଥା ପାରମ୍ପରିକ ହତାଶା ପ୍ରତିନିଧିତ୍ୱ କରନ୍ତି ହାସ୍ୟରସ ମାଧ୍ୟମରେ । ସୁରେଶ ଯୋଗେଶଙ୍କର ଜ୍ୟେଷ୍ଠପୁତ୍ର । ସେ ମଧ୍ୟ ସମାଜ ଓ ପିତାଙ୍କ ନିର୍ଦ୍ଦେଶରେ ପତ୍ନୀ ହତ୍ୟାର ଅପରାଧ ମୁଣ୍ଡେଇ ଶେଷ ପର୍ଯ୍ୟନ୍ତ ଫେରାର ଜୀବନ ବିତାଏ ।

ଲତା ଜଣେ ଶିକ୍ଷିତା, ନମ୍ରଅ, ଭଦ୍ର ଯୁବତୀ । ଦାରିଦ୍ର୍ୟର ତାଡ଼ନା ଅସହାୟ ନାଟକର ନାୟିକା, ଅନେକ ଆଦର୍ଶବାଦିତା ଲଢ଼େଇ ଲଢ଼ନ୍ତି । ନାଟକ ସାରା କେବଳ ଲୁହ ନିଗାଡ଼ି ବଂଚନ୍ତି । ଶେଷରେ ଭାଇ ଜୀବନ ରକ୍ଷା ପାଇଁ ନିଜର ପ୍ରେମର ବଳିଦାନ ଦେଇଛି ଏପରିକି ମାତ୍ର କୋଡ଼ିଏ ହଜାର ଟଙ୍କା ପାଇଁ ନିଜର ସର୍ବସ୍ୱ ଟିକକ ଇନ୍ଦ୍ରଜିତ ପାଦତଳେ ସମର୍ପି ଦେଇ ଭାଇର ଜୀବନ ରକ୍ଷା କରନ୍ତି । ଶେଷରେ ଏ ଅପବିତ୍ର ଶରୀରକୁ ବିଷରେ ଶେଷକରି ପ୍ରେମର କୋଳରେ ଚିରନିଦ୍ରା ବରଣ କରନ୍ତି । ମାଆ ସାବିତ୍ରୀ ଜଣେ ଅନ୍ଧ ବୃଦ୍ଧା । କେବଳ ଜଣେ ସଚ୍ଚୋଟ ପୋଲିସର ପତ୍ନୀ ଭାବରେ ଯାବତୀୟ ଦୁଃଖକୁ ଭୂଷଣ ରୂପେ ଗ୍ରହଣ କରି ସ୍ୱାମୀଙ୍କ ଆଦର୍ଶରେ ଜୀବନ ଧରିଛି ।

ଏକମାତ୍ର ଶିଶୁ ଶିଳ୍ପୀ ପପି, ଯାହାର ବୟସ ସାତବର୍ଷ, ଯିଏକି ସୋମନାଥଙ୍କ ବଡ଼ଝିଅର ଏକମାତ୍ର ପୁତ୍ର । ସ୍ନେହ କାଙ୍ଗାଳ, କେବଳ ସ୍ନେହ ଶ୍ରଦ୍ଧାଟିକିଏ ପାଇବା ପାଇଁ ସେ ଅଜାଘରେ ଥାଏ । କିନ୍ତୁ ତା'ର ଜେଜେ ଯୋଗେଶ ବାବୁ ଏକଥା ସହଜରେ ସହି ପାରନ୍ତିନି । ସେଥିପାଇଁ ତା' ପ୍ରତି ଜେଜେ ଘରୁ ଯେତିକି ଯନ୍ତ୍ରଣା ମିଳେ ଅଜାଘରୁ ତା'ଠୁ ଅଧିକ ସ୍ନେହ ସହାନୁଭୂତି ମିଳେ । ନିଷ୍ପାପ ଶିଶୁ ଯେ ସ୍ନେହ ଶ୍ରଦ୍ଧା ନିକଟରେ ବଶହୁଏ, ତା'ର ପ୍ରମାଣ ଦିଏ ପପି । ଏହା ବ୍ୟତୀତ ଯୋଡ଼ିମହୁରୀର ଉପସ୍ଥାପନାରେ ସମାଜ, ଯୌତୁକ, ବେକାର, ପୁରୋହିତ ତଥା ଯୁବକଯୁବତୀ ଏକ ଏକ ପ୍ରତୀକାତ୍ମକ ଚରିତ୍ର । ଯାହା ଦ୍ୱାରା ତତ୍କାଳୀନ ସମାଜର ଚିତ୍ର ସଂକ୍ଷେପରେ ଉପସ୍ଥାପିତ । (କ୍ରମଶଃ)

## ଧାରାବାହିକ ଉପନ୍ୟାସ

# ଉଜ୍ଜ୍ୱଳ ଉପତ୍ୟକା

ଭାଗ-୧୫


ସୁକାନ୍ତି ନନ୍ଦ

♥ ଗୁଡ଼ିଆ ସାହି, ପୁରୀ-୭୫୨୦୦୧ ମୋ : ୮୩୩୯୦୦୨୬୫୮




ସତରେ ଗୋଳମାଳିଆ ଲାଗୁଛି...ଏ ସମୟ । ଭାଗ୍ୟ କି ଭଗବାନ... କାହା ଉପରେ ଆସ୍ଥା ରଖିହେଉନି । ଦୁଇଟି ପ୍ରିୟ ମଣିଷଙ୍କ ଛିନ୍ନଛତ୍ର ପରିସ୍ଥିତିକୁ ଭାବିଲେ ଛିଃ ଲାଗୁଛି ଘର...ସଂସାର, ଭାଗ୍ୟ ଓ ଭବିଷ୍ୟତ । ଆତ୍ମ ବିଶ୍ୱାସ ତ ଧ୍ୱମେଇ ଗଲାଣି । ଭଗବତ୍ ବିଶ୍ୱାସ ଉପରେ ବି ଆଉ ଆସ୍ଥା ନାହିଁ । ଯାହା ଘଟିବ...ପୂର୍ବ ଭଳି ହିଁ ଘଟିବ । ଲୁହ ଭିଜା ଆଖି ଆଉ କୋହ ଭର୍ତ୍ତି ଛାତିରେ ସବୁ ଅଭାବବୋଧକୁ ଜାକି ନେଇ ଚୁପ୍‌ଚାପ୍ ରହିବାକୁ ପଡ଼ିବ ।

(ପୂର୍ବ ପ୍ରକାଶିତ ଉତ୍ତାରୁ..)

ମାନସୀ ଆଖିରେ ତ ବୁନ୍ଦାବୁନ୍ଦା ଲୁହ ଜମିସାରିଥିଲା । ହେଲେ ଏତେ ସହଜରେ ତ ତାକୁ ନିସ୍ତାର ଦେବାପାଇଁ ଋହୁଁନଥିଲି ମୁଁ । କାରଣ ମହାପ୍ରଳୟର ପ୍ରାରମ୍ଭ ସିନା ସେ ମତେ ଜଣେଇଦେଇଛି... ହେଲେ ମଧ୍ୟାନ୍ତର ତ ଏଯାଏଁ ମୋ ପାଇଁ ଅଜଣା । ଏଣୁ ସମ୍ପୂର୍ଣ୍ଣ ଘଟଣା ବିସ୍ତାରିତ ନହେଲାଯାଏଁ ମୁଁ ତାକୁ ମୁକ୍ତ କରିବି କେମିତି ! ଯାହା ହେଇଯାଉଛି ହେଇଯାଉ । ଘରେ ମା' ବାପା ଆମ ବାଟ ଋହିଁ ବସିଥିଲେ ବସିଥାନ୍ତୁ, ମୁଁ କିନ୍ତୁ ସମୟକୁ ଏତେ ଶୀଘ୍ର ବିଦାୟ ଦେବିନି । ଖୁବ୍ କଷ୍ଟରେ ନିର୍ଦ୍ଦିଷ୍ଟ ପରିସ୍ଥିତିକୁ ସମୟ ଆଜି ଧରା ଦେଇଛି ମୋ ହାତ ମୁଠାରେ । ଏଣୁ ସହଜରେ କଣ ମୁଁ ହାତ ଖୋଲିଦେବି !

ମୁଁ, ଆହୁରି କିଛି ପଋରିବାକୁ ଯାଉଛି ତ, ମାନସୀ ତା ଶାଢ଼ୀ ପଣତରେ ଆଖି ପୋଛି ଥଙ୍ଗ ଥଙ୍ଗ ହେଇ କହିଲା - ଉଠ ନାନୀ ଉଠ । ଆଉ ଏଠି ରହିହେବନି । ଯାହା ଜାଣିବାକୁ ଋହୁଁଥିଲ ଶୁଣିଲ ତ, ଆଉ କଣ ବାକି ଅଛି ଯେ ତମ ସାମନାରେ ଖେଳେଇଦେବି !

: ବାକି ଅଛି । ସେତକ ତୋ ଠାରୁ ଆଦାୟ କରିସାରିଲା ପରେ ମୁଁ ନିସ୍ତାର ପାଇବି । ହେଲେ ଏବେ ନୁହେଁ । ଛାଡ୍...ତୁ ପ୍ରଥମେ ମୋ ପ୍ରଶ୍ନକୁ ମନଧ୍ୟାନ ଦେଇ ଶୁଣୁ...ତାପରେ ଚିନ୍ତାକରି ମନେପକାଇ ଉତ୍ତର ଦେବୁ ।

: କି ପ୍ରଶ୍ନ ପୁଣି ତା'ର ଉତ୍ତର, ମୁଁ କିଛି ବି ଜାଣିପାରୁନି । ଦୟାକରି ମତେ ଛାଡ଼ିଦିଅ । ଯାହା ସବୁ ତମ ସାମନାରେ ବଖାଣି ଦେଇଛି ମା' ଜାଣିଲେ ନା...ମୋ ବୋହୂପଣିଆକୁ ଛଡ଼ାଇଦେବେ । ଏମିତିରେ ବି ମୁଁ ଆଉ କିଛି ଜାଣିନି । ଭିତିରି କାରଣମାନଙ୍କୁ ମୋର ଜାଣିବାର ଶକ୍ତି ଓ କ୍ଷମତା ନାହିଁ । ତମେ ମା' ବାପାଙ୍କୁ ପଋର ଯେ... ସେ ସବୁକିଛି କହିପାରିବେ ।

: ଅପରାଧି ଭଳି ତତେ କଣ କାଠଗଡ଼ାରେ ଛିଡ଼ା କରେଇ ମୁଁ ପ୍ରଶ୍ନ ପରେ ପ୍ରଶ୍ନ ପଋରୁଛି ନା ପଋରିବି ! ଏତେ ଭୟଭୀତ ହେଇଯାଉଛୁ କାହିଁକି ଯେ ତୁ । ଆଲୋ ବୋକି ମୋ କହିବା କଥାକୁ ଭଲକରି ଶୁଣ - ସୁଧୀର ସୁଦୀପଙ୍କ ନଷ୍ଟ ଅଧ୍ୟାୟମାନଙ୍କୁ ସହ୍ୟ କରିନପାରି ପୁଣି ପିଇସାଙ୍କ ସିରିଏସ୍ ଆକ୍‌ସିଡେଣ୍ଟ ସାମନାକରି ପିଇସୀ ମା' ହୁଏତ ଗଭୀର ଆଘାତ ପାଇଥିବେ, ଯୋଉ ଆଘାତ କି ତାଙ୍କ ମୃତ୍ୟୁର କାରଣ ହେଇଥିବ । ହେଲେ ପିଇସା କିଛିଟା ଛୋଟେଇ ଛୋଟେଇ ଋଲୁଥିଲେ ବି ବେଶ୍ ସୁସ୍ଥ ସବଳ ତ ଥିଲେ - ଲେଖାର ମନ ଧ୍ୟାନ ଦିଆ ହେଫାଜତରେ । କୋଉଆଡୁଆ ତାଙ୍କୁ ଦୁଃଖିତ କି ଶୋକାକୁଳ ଅବସ୍ଥାରେ ରହିବାପାଇଁ ଲେଖା ସୁଯୋଗ ଦେଉନଥିଲା । ଏମିତିରେ ବି ସେ ଥିଲେ ବେଶ୍ ଦମ୍ଭିଲା ଓ ସାହସୀ ମଣିଷ । କିନ୍ତୁ ହଠାତ୍ ସେ ବି ଯୁବତୀ ଝିଅଟିକୁ ସବୁଦିନ ପାଇଁ ନିଃସହାୟ କରି ଋଲିଗଲେ ! ମା' ବାପ ଓ ଭାଇମାନେ ସମସ୍ତେ ମିଶି ତାକୁ ବରବାଦ୍ କରିଦେବାଟା କଣ ଠିକ୍ ହେଲା ? ପଛକୁ ପଛ ବିଦାୟ ନେଇଗଲେ ସମସ୍ତେ ହେଲେ ଭରାବଜାରରେ ଅନାଥିନୀ ଝିଅଟିକୁ ଏକାକୀ ଛିଡ଼ା କରେଇ ତାକୁ କହିଦେଇଗଲେ ତୋ ଭାଗ୍ୟ ତୁ ଭୋଗୁଥା...ଆମେ ଋଲିଲୁ ଆମ ନିଜନିଜ ରାସ୍ତାରେ !

: ତମେ କଣ ସବୁ କହିଯାଉଛ ନାନୀ...ମୁଁ ତ କିଛି ବୁଝିପାରୁନି ? ଜନ୍ମ ମୃତ୍ୟୁର ଡୋରି କଣ ମଣିଷ ହାତରେ ଥାଏ ! ସେ ସବୁ ପରିସ୍ଥିତିକୁ ଲେଖା ନାନୀଙ୍କ ମନ୍ଦ ଭାଗ୍ୟ ବୋଲି କୁହ । କାହିଁକି ନ କହିବ ଯେ...ସାରାଟା ପରିବାରକୁ ହରେଇ ସେ ନିଃସହାୟ ହେଇଗଲେ । ମନ ମରିଗଲେ ତ ଦେହ ଦୋହଲିଯାଏ । ଏ ଦୁଇ ଶକ୍ତ କାରଣ ଯୋଗୁଁ ସେ ଆସ୍ତେ ଆସ୍ତେ ସରି ସରି ଗଲେ - ଦେହରୁ, ମନରୁ ପୁଣି ଆତ୍ମାରୁ । ଖାଇବା ପିଇବା ପୁଣି ବୁଲାଚଲା ତ ସେ ଭୁଲିଗଲେ ଏକବାର । ଏମିତିକି ଦିନରାତିକୁ ଏକାକାର କରି ଉଚ୍ଚ ଉଚ୍ଚ ଋକିରି ପାଇଁ ତାଙ୍କର ଯୋଉ ଅବିରତ ପାଠପଢ଼ା ହଠାତ୍ ବନ୍ଦ କରିଦେଲେ ବହିପତ୍ର ବନ୍ଧାବନ୍ଧି କରି ।

: ଓଃ... ତା'ପରଠାରୁ ସେ ବୋଧହୁଏ ଅସୁସ୍ଥ ହେଇଗଲା...ଏବେ କେବଳ ମୁକ୍ତିର ଅପେକ୍ଷାରେ ଏଇଆ ନା'... ।

ମାନସୀ ଦବିଗଲା ଟିକେ । କହିଲା, ଏଇତ ପିଲାମାନେ ଆସିଗଲେଣି, ଋଲ ନାନୀ ଘରକୁ ଫେରିଯିବା । ସମସ୍ତେ ଆମକୁ ଅପେକ୍ଷା କରିଥିବେ । ତମ ଭାଇ ବି ଆଜି ଆସିବେ ବୋଧହୁଏ । ଆରେ...ପିଲେ ଶୀଘ୍ର ଶୀଘ୍ର ଓହ୍ଲାଅ ।

+ + +

ଫେରିବାବେଳକୁ ଅନେକ ଡେରି ହେଇଯାଇଥିଲା...।

ମା' ରାଗ ଓ ଅଭିମାନରେ କିଛି ସମୟ ମୁହଁ ଫୁଲେଇ ରହିଲେ । ବାପା ଗୁମ୍ ମାରି ବସିଲେ ଡ୍ରଇଁ ରୁମ୍‌ରେ । ଅଖିଲ୍ ଓ ଦେବା ଏପାଖ ସେପାଖ ହେଉଥିଲେ ଆମ ଆସିବା ବାଟକୁ ଋହିଁ ଋହିଁ ।

ହଠାତ୍ ଲୁଲା ଝୁମୁରୀର ହାତଛାଡ଼ି ଦୌଡ଼ିଗଲା ଦେବା ପାଖକୁ । ଜାକି କୁଣ୍ଢେଇ ତାକୁ ନୟାନ୍ତ କରିଦେଲା । ଦେବା ବି ତାକୁ ଟେକି ଧରି ଗେଲ କଲା । କହିଲା- ଆ' ମୋ ବାହାଦୁର୍ ବେଟା..., ଆରେ ତୁ ତ' ଝୁମୁରୀ ସାଙ୍ଗରେ ରହି କେତେ କଣ ଶିଖିଲୁଣି । ମା' ବାପାଙ୍କ ପାଖରେ ରହିରହି ସେ ମୋ ପାଖ ହିଁ ମାଡୁନଥିଲା । ଅଖିଲ୍ ଭାଇଙ୍କୁ ଝୁମୁରୀ ଯେମିତି ଗେଲ ଥଟ୍ଟା କରି ନୟାନ୍ତ କରୁଛି... ମୋ ପୁଅ ତ ତା'ଠୁ ଅଧିକ କଲାଣି ! ହଉ...ହଉ ଋଲରେ ପିଲେ, ମୋ ବ୍ୟାଗ୍‌ରେ ତମମାନଙ୍କ ପାଇଁ କେତେକଣ ମଜାଦାର ଜିନିଷ ଅଛି । ଋଲ...ଋଲ ଦୌଡ଼ି ଦୌଡ଼ି ଋଲ...। ଦେବା ପିଲା ଦି'ଟାଙ୍କୁ ଧରି ଋଲିଗଲା ତା' ରୁମ୍‌କୁ ।

ଗଲାବେଳେ କହିଦେଇଗଲା - ଆମ ଟିଫିନ୍ ଏଇଠିକୁ ନେଇଆସ । ସେୟା ବି ହେଲା । ବାପା, ଅଖିଲ୍, ଦେବା ଓ ପିଲାଙ୍କ ଜଳଖିଆ ଥୋଇଦେଇ ଆସି ମତେ କହିଲା - ନାନୀ ଋଲ ଆମେ ଲେଖା ନାନୀଙ୍କ ରୁମ୍‌ରେ ବସି ଖାଇନେବା । ମା' ତ ଅନେକ ଡେରିରେ ଠାକୁର ଘରୁ ଫେରିବେ ।

: ହେଲେ ତୁ କଣ ଲେଖାର ଟିଫିନ୍ ସଜାଡ଼ି ଦେଇଛୁ ?

: ତାଙ୍କ ସହ ଆମ ଦୁଇଜଣଙ୍କର ବି ଏକାଠି ଥୋଇଦେଇ ଆସିଛି । ତମେ ତାଙ୍କୁ ଖୁଆଇ ସାରିଲାପରେ ଆମେ ଆମ କାମ ସାରିବା । କିଛି ସମୟ ତାଙ୍କ ପାଖରେ ବିତେଇଲେ ସେ ଖୁସୀ ହେବେ ।

: ଖୁସୀ ନା ଛେନା ଗୁଡ଼..., ଆମକୁ ସେ ଋହିଁବ ନା ଶବ୍ଦଟିଏ ଉଚ୍ଚାରିବ । ସତରେ ଲୋ ! ମତେ ଆଉ ତା ପାଖକୁ ଯିବାପାଇଁ ଜମାରୁ ଭଲ ଲାଗୁନି । ତୁ ଆଜି ତାକୁ ଖୁଆଇଦେ । ବହୁତ ଖେଳ ଖେଳିଲାଣି ତ ଫେଚ୍‌କାମି ଦେଖେଇଲାଣି ମତେ । ବିରକ୍ତ ଲାଗୁଛି ତା'ର ଏ ଆଚରଣ ଦେଖି । ହଉ ଋଲ ଯିବା ତା' ପାଖକୁ । ସକାଳୁ ଆଜି ମୁଁ ତାକୁ ଦେଖିନି । ମା' ଯଦିଓ ତା' କାମ ଦାମ ଆଜି ସାରିଦେଇଥିବେ ତଥାପି ତ' ଆମର କିଛି କର୍ତ୍ତବ୍ୟ ଅଛି ତା' ପାଇଁ !

ଲେଖା ରୁମ୍‌କୁ ପଶିଯାଇ ମାନସୀ...ତା' ଦାୟିତ୍ୱ ସାରିବା ପାଇଁ ତରତର ହେଲା । ଖାଇବା ଷ୍ଟୁଲ୍ ନେଇ ଲେଖା ବିଛଣା ପାଖରେ ଥୋଇଦେଲା ବି । ସଜାଡ଼ି ସାଇତି ଖୁବ୍ ସତର୍କତାରେ ଖୁଆଇ ଦେଲା ତାକୁ । ଏତେ ସବୁ ଦେଖି ମୁଁ ଆଶ୍ଚର୍ଯ୍ୟ ହେଇଗଲି - ଏତେ କମ୍ ସମୟରେ ମାନସୀ ହାତରୁ ଆଜି ତରତର ହେଇ ଗିଳିଦେଲା ଭଳି ଖାଇଦେଲା ଯେ ଲେଖା..., ହେଲେ ମୁଁ ଖୁଆଇଲା ବେଳେ ଭିଡ଼ିମୋଡ଼ି ହୁଏ କାହିଁକି ? ସ୍ୱାର୍ଥପର ଝିଅଟା କାହା ମନ କଥା କଣ କେବେ ସେ ବୁଝିଲା ? ବରଂ ନିଜେ ସୁରକ୍ଷିତ ରହି ଅନ୍ୟମାନଙ୍କୁ ଭିତରେ ଭିତରେ ଆଖି ମିଟିକା ମାରି କହିଲା- କାହିଁକି ଦୌଡ଼ିଦୌଡ଼ି ହାଲିଆ ହେଉଛ ତମେମାନେ ? ଯେତେ ଦୌଡ଼ିଲେ ବି ପାହି ମୁଣ୍ଡକୁ ଛୁଇଁବାର ଶକ୍ତି ତମର ନାହିଁ । ଅଯଥାରେ ସମୟ ନଷ୍ଟ କରନା । ଯାହା ଯେତେବେଳେ ହେବାର ଥିବ ଆପେଆପେ ହିଁ ହେବ । ସେଥିପାଇଁ କାହାର କୌଣସି କାରସାଦି କାର୍ଯ୍ୟରେ ଲାଗିବନି । ଏଣୁ ଚୁପ୍‌ଚାପ୍ ରୁହ । ସମୟ ଯିବା ଆସିବାର କ୍ଷୀଣ ଶବ୍ଦକୁ କାନ ଡେରି ଶୁଣ । ସେ ଶବ୍ଦ ଠପ୍ ହେଇଗଲେ ତ ସରିଯିବ ନାଟକ...ଶବ୍ଦ ପାଲଟିଯିବ ଶବ !

ଓଃ... କଣ ସବୁ ମୁଁ ଭାବି ଋଲିଛି !

ମୋ ନୀରବତା ଓ ମୋ ମୌନତାକୁ ଅନୁଭବ କରି ମାନସୀ ତା କାମ ସାରି ଋଲିଗଲା ବାହାରକୁ । ଏ ଘରେ ଲେଖା ଥିଲେ ବି ସେ ତ କାହାର ସାଥୀ ହେଇପାରିବନି । ଏଣୁ ମୁଁ ଏଠି ଅଯଥାରେ ବସି ରହିବି କାହିଁକି ? ଉଠିଲି, ବାରଣ୍ଡା ଅତିକ୍ରମି ଅଗଣାରେ ପାଦ ଦେଇଛି ତ ଦେବା ବଡ଼ପାଟିରେ ଡାକ ପକେଇଲା - ନାନୀ ଏଠାକୁ ଆସ । ଅଖିଲ୍ ଭାଇ ବି ଅଛନ୍ତି ମୋ ପାଖରେ ।

ମତେ ଦେଖି ଅଖିଲ୍ ଉଠିପଡ଼ି କହିଲେ - ମୁଁ ଅନେକ ସମୟ ଦେବା ସହିତ କଟେଇଲିଣି । ତମେ ଏଇଠି ରୁହ । ମୁଁ ବାପାଙ୍କ ପାଖକୁ ଯାଉଛି । ତାଙ୍କ ସହିତ ମୋର ବହୁତ କିଛି କଥାବାର୍ତ୍ତା ଅଛି ।

ଦେବାକୁ ମୋର ବି ଅନେକ କିଛି ପଋରିବାର ଥିଲା, ଏଣୁ ମୁଁ ଆମ ପାଖରେ ଅଖିଲ୍‌ଙ୍କୁ ବସିବା ପାଇଁ ଜବରଦସ୍ତ କରିପାରିଲିନି ।

ବସି ପଡ଼ିଲା ମାତ୍ରେ ଦେବା କହିଲା - ନାନୀ ଅଖିଲ୍ ଭାଇ ତ ତରତର ହେଲେଣି ଫେରିଯିବା ପାଇଁ । ଋକିରୀବାକିରୀ ସମସ୍ୟାକୁ ନେଇ ସେ ବ୍ୟସ୍ତ ହେଇ ପଡୁଛନ୍ତି ।

: ହେଲେ ଆମେ କଣ କରିପାରିବା ଯେ ? ମୁଁ ତ ତାଙ୍କୁ ଯିବାପାଇଁ ମନା କରୁନି । ବାପାଙ୍କ ଉଦାସଉଦାସ ପଣ ଦେଖି ସେ ଚୁପ୍ ହେଇ ରହିଯାଉଛନ୍ତି । ହେଲେ କେତେଦିନ ଏ ମାମଲା ଋଲିଥିବ ? ଦିନଦିନ ଧରି ଆମେମାନେ କଣ ସତର୍କ ରହିଥିବା ଲେଖାର ଶେଷ ସମୟକୁ ଅପେକ୍ଷାକରି ? ସତରେ କଣ ଆମେ ସେ ଶୋକାର୍ତ୍ତ ମୁହୂର୍ତ୍ତ ନଆସିବା ପାଇଁ ପ୍ରାର୍ଥନା କରିବାନି ?

: କରୁଛେ ତ' ନକରିବାର ପ୍ରଶ୍ନ ଉଠୁଛି କାହିଁକି ? ମା' ତ ଲେଖାନାନୀଙ୍କ ପୂର୍ଣ୍ଣ ଜୀବନକୁ ଫେରି ପାଇବା ପାଇଁ ନିଜ ଘର ଓ ପରିବାରକୁ ଆସ୍ତେ ଆସ୍ତେ ଭୁଲିଗଲେଣି । ପିଇସୀ ମା'ଙ୍କ ଘର ଓ ପରିବାରର ଅବସାନ ପାଇଁ ବାପା ତ ଦବି ଯାଉଛନ୍ତି ଆସ୍ତେ ଆସ୍ତେ । ଦେହ ଓ ମନ ଏବେ ତାଙ୍କର ଖୁବ୍ ଦୁର୍ବଳ । ଜେଜେମା'ଙ୍କୁ କଥାଦେଇ ଭଉଣୀର ଘର ସଂସାର ନିଜ ପାଖରେ ବସେଇଥିଲେ ସେ, ହେଲେ କଣ ହେଲା...ଅକାଳ ବିପ୍ଳବରେ ଭୁଷୁଡ଼ିଗଲା ଅତୀତ ଓ ବର୍ତ୍ତମାନ । କିଏ ଆଉ ରହିଲେ ଯେ ଭବିଷ୍ୟତ କଥା ଚିନ୍ତା କରିଥାନ୍ତେ ! ବେଳେବେଳେ ମନେ ପଡ଼ନ୍ତି ପିଉସୀ ମା' । ସୁଧୀର, ସୁଦୀପଙ୍କ ଅସଦାଚରଣ ତାଙ୍କୁ ଭଲ ଲାଗୁନଥିଲା । ଏଣୁ ସେ ମୋ ଉପରେ ଆଶା ଭରସା ରଖିଥିଲେ । ଯାହାକୁହ ନାନୀ କୁଳାଙ୍ଗାର ପୁଅ ଦି'ଟା, ପୁରନ୍ତା ଘରକୁ ନଷ୍ଟଭ୍ରଷ୍ଟ କରିଦେଲେ । ଦୁର୍ନାମ ମୁଣ୍ଡେଇମୁଣ୍ଡେଇ ହତାଶ ହେଇଗଲେ ପିଇସା ପିଇସୀ ମା' । ବୁଝେଇସୁଝେଇ ଆମ ମା', ବାପା ତ ସେ ଦି'ଟା ପିଲାଙ୍କୁ ଆଣି ଆମ ଘରେ ରଖିଥିଲେ । ଯେତେ ଯାହା କରିଲେ ବି ସେମାନେ ବଦଳିଲେନି । ହରିନାମଟି ଧରିଥାଆଟି - ପରି ନିଶାଖୋର ଟୋକା ଦି'ଟା କାହାକୁ ସମ୍ମାନ କି ଇଜ୍ଜତ ଦେଲେନି । ବରଂ ଆମ ବାପା, ମା'ଙ୍କୁ ନିନ୍ଦା ଅପଯଶ ଦେଇ ଏଠୁ ଋଲିଗଲେ - କାହାକୁ କିଛି ନଜଣେଇ ।

ଲୁଚି ଲୁଚି ସେମାନେ ଋଲିଯିବା ପରେ- ପିଇସୀ ମା' ଆଉ ନିଜ ଭଳି ରହିପାରିଲେନି । ଦୁଃଖ, ଶୋକ ପୁଣି ବଦ୍‌ନାମ୍ ଓ ଅପମାନରେ ଅଜାଡ଼ିହେଇ ପଡ଼ିଲେ ପୁରୁଣା କାନ୍ଥ ଭଳି । ଥିଲେଥିଲେ ଦିନେ ସଂସାର ଛାଡ଼ିଦେଇ ଋଲିଗଲେ ଆମ ସମସ୍ତଙ୍କୁ ମୂକ ବାଚାଳ କରିଦେଇ । (କ୍ରମଶଃ)

## ଅନୁବାଦ ଗଳ୍ପ

# ଦୁଇଟି ଅନୁବାଦ ଗପ


ମୂଳହିନ୍ଦୀ- ଶ୍ୟାମସୁନ୍ଦର ଅଗ୍ରୱାଲ


### ॥ କୋଠି ନମ୍ବର ଛପନ ॥

ଖରାଦିନର ସୂର୍ଯ୍ୟ ଏବେ ମୁଣ୍ଡ ଉପରେ ଏକ ଜ୍ୱଳନ୍ତ ଅଗ୍ନିପିଣ୍ଡ ପରି ଝଳସୁଛି । ଗାଁ ରୁ ପଚାରି ପଚାରି ଏ ସହର ଆନନ୍ଦ ନଗର ରେ ବହୁ କଷ୍ଟରେ ପହଁଚି ଯାଇଛି ଭାଗବନ୍ତୀ । ସହରକୁ ଆଗରୁ ସେ କେବେ ଆସି ନାହିଁ । ତେଣୁ ଏଠାକାର ଚାଲିଚଳନ କଥା ବାର୍ତା ଆଦବକାଇଦା ତାକୁ ମାଲୁମ ନାହିଁ । ସେ ସବୁ ବି କଣ ଦରକାର ? ସେ ଖାଲି ତା ଭଣଜା ର କୋଠୀ ପାଇଗଲେ ହେଲା । ଏଇ ଦୁଇ ବର୍ଷ ତଳେ ତା ଭଣଜା ଗୋଟିଏ କୋଠା ତିଆରି କରିଛି ଏଇ ଏରିଆରେ । ଏତେ ବାଟ ପହଁଚି ସାରିଛି ମାନେ କଣ କୋଠି ଟା ପାଇ ପାରିବ ନାହିଁ । କେହି ତ ବତାଇ ଦେବ କୋଠି ନମ୍ବର ଛପନ କୋଉଟା । କିନ୍ତୁ ଏ ଯୋଉ ମୁଣ୍ଡଫଟା ଖରା ଆଉ ପ୍ରବଳ ଝାଂଜି... ରାସ୍ତାଘାଟ ତ ପୂରାପୂରି ଶୁନସାନ । କିଏ ବତାଇବ ? କେହି ତ କୋଉଠି ଦେଖା ଯାଉ ନାହାନ୍ତି । କଣ କରିବ ? ଏମିତି ତ ସେ ଗାଁ ସ୍କୁଲରେ କିଛିଦିନ ପଢିଥିଲା ପିଲାଦିନେ । କିଛି ତ ପଢି ପାରିବ । ଛପନ ଯୋଉଠି ଲେଖା ଥିବ ସେ ଜାଣି ପାରିବ ।

ସ୍କୁଲ ପୋଷାକ ପିନ୍ଧି ଦୁଇଜଣ ଝିଅ ଆସୁଥିବାର ଦେଖି ଭାଗବନ୍ତୀର ମନରେ ଟିକେ ଆଶା ଦେଖାଗଲା । ଏମାନେ ଏଇ ଏରିଆରେ ରହୁଛନ୍ତି..ପାଠପଢା ପିଲା । ସେମାନେ ନିଷ୍ଚୟ କହିଦେବେ କୋଠିନଂ ଛପନ ର ଠିକଣା । ସେମାନେ ପାଖେଇ ଆସିବାରୁ ସେମାନଙ୍କୁ ଅଟକାଇ ସେ ପଚାରି ଦେଲା, ଏଠି ଛପନ ନମ୍ବର କୋଠି କୋଉଠି କି ? ସେମାନେ ପରସ୍ପରକୁ ଚାହିଁଲେ । ଟିକେ ହସାହସି ହେଲେ । ଜଣେ କହିଲା, ..ଆମକୁ ଜଣା ନାହିଁ । ଆଉ କାହାକୁ ପଚାର । ଏତକି କହିଦେଇ ସେମାନେ ତରତର ହୋଇ ଚାଲିଗଲେ ।

ଭାଗବନ୍ତୀ ପୁଣି ଆଗକୁ ଚାଲିଲା । ଗୋଟିଏ ବାର ବର୍ଷ ପାଖାପାଖି ବାଳକଟିଏ ଆସୁଥିଲା ସାଇକେଲରେ । ତାକୁ ଅଟକାଇ ଛପନ ନଂ କୋଠି କୋଉଠି ବୋଲି ପଚାରିଲା ଭାଗବନ୍ତୀ । ହେଲେ ସେ ବି କହି ପାରିଲା ନାହିଁ । ତହୁଁ ଭାଗବନ୍ତୀ କହିଲା, ଆରେ ସେଇଟା ବାଦଲିବାଲେ ବିରଜୁର କୋଠି । ଏଇ ଏବେ ଏବେ ତିଆରି କରାଯାଇଛି । ନୂଆ କୋଠି ...ଜାଣିନ କେମିତି ?

ନା...ମୋତେ ସତରେ ଜଣା ନାହିଁ । ମୁଁ ଠିକ କହି ପାରିବି ନାହିଁ । ସେ ବି ଚାଲିଗଲା ତା ବାଟରେ ସାଇକେଲ ଚଢି ।

ତହୁଁ ଭାଗବନ୍ତୀ କିଛି ଘର ଫାଟକ ଆଉ କାନ୍ଥରେ ଲେଖା ଥିବା ଘର ନମ୍ବର ପଢି ଛପନ ନମ୍ବର ଖୋଜି ହେଲା । ଭଗବାନ ତାକୁ ଏଥର ସାହା ହେଲେ । ଛପନ ନମ୍ବର କୋଠି ପାଇଗଲା । ଗେଟ୍ ଖୋଲା ଥିଲା । ସେଠି ସେଇ ସାଇକେଲ ଚଢି ଆସୁଥିବା ବାଳକ ଛିଡା ହୋଇଥିବାର ଦେଖି ପାରିଲା ।

ଇଏ ପରା ଆପଣଙ୍କ ନାତି ମାଉସୀ । ଭାଣିଜୀ ବୋହୂ ଚିହ୍ନେଇ ଦେଲା ଭାଗବନ୍ତୀକୁ ।

ଆରେ ବୋହୂ...ବାଟରେ ତ ମୁଁ ଦେଖିଛି ତାକୁ । ଛପନ ନମ୍ବର କୋଠି କଥା ବି ପଚାରିଛି । ସେ ତ କହି ପାରିଲା ନାହିଁ । ତହୁଁ ବୋହୂ ତାକୁ ପ୍ରଶ୍ନିଳ ଆଖିରେ ଚାହିଁ ବାରୁ ସେ ବାଳକ କହିଲା, କଣ ସେତେବେଳୁ ଛପନ ଛପନ ନମ୍ବର କହି ଚାଲିଛ .. ଆମ ଘର ନମ୍ବର ତ ଫିପଟି ସିକ୍ସ୍ । ଛପନ ବୋଲି କିଏ କହିଲା ?






ଅନୁବାଦ- ବିନୟ କୁମାର ଦାସ


### ॥ ଶାରୀ ॥

ବିରାଡିଟିଏ ନିଜ ପାଇଁ ଭୋଜନ ଯୋଗାଡ କରୁଥିଲା । ଘୂରି ବୁଲୁଥିଲା ଏଣେତେଣେ...କାଳେ କୋଉଠି କିଛି ମିଳିଯିବା ଦେଖିଲା ଗୋଟିଏ ପିଞ୍ଜରାରେ ଶାରୀଟିଏ ରହିଛି । ତା ପାଟିରୁ ଲାଳ ଗଡି ଆସିଲା । ହେଲେ କଣ କରିବ ..ପିଞ୍ଜରା ତ ଉଚ୍ଚରେ ରହିଥିଲା । ତଥାପି ସେଠାରେ ପହଁଚିବା ପାଇଁ ସେ ଡିଆଁ ମାରିଲା, କିନ୍ତୁ ସଫଳ ହେଲା ନାହିଁ । ଏକ ଲୋଭିଲା ଲୋଭିଲା ଆଖିରେ ଶାରୀକୁ ଅନେଇ କହିଲା, କେତେ ଭଲ ହୋଇଥାନ୍ତା ଯଦି ତୁ ପିଞ୍ଜରା ବାହାରେ ରହିଥାନ୍ତୁ ..!

ତଳେ ଛିଡା ହୋଇଥିବା ବିରାଡିକୁ ଶାରୀ ଏକ ଧ୍ୟାନରେ ଅନେଇଲା । ତାପରେ ନୀଳ ଆକାଶକୁ ଲୋଭନୀୟ ଆଖିରେ ଅନେଇ କହିଲା, କେତେ ଭଲ ହୋଇଥାନ୍ତା ଯଦି ମୁଁ ବାହାରେ ରହିଥାନ୍ତି !!!!


♥ ଅନାମିକା ନୀଡ, ଅଂଗାରଗଡିଆ, ବାଲେଶ୍ୱର-୭୫୬୦୦୧ ମୋ- ୭୯୭୮୮୬୦୩୬୩

## ପୁସ୍ତକ ଆଲୋଚନା



# ସାରା ଆକାଶ : 'ସାରା'ର ଆକାଶ

ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ

ସମୁଦ୍ର ଜଳରେ ଲହରୀ ଖେଳିଲା ପରି ସାରା ଆକାଶର ରଙ୍ଗରେ ରଙ୍ଗୀନ ହୋଇଯାଏ ଆମ ଚାରିପାଖର ପୃଥିବୀ। ଆକାଶ ତ ଆମ ହୃଦୟପରି ସୀମାହୀନ ଓ ବିସ୍ତୃତ। ସେଥିରେ ରଙ୍ଗଭରିଯିବା ମାନେ ହୃଦୟରେ ଭରିଯିବା ଖୁସି, ଆନନ୍ଦ ଓ ଉଲ୍ଲାସ। ପୁଣି ସାରା ଆକାଶର ଅର୍ଥହେଲା ସଂପୂର୍ଣ୍ଣ ଆକାଶ, ଯେଉଁଠାରେ ବିନ୍ଦୁଏବି ଜାଗା ନଥିବ, ଯାହା ଆକାଶଠାରୁ ଅଲଗା ହୋଇ ରହିଥିବ। ସେଇ 'ସାରା ଆକାଶର ରଙ୍ଗ' ଶୀର୍ଷକରେ ଅଧ୍ୟାପକ ବିଶ୍ୱରଞ୍ଜନଙ୍କର ୨୦୨୧ ମସିହାରେ ପ୍ରକାଶିତ ହୋଇଛି ଗ୍ରନ୍ଥଟିଏ, ଯେଉଁଥିରେ ଏକାବନ ଗୋଟି ଫିଚର ସଙ୍କଳିତ ହୋଇଛି। ସାଧାରଣତଃ ସାରା ଆକାଶକୁ ଆମେ ସଂପୂର୍ଣ୍ଣ ଆକାଶ ବୋଲି ଅର୍ଥ କରିଥାଉ। ଫିଚରକାର ଗ୍ରନ୍ଥଟିର ଶୀର୍ଷକ ପ୍ରଦାନ କାଳରେ ଏହି ଅର୍ଥକୁ ବି ବ୍ୟବହାର କରିଥାଇ ପାରନ୍ତି। ମାତ୍ର ଗ୍ରନ୍ଥଟିକୁ ନିରେଖି ଦେଖିଲେ ଆମେ ସାରା ଶବ୍ଦର ଆଉ ଗୋଟିଏ ଅର୍ଥ ଦେଖିବାକୁ ପାଇଥାଉ। ସେଇ 'ସାରା'ଟି ଗୋଟେ ଇତାଲୀ ଆଗତ ଝିଅର ନାଁ।

'ସାରା' ସହିତ ମୁଁ ଆପଣମାନଙ୍କର ପରିଚୟ କରାଇଦେବି ଗ୍ରନ୍ଥର ଶେଷ ଫିଚରରୁ ତା ସମ୍ପର୍କରେ ତଥ୍ୟ ସଂଗ୍ରହ କରି। 'ସାରା'ର ବୟସ ତିରିଶ। ଇତାଲୀର ଆବେଜ୍ଜାନୋ ସହରରେ ତାର ଜନ୍ମ। ଇତାଲୀରୁ ଶିକ୍ଷା ଶେଷ ହେବାପରେ ଲଣ୍ଡନ ଚାଲିଆସନ୍ତି ଆର୍ଟ ଏଣ୍ଡ ଆର୍କିଟେକ୍‌ଚର ବିଭାଗରେ ସ୍ନାତକୋତ୍ତର କରିବାପାଇଁ। ସ୍ନାତକୋତ୍ତର ଶେଷ ହେବାପରେ ଲଣ୍ଡନରୁ ଚାଲିଆସିନ୍ତି ଆମେରିକା ଗୋଟିଏ ବିଶ୍ୱବିଦ୍ୟାଳୟରେ ଆର୍ଟ ହିଷ୍ଟ୍ରି ବିଭାଗରେ ପିଏଚ୍.ଡି. କରିବା ନିମନ୍ତେ। ଆମେରିକାରେ ଗବେଷଣାର ବିଷୟବସ୍ତୁ ରଖିଥିଲେ ଭୁବନେଶ୍ୱରରେ ଥିବା ମନ୍ଦିରର କଳାସ୍ଥାପତ୍ୟ ଏବଂ ଏହାର କ୍ଷେତ୍ରୀୟ ପରିବେଶ। ଓଡ଼ିଶାର ମନ୍ଦିର ଉପରେ କାର୍ଯ୍ୟ କରିବେ ଅଥଚ ଓଡ଼ିଶା ଆସିବେ ନାହିଁ, ଏହା କିପରି ସମ୍ଭବ ହେବ! ଓଡ଼ିଶାର ଭାଷା ନଜାଣିଲେ ମନ୍ଦିର ସମ୍ପର୍କରେ ତଥ୍ୟ କିପରି ସଂଗ୍ରହ କରିବେ! ନିଜକୁ ନିଜେ ପ୍ରଶ୍ନକରି ସାରା ନିଜେ ହିଁ ତାର ଉତ୍ତରପ୍ରଦାନ କରିଥିଲେ। ସେଥିପାଇଁ ସେ ଓଡ଼ିଶା ଚାଲିଆସି ମାତ୍ର ଦେଢ଼ମାସ ମଧ୍ୟରେ ଓଡ଼ିଆ ଲିପି ଶିକ୍ଷାକରି, ଓଡ଼ିଆ ଭାଷାରେ କଥା କହିବାର ସାମର୍ଥ୍ୟ ମଧ୍ୟ ହାସଲ କରିନେଲେ। କେବଳ ସେତିକି ନୁହେଁ ଓଡ଼ିଶୀ ନାଚ ଶିଖିବାରେ ମଧ୍ୟ ମନୋନିବେଶ କଲେ।

ସେଇ 'ସାରା' ଯେମିତି ଅଧ୍ୟାପକ ବିଶ୍ୱରଞ୍ଜନଙ୍କ ସାରା ଗ୍ରନ୍ଥକୁ ଆବୋରି ବସିଛନ୍ତି। ଗ୍ରନ୍ଥ ମଧ୍ୟରେ ସାରାର ଛବି, ପ୍ରଚ୍ଛଦରେ ସାରାର ପ୍ରତିଛବି ଓ ପୃଷ୍ଠଦେଶରେ ବି ଲେଖକ ସାରା ସହିତ ବାର୍ତ୍ତାଳାପ କରୁଥିବାର ଏକ ମନୋରମ ଚିତ୍ର। ଅଧ୍ୟାପକ ବିଶ୍ୱରଞ୍ଜନ ଗୋଟିଏ ଫିଚରରେ 'ସାରା' କଥା ଉଲ୍ଲେଖ କରିଥିବା ଯୋଗୁଁ ମୁଁ ଏଥିରେ ତାହା ପାଠକମାନଙ୍କୁ ଅବଗତ କରାଇବାକୁ ଉଚିତ ମନେକଲି। ମାତ୍ର ଲେଖକ କେବଳ ସାରା କଥା ଉତ୍‌ଥାପନ କରିନାହାନ୍ତି, ବରଂ ଯେତେବେଳେ ସେ, କିଛି ଭଲ ଲୋକମାନଙ୍କର ସଂସ୍ପର୍ଶରେ ଆସିଛନ୍ତି ସେତେବେଳେ ତାଙ୍କ ବିଷୟରେ କିଛି ତଥ୍ୟ ଉପସ୍ଥାପନ କରି ପାଠକମାନଙ୍କୁ ସେହି ବ୍ୟକ୍ତିଙ୍କ ସହ ପରିଚୟ କରାଇ ଦେଇଛନ୍ତି।

ଲେଖକ ଯେଉଁମାନଙ୍କର କଥା ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି ସେମାନଙ୍କ ମଧ୍ୟରେ ଅନ୍ୟତମ ହେଲେ ରାୟଗଡ଼ାର ପ୍ରାକ୍ତନ ବିଧାୟକ ମକରନ୍ଦ ମୁଦୁଲି। ଏକଦା ସମଗ୍ର ଓଡ଼ିଶାରେ ଜଣେମାତ୍ର ସ୍ୱାଧୀନ ପ୍ରାର୍ଥୀ ଜିତିଥିଲେ ଓ ସେ ଥିଲେ ମକରନ୍ଦ ମୁଦୁଲି। ଦଳମୁକ୍ତ ରହି ନିର୍ବାଚନ ଜିତିଥିବା ଯୋଗୁଁ ଷାଠିଏ ଦଶକର ସ୍ୱାଧୀନ ବିଧାୟକ ମଦବିରୋଧୀ ଆନ୍ଦୋଳନର ପୁରୋଧା ପଦ୍ମଚରଣ ନାୟକ ମକରନ୍ଦଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ପାଇଁ ଏକ ସଭାର ଆୟୋଜନ କରିଥିଲେ। ଅଧ୍ୟାପକ ବିଶ୍ୱରଞ୍ଜନ ଏହି କଥାକୁ ରମଣୀୟ କରି ବର୍ଣ୍ଣନା କରିଛନ୍ତି। ବିଭିନ୍ନ ଅନାଲୋକିତ ତଥ୍ୟକୁ ଉପସ୍ଥାପନ କରିବା ସଙ୍ଗେ ସଙ୍ଗେ ରୁଚିରମ୍ୟକରି ପାଠକମାନଙ୍କୁ ପରିବେଷଣ କରିବା ବିଶ୍ୱରଞ୍ଜନଙ୍କର ବୈଶିଷ୍ଟ୍ୟ ବୋଲି ତାଙ୍କ ଫିଚରଗୁଡ଼ିକୁ ଅଧ୍ୟୟନ କଲେ ଜାଣିବାକୁ ମିଳିଥାଏ।

'ଅସ୍ତମିତ ରବି : ଏକ ସ୍ମୃତିକଥା'ରେ ବର୍ଣ୍ଣିତ ହୋଇଛି ଭାରତୀୟ ପ୍ରାଶାସନିକ ଅଧିକାରୀ ରବିନାରାୟଣ ଦାସଙ୍କର କଥା। କେବଳ ଜଣେ ଉଚ୍ଚପଦବୀର ଅଧିକାରୀ ଭାବରେ ନୁହେଁ, ବରଂ ଜଣେ ସୁମଣିଷ ଭାବରେ ଫିଚରରେ ତାଙ୍କର ବର୍ଣ୍ଣନା କରାଯାଇଛି। କର୍ଣ୍ଣେଲ ଶରତ କୁମାର ମହାପାତ୍ର ଜଣେ ସ୍ୱାଧୀନତା ସଂଗ୍ରାମୀଙ୍କର ପୁତ୍ର ଓ ଥିଲେ ସେନାର ବରିଷ୍ଠ ଅଧିକାରୀ। ତାଙ୍କ ସମ୍ପର୍କରେ ଅନ୍ତରଙ୍ଗ ବକ୍ତବ୍ୟ ରଖିବା ସହ ବସନ୍ତର ବର୍ଣ୍ଣବିଭା ଅଧ୍ୟାୟରେ ବସନ୍ତ ଦାସଙ୍କ ସମ୍ପର୍କରେ ଓ ବିଜୟ ପ୍ରଣାମ ଶୀର୍ଷକୀୟ ଫିଚରରେ ନାଟ୍ୟକାର ବିଜୟ ମିଶ୍ରଙ୍କ ସମ୍ପର୍କରେ ବକ୍ତବ୍ୟ ଉପସ୍ଥାପନ କରାଯାଇଛି। ଏହା ବ୍ୟତୀତ ଶେଖ୍ ମତଲୁବ୍ ଅଲ୍ଲୀଙ୍କ ସହ ତାଙ୍କର ସ୍ନେହପୂର୍ଣ୍ଣ ସମ୍ପର୍କକୁ ମଧ୍ୟ ଅବତାରଣା କରାଯାଇଛି।

ଅଧ୍ୟାପକ ବିଶ୍ୱରଞ୍ଜନ ନିଜେ ଜଣେ ସାହିତ୍ୟିକ ହୋଇଥିବା ଯୋଗୁଁ କବି ଲେଖକ, ସାହିତ୍ୟ ଓ ସାହିତ୍ୟିକମାନଙ୍କ ବିଷୟରେ କିଛି କିଛି କହିବାପାଇଁ ଚେଷ୍ଟା କରିଛନ୍ତି। ସାହିତ୍ୟ ଆଜି ଛଳନାରେ ପରିପୂର୍ଣ୍ଣ ହୋଇଯାଇଛି ବୋଲି ସେ ଦୁଃଖ ପ୍ରକାଶ କରିଛନ୍ତି। 'ସାହିତ୍ୟର ଘର ଓ ଘେର' ରଚନାରେ କହିଛନ୍ତି, 'ସାହିତ୍ୟ' ଯାହା ଛଳନାମୁକ୍ତ ଏକ ଛଳଛଳ ଜୀବନର କଥାକୁହାଣୀ ଏବଂ ଆତ୍ମବଡ଼ିମା, ଆତ୍ମପ୍ରଚାରରୁ ମୁକ୍ତରହି ଆତ୍ମୀୟତାରେ ସମସ୍ତଙ୍କୁ ଗ୍ରହଣ କରିନିଅନ୍ତା, ତାହା ଦେଖିବାକୁ ମିଳୁନାହିଁ। ଅପରପକ୍ଷରେ ପ୍ରଚାର-ସାଧନର ସମସ୍ତ କଳା-କୌଶଳକୁ ଆୟତ୍ତ କରି ଜଣେ ନିଜକୁ 'ଅନନ୍ୟ' ଭାବରେ ଗଢ଼ି ତୋଳିବାର ଏକନିଷ୍ଠ ସାଧନାରେ ଲାଗି ପଡୁଛି।

ପରେଶ ପଟ୍ଟନାୟକଙ୍କର ଏକ ବକ୍ତବ୍ୟକୁ ଉଦ୍ଧାର କରିବା ସହିତ ବିଶ୍ୱରଞ୍ଜନ ତାହାକୁ ଗ୍ରହଣ ମଧ୍ୟ କରିନେଇଛନ୍ତି। ଓଡ଼ିଆ ସାହିତ୍ୟରେ ତାଙ୍କୁ ପସନ୍ଦ ନ ଆସୁଥିବା କଥାଟି ହେଲା ସହୃଦୟତାର ଅଭାବ। ଲେଖକମାନେ ସମୟାନୀ ହେଲେ ବି ପରସ୍ପରକୁ ଭଲପାଇପାରନ୍ତି ନାହିଁ। ଈର୍ଷା, ଅସହିଷ୍ଣୁତା, ପରଶ୍ରୀକାତରତା, ଗୋଷ୍ଠୀବିବାଦ ପ୍ରଭୃତି ମଣିଷ ସୁଲଭ ରୋଗରେ ଏମାନେ ଆକ୍ରାନ୍ତ। ମଣିଷ ହିସାବରେ ଏମାନେ ଭାରି ଭୟଙ୍କର ପ୍ରାଣୀ। ଏମାନଙ୍କର ନିକଟତର ହେଲେ ଆପଣଙ୍କର ମୋହଭଙ୍ଗ ହେବ। ଏମାନଙ୍କର ସୃଷ୍ଟି ସମ୍ପର୍କରେ ସନ୍ଦେହ ଜାତହେବ। ସେହିପରି 'କ୍ଷମତା ଓ କବିତା' ଅଧ୍ୟାୟରେ ପ୍ରତିଷ୍ଠିତ ତଥା ବୟୋଜ୍ୟେଷ୍ଠ କବିମାନେ କିପରି ଜୀବଦଶାରେ ସବୁକିଛି ପାଇସାରିଥିଲେ ମଧ୍ୟ ଆଉରି କିଛି ପାଇବାପାଇଁ ହାଉଁପାଉଁ ହେଉଛନ୍ତି ତାହା ବର୍ଣ୍ଣନା କରାଯାଇଛି। ମାତ୍ର 'କବିର ପ୍ରଭାବ' ଅଧ୍ୟାୟରେ ଲେଖକ କବିମାନଙ୍କୁ ସମ୍ମାନ ଦେଇ ଶ୍ରେଷ୍ଠ ବୋଲି ପ୍ରମାଣ କରିଛନ୍ତି। ପ୍ରସଙ୍ଗକ୍ରମେ ଭାରତରତ୍ନ ଅଟଳବିହାରୀ ବାଜପେୟୀଙ୍କୁ ସେ ଶ୍ରଦ୍ଧା ଓ ସମ୍ମାନ ଅର୍ପଣ କରିଛନ୍ତି।

ଅଧ୍ୟାପକ ବିଶ୍ୱରଞ୍ଜନଙ୍କ ରଚନାଗୁଡ଼ିକରେ ଏକ ତୁଳନାତ୍ମକ ଭାଷା ଦେଖିବାକୁ ମିଳିଥାଏ। 'ଯାତ୍ରାଦଳ ଆସିଗଲେଣି' ଅଧ୍ୟାୟରେ ଯାତ୍ରା କରିବାର କଥାର ବର୍ଣ୍ଣନା ହୋଇନାହିଁ, ବରଂ ନିର୍ବାଚନର ବିଗୁଲ ବାଜିଗଲେ ନେତାମାନେ






ନାଟ୍ୟଅଭିନୟ ଆମାନଙ୍କ ପରି କିପରି ପ୍ରତିଭାତ ହୁଅନ୍ତି ତାହା ଦର୍ଶାଇ ଦିଆଯାଇଛି। ନିଖୋଜ ପରୀମାନଙ୍କ କଥାରେ ଅସହାୟ ମହିଳାମାନଙ୍କର ବାଧା, ଭୂତକେଳି ଅଧ୍ୟାୟରେ କରୋନା ମହାମାରିକୁ ଭୂତସହିତ ତୁଳନା, ମୁଖାରେ ମୁଖାରେ ଜୀବନରେ ଜୀବନକୁ ଗ୍ରାସ କରୁଥିବା ଛଳନା, ପିଆଜ ଓ ପଲିଟିସିଆନରେ ପିଆଜ ଓ ପଲିଟିସିଆନ ମଧ୍ୟରେ ସାମଞ୍ଜସ୍ୟ ଇତ୍ୟାଦି ରମ୍ୟ ଭାବରେ ଉଚିତ ହୋଇ ପାଠକଙ୍କ ମନୋହରଣ କରିବାକୁ ସମର୍ଥ ହୋଇଛି। କବିଗୁରୁଙ୍କ ସର୍ପ କଣାର କବିତାରେ କବି ଯେପରି ଜଗନ୍ନାଥଙ୍କୁ ସର୍ପ ସହିତ ତୁଳନା କରିଛନ୍ତି, ଠିକ୍ ସେହିପରି ପିଆଜସହିତ ରାଜନୀତିଜ୍ଞମାନଙ୍କର ତୁଳନା ଲେଖକଙ୍କର ବିଦ୍‌ଗ୍‌ଧତା ଓ ବ୍ୟଙ୍ଗଧାରାକୁ ପରିପ୍ରକାଶ କରିଛି।

ବିଭିନ୍ନ ପ୍ରଜାତିର ଫୁଲରେ ଯେମିତି ମାଳାଟିଏ ନିର୍ମିତ ହୋଇଥାଏ ଓ ସେହି ମାଳା ଈଶ୍ୱରଙ୍କୁ ଅର୍ପିତ ହୁଏ, ଠିକ୍ ସେହିପରି ବିଭିନ୍ନ ବିଷୟବସ୍ତୁର ସମାହାରରେ ଅଧ୍ୟାପକ ବିଶ୍ୱରଞ୍ଜନ ଗ୍ରନ୍ଥସଙ୍କଳିତ କରି ଉତ୍କଳବାଣୀଙ୍କୁ ଅର୍ପଣ କରିଛନ୍ତି। ତାଙ୍କ ଫିଚରଗୁଡ଼ିକର ଭାଷା ଯେମିତି ରମ୍ୟ ଓ ସାବଲୀଳ ହୋଇଛି, ପ୍ରସ୍ତୁତ ବିଷୟବସ୍ତୁ ପାଠକଙ୍କୁ ଆପଣେଇନେବାର କ୍ଷମତା ରଖିଛି। ସାରା ଆକାଶର ରଙ୍ଗରେ ପାଠକମାନଙ୍କର ହୃଦୟ ଆକାଶ ନିଶ୍ଚିତ ରଙ୍ଗୀନ ହୋଇଉଠିବ, ଏଥିରେ ଦ୍ୱିମତ ନାହିଁ।

♥ ନାଗେଶ୍ୱରପଲ୍ଲୀ, ଆଲୁପୁର, ତାମୁଲିଆ ରୋଡ୍, ବାଲେଶ୍ୱର-୭୫୬୦୦୧

# ଗାଁ ଗୀତ

## (ମାଟି ଅଗଣାର ବିରହ ବିଧୁର ଗାଥା... ମୋ' ଗାଁର କଥା)

### ଭାଗ-୧୮

ପ୍ରାୟ ପ୍ରତ୍ୟେକ ସୃଜନଶୀଳ ମଣିଷ ଭିତରେ ଗାଁ ଟିଏ ଥାଏ । ରାଜଦୁଲାଳୀ ପଣତ ଅତର ମହକ ପରି ସେଇ ଗାଁର ବାସ୍ନା । ତାକୁ ଏମିତି ଅଥୟ କରେ ଯେ ଛାଡ଼ି ଆସିଥିବା ପିଛିଲା ଦିନର ପାଦଚିହ୍ନ ତା' ଭିତରେ ଥିବା କବିକୁ ଉସୁକାଏ- ଲେଖ୍...ଲେଖ୍...ଲେଖ୍‌ରେ ମୋ କଥା । ସେଇ ଉହୁଁକାପଣର ଦାୟରେ ଏଇଠି ମାଟି ଅଗଣାର ବିରହ ବିଧୁର ଗାଥା... ମୋ ଗାଁର କଥା... ।



ଉମାକାନ୍ତ ରାଉତ(ଅରୂପ)
♥ ପ୍ଲଟ ନମ୍ବର-୭୬୨, ପ୍ରଥମ ମହଲା, ନିଳାଦ୍ରି ବିହାର, ସେକ୍ଟର-୩, ଭୁବନେଶ୍ୱର-୨୧
ମୋ : ୯୪୩୭୨୬୭୧୨୫

ନିଜ ଉତ୍ତାପରେ ନିଜେ ଜଳେ ଖରା
ସେମିତି କାଠିଆ ଦେହ
ଯେତେ ମିଛମାୟା ଜାଲେ ଫଶିଲେବି
ଗାଆଁ ଦେଉଥାଏ ସ୍ନେହ । ୧୮୧ ।

ଗାଆଁର ରାସ୍ତାରେ ଧୂଳି ଉଡ଼େଇକି
ଗାଡ଼ିଟିଏ ଯେବେ ଯାଏ
ଭାରି ଉଦାର ମୋ' ଗାଆଁ ପରିବେଶ
ସେସବୁ ଘୋଡ଼େଇ ଦିଏ । ୧୮୨ ।

ସଂଧ୍ୟା ତାରାକୁ ଡାକୁଥାଏ ଯେବେ
ବାହୁଡ଼ା ପକ୍ଷୀଙ୍କ ଗୀତ
ଗୋଧୂଳି ପିଠିରେ ଜହ୍ନ ଓହ୍ଲାଏ
ଗାଆଁକୁ ସଜାଇ ମିତ । ୧୮୩ ।

ଜହ୍ନର ଆଲୁଅ ଧାର ସାଜିଯାଏ
ଗାଆଁର ପ୍ରଶସ୍ତ କୋଳ
ସେ କୋଳେ ନିଶ୍ଚିନ୍ତେ ଗାଆଁ ଶୋଇଯାଏ
ସତେ କି ଅନନ୍ତ କାଳ । ୧୮୪ ।

ତାରା ଫୁଲଙ୍କର ରୋଷଣିରେ ଯେବେ
ଗାଆଁଟା ଉଜାଳା ହୁଏ
କବିତା ଭାଡ଼ିରେ ଫୁଲ ଫୁଟିଯାଏ
ମୋ' ଭିତରେ ମୁଁ ନଥାଏ । ୧୮୫ ।

ପରାଣ କୁହୁଳି ସ୍ମୃତି ଧୂଆଁ ଧାର
ଦିଶିଯା'ନ୍ତି ଜଳଜଳ
ଆଖିର ପଲକ ନ ପଡ଼ିଲା ପରି
ସୌନ୍ଦର୍ଯ୍ୟର ଗନ୍ତାଘର । ୧୮୬ ।

ରାଜଦୁଲାଳୀର ଅତର ମହକ
ତୂଳୀତଳ୍ପ ଶିହରଣ
ରୋଷଣି ଫୁଲଙ୍କ ଶୂନ୍ୟ ବେଦୀରେ
ସାମଗାନ ଆବାହନ । ୧୮୭ ।

ବଂଚିବାର ଏଇ ଉଦାର ସାମର୍ଥ୍ୟ
ଗାଆଁ ବିନା ଆଉ କାହିଁ ?
କୋଳାହଳ ମଧ୍ୟେ ନୀରବତା ସ୍ୱର
ଆଉ କେଉଁଠି ବି ନାହିଁ । ୧୮୮ ।

ଶଗଡ଼ ଗାଡ଼ିର କେଁ' କଟରରେ
ରାମ ଲଇକ୍ଷଣ ଗୀତ
ହୃଦୟରେ ଭରେ କବିତା ପ୍ରତ୍ୟୟ
ଯାତନା ଜ୍ୱାଳା ସଂଘାତ । ୧୮୯ ।

ଦଦରା ତଳେଇ ପାଲରୁ ଯେ' ବେଳେ
ମାଗୁଣିର ନିଦ ତୁଟେ
ମାଟି ମଗ୍ନ ସବୁ ବୃକ୍ଷଙ୍କ କପାଳେ
ଅପାର ଆନନ୍ଦ ଛୁଟେ । ୧୯୦ । (କ୍ରମଶଃ)



କଲମ ଆଜ୍ ଉନକୀ ଜୟ ବୋଲ୍
ଯୋ ଚଢ଼ ଗୟେ ପୁଣ୍ୟ ବେଦୀ ପର୍
ଲିୟେ ବିନା ଗରଦନ୍ କା ମୋଲ୍,
ସାକ୍ଷୀ ହେଁ ଜିନକୀ ମହିମା କେ
ସୂର୍ଯ୍ୟ, ଚନ୍ଦ୍ର, ଭୂଗୋଲ୍, ଖଗୋଲ୍
କଲମ ଆଜ୍ ଉନକୀ ଜୟ ବୋଲ୍ ...

- ରାଷ୍ଟ୍ରକବି ଶ୍ରୀ ରାମଧାରୀ ସିଂହ 'ଦିନକର'



# ବମ୍ ତୁଲ୍ ବୁଖାରା



୩୨

ଦୀପକ ରଂଜନ ମିଶ୍ର

## ॥ ଉଲ୍ଲାସକର ଦତ୍ତ-୨ ॥




ବେକରେ ଫାଶଟିକୁ ଗଳାଇବା ବେଳେ କୋଠରୀ ବାହାରେ କାହାର ପାଦଶବ୍ଦ ଶୁଭିବାରୁ ଧରାପଡ଼ିଯିବା ଭୟରେ ଉଲ୍ଲାସକର ସେଇ ଉଦ୍ୟମରୁ କ୍ଷାନ୍ତ ହୋଇ ସୁନାପିଲା ଭଳି ଚୁପ୍‌ଚାପ୍ ନିଜ ବିଛଣାରେ ଗଡ଼ିପଡ଼ନ୍ତି । ସମୟ ଗଡ଼ିଯିବାରୁ ଆସ୍ତେ ଆସ୍ତେ ତାଙ୍କ ମାନସିକ ଅବସ୍ଥାରେ ପରିବର୍ତ୍ତନ ଦେଖାଦିଏ । ତା' ପରଦିନ ସକାଳକୁ ଲଣ୍ଡନରେ ଛୁଟି ବିତାଇ ଫେରିଥିବା କ୍ୟାପ୍‌ଟେନ୍ ମୁରେ ଜେଲ୍ ସୁପରିଂଟେଣ୍ଡେଣ୍ଟ ଭାବେ ଆପଣା କାର୍ଯ୍ୟଭାର ଗ୍ରହଣ କରନ୍ତି । ରାଜବନ୍ଦୀମାନଙ୍କ ସହ ତାଙ୍କର ଖୁବ୍ ଭଲ ସମ୍ପର୍କ ଥିବାରୁ ସେ ଫେରିଆସିବା ଜାଣି ସମସ୍ତେ ଶାନ୍ତିରେ ନିଃଶ୍ୱାସ ମାରନ୍ତି । ସେଇଦିନ ଉପରବେଳା କ୍ୟାପ୍‌ଟେନ୍ ମୁରେ ପାଗଳଖାନାକୁ ଯାଆନ୍ତି ଉଲ୍ଲାସକରଙ୍କୁ ଦେଖିବାକୁ । ବିକ୍ଷିପ୍ତ ମନରେ ସେ ବସିଥାନ୍ତି କୋଠରୀ ଭିତରେ । ଦଉଡ଼ିଟି ଝୁଲି ରହିଥାଏ ଝରକାରୁ ତଳ ପର୍ଯ୍ୟନ୍ତ । ତାକୁ ଦେଖି ସବୁକିଛି ଠଉରେଇ ନିଅନ୍ତି ସାହେବ୍ । ଅନେକ କଥା କହି ବୁଝାଇବା ପରେ ଉଲ୍ଲାସକର ଟିକିଏ ସାମାନ୍ୟ ହୁଅନ୍ତି । ସେ ଜଣେ ସରକାରୀ କର୍ମଚାରୀ ହୋଇଥିବାରୁ ସରକାରୀ ନିର୍ଦ୍ଦେଶ ମାନିବାକୁ ବାଧ । ସରକାରଙ୍କ ଆଦେଶ ରହିଛି ରାଜବନ୍ଦୀମାନଙ୍କୁ କଠୋରରୁ କଠୋର କାମ କରେଇବାକୁ । ତେବେଯାଇ ସେମାନଙ୍କ ଦୃଢ଼ ମନୋବଳ ଭାଙ୍ଗିବାରେ ସଫଳ ହେବେ ସରକାର । ସେଇ ନିର୍ଦ୍ଦେଶର ଖିଲାପ୍ କରିବା ତ ସମ୍ଭବ ନୁହେଁ । ତେବେ ଗୋଟିଏ କାମ କରାଯାଇ ପାରେ । ତାଙ୍କୁ ଆଣ୍ଡାମାନରେ ଥିବା ପାଗଳଖାନାକୁ ପଠାଇଦେଲେ ସେ ଏଇ କଠିନ ଶାରୀରିକ ଶ୍ରମରୁ ରକ୍ଷା ପାଇ ପାରିବେ । ସେଠାରେ ମନକୁ ପାଇଲେ କାମ କର ନହେଲେ ଚୁପ୍‌ଚାପ୍ ବସିରହିଲେ ବି କାହାର କିଛି କହିବାର ନାହିଁ । ମୁରେଙ୍କର ଏଇ ପ୍ରସ୍ତାବକୁ ଉଲ୍ଲାସକର ଆନନ୍ଦର ସହ ଗ୍ରହଣ କରନ୍ତି । ତାଙ୍କ ମୁଣ୍ଡଉପରେ ଢାଙ୍କି ରହିଥିବା ଦୁଃଖର କଳା ବାଦଲ କଡ଼କୁ ସତେ ଯେମିତି ଚେନାଏ ସୁନେଲୀ ସୂର୍ଯ୍ୟରଶ୍ମୀ ଉଙ୍କିମାରେ । ତାଙ୍କୁ ପାଗଳଖାନାକୁ ପଠାଇ ଦେବାର ବ୍ୟବସ୍ଥା କରିଦେବାରୁ ମୁରେ ସାହେବ୍‌ଙ୍କୁ ଧନ୍ୟବାଦ ଜଣାନ୍ତି ଉଲ୍ଲାସକର ।

ପାଗଳଖାନାର ମୁଖ୍ୟ ଥାଆନ୍ତି ଜଣେ ବଙ୍ଗାଳୀ ଡାକ୍ତର । ତାଙ୍କ ଘର ବି ଉଲ୍ଲାସକରଙ୍କ ଭଳି ପୂର୍ବବଙ୍ଗରେ । ନିଜ ଅଞ୍ଚଳର ପିଲାଟିଏ ହୋଇଥିବାରୁ ସେ ଭାରି ଯତ୍ନ ନିଅନ୍ତି ତାଙ୍କର । ଖାଇବା ପିଇବାରେ ଅନିୟମିତତା ଲକ୍ଷ୍ୟକଲେ ତାଙ୍କ ନିଜ ଘରକୁ ଡାକିନିଅନ୍ତି । ପତ୍ନୀଙ୍କ ହାତରନ୍ଧା ସ୍ୱାଦିଷ୍ଟ ଭୋଜନ ଖାଇବାକୁ ଦିଅନ୍ତି । ନିଜ ଛୁଆଙ୍କୁ ଚିହ୍ନେଇ ଦିଅନ୍ତି ସେମାନଙ୍କର ଜଣେ ବଡ଼ଭାଇ ବୋଲି । ଛୁଆମାନେ ତାଙ୍କର ଖେଳଣା ସବୁ ଆଣି ଉଲ୍ଲାସକରଙ୍କ ସହ ଖେଳନ୍ତି । ଉଲ୍ଲାସକରଙ୍କ ମାନସିକ ଅବସ୍ଥା ବି ଠିକ୍ ଗୋଟିଏ ଛୋଟ ଛୁଆ ଭଳି ହୋଇଯାଇଥିବାରୁ ସେ ଡାକ୍ତରବାବୁଙ୍କ ପିଲାଙ୍କ ସହ ଖୁବ୍ ଖୁସିରେ କଣ୍ଢେଇ ଖେଳରେ ମାତିଯାଆନ୍ତି । ଡାକ୍ତରଙ୍କ ଘରର ସ୍ନେହ ଆଦର ତାଙ୍କପାଇଁ ଥାଏ ମହୌଷଧି ଭଳି । ପାଗଳଖାନାରେ ଯେଉଁମାନେ ଟିକିଏ ସୁସ୍ଥ ଥାଆନ୍ତି ସେମାନଙ୍କୁ ସେଠିକାର ବଗିଚାରେ କାମ କରିବାକୁ କୁହାଯାଇଥାଏ । ସେଇଠି ବିଭିନ୍ନ ପ୍ରକାରର ଫଳଗଛ ଥାଏ । ଫଳ ତୋଳି ତାକୁ ଆଣ୍ଡାମାନର ବିଭିନ୍ନ ଜାଗାକୁ ପଠାଯାଏ ବିକ୍ରି ପାଇଁ । ଉଲ୍ଲାସକରଙ୍କୁ ସେଇ ଫଳ ବିକ୍ରିର ହିସାବ ରଖିବା ଦାୟିତ୍ୱ ଦିଆଯାଏ । ହେଲେ ଲେଖାଲେଖି ଓ ପ୍ରତି ପାଉଣ୍ଡ ଓଜନର ଫଳକୁ ଦୁଇ ପଇସା ଲେଖାରେ ବିକ୍ରିକଲେ କେତେ ପଇସା ହେବ ତା'ର ହିସାବ କରୁ କରୁ ତାଙ୍କର ମୁଣ୍ଡ ଗୋଳମାଳ ହୋଇଯାଏ । ସେ କିଛି ଠିକ୍ କରି ପାରନ୍ତି ନାହିଁ । ଏଭଳି ଅବସ୍ଥା ଦେଖି ତାଙ୍କୁ କୌଣସି କାମ ନଦେବାକୁ ସ୍ଥିର କରନ୍ତି ଡାକ୍ତରବାବୁ । ସେ ତାଙ୍କ ମନଇଚ୍ଛା ବଗିଚା ଭିତରେ ବୁଲାବୁଲି କରି ସମୟ ଅତିବାହିତ କରିବାକୁ ଲାଗନ୍ତି ।

ଜଣେ ପେଟି ଅଫିସର ଓ ଦୁଇଜଣ ଜଗୁଆଳୀ ଚବିଶ ଘଣ୍ଟା ତାଙ୍କ ଉପରେ ନଜର ରଖୁଥାନ୍ତି । ଯେମିତି ଆଉ କେବେ ସେ ଆତ୍ମହତ୍ୟା କରିବାର ପ୍ରୟାସ ନକରନ୍ତି ସେଇଥିପାଇଁ ରାତିରେ ତାଙ୍କ କୋଠରୀ ଭିତରେ ଜଣେ ଜଗିକରି ଶୋଉଥାଏ । ହେଲେ ସେମାନେ ତାଙ୍କୁ କେବେ ବି କୌଣସି କଥାରେ ଚାପ ପକାଉ ନଥାନ୍ତି । ପାଗଳଖାନା ପରିସର ଭିତରେ ଯେକୌଣସି ଜାଗାକୁ ଯିବା ପାଇଁ ତଥା ଯାହା ଇଚ୍ଛା କରିବା ପାଇଁ ତାଙ୍କୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦିଆ ଯାଇଥାଏ । ପାଗଳଖାନାଠୁଁ ଅଳ୍ପ ଦୂରରେ ବାବୁ ରାମହରି ବୋଲି ଜଣେ ପଞ୍ଜାବୀ ଲୋକ ରହୁଥାନ୍ତି । ସମୟ ପାଇଲେ ସେ ଉଲ୍ଲାସକରଙ୍କୁ ଦେଖିବାକୁ ଆସନ୍ତି । ଦୁହେଁ କିଛି ସମୟ ବସି ଦୁଃଖସୁଖ ହେଲେ ସେ ଭାରି ଖୁସି ହୁଅନ୍ତି । ହେମଚନ୍ଦ୍ର, ବାରୀନ୍ଦ୍ର, ଉପେନ୍ଦ୍ର ଆଦି ବନ୍ଧୁ ବି କେବେ କେମିତି ସୁଯୋଗ ପାଇଲେ ତାଙ୍କୁ ଦେଖା କରିବାକୁ ଆସନ୍ତି ପାଗଳଖାନାକୁ । ବାହାରକୁ କାମ କରିବାକୁ ଯାଉଥିବା ରାଜବନ୍ଦୀ ମାନଙ୍କୁ କିନ୍ତୁ ଜେଲ୍ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଶକ୍ତ ତାଗିଦା ଥାଏ ନିଜ ନିଜ ଭିତରେ ଯୋଗାଯୋଗ ନକରିବାକୁ । ହେଲେ ସାଥୀଟିର ଏଭଳି ଅବସ୍ଥା ଦେଖି ସେମାନେ କେମିତି ବା ନଆସି ରହିପାରନ୍ତେ ଯେ । ସେମାନେ ଲୁଚି ଲୁଚି ତାଙ୍କୁ ସାକ୍ଷାତ କରିବାକୁ ଆସନ୍ତି । ଇଏ ବି ସେମାନଙ୍କୁ ଦେଖିଲେ ଛୁଆଙ୍କ ଭଳି ଖୁସିରେ ନାଚି ପକାଉଥିଲେ । କିଛି ସମୟ ପାଇଁ ହେଲେ ବି ତାଙ୍କର ଏକାକୀପଣିଆ ଦୂରେଇ ଯାଉଥିଲା । ଏହା ଦେଖି ବଙ୍ଗଳୀ ଡାକ୍ତର ଜଣକ ସେମାନଙ୍କୁ ଭେଟିବାକୁ ପ୍ରଶ୍ରୟ ଦେଉଥିଲେ ।

ଏଇଭଳି ଅବସ୍ଥାରେ ଉଲ୍ଲାସକର ସେଇ ପାଗଳଖାନା ଭିତରେ ଚାରି ପାଞ୍ଚମାସ ରହନ୍ତି । ଅନୁକୂଳ ଚିକିତ୍ସା ସତ୍ତ୍ୱେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସାମାନ୍ୟ ଟିକିଏ ବି ଉନ୍ନତି ପରିଲକ୍ଷିତ ହୁଏନାହିଁ । ଦିନେ ସକାଳୁ ଖବର ଆସି ପହଞ୍ଚେ ଯେ ଭାରତର ଜେଲ ବିଭାଗର ମହାନିର୍ଦ୍ଦେଶକ ଜେଲ୍ ପରିଦର୍ଶନ କରିବାକୁ ଆଣ୍ଡାମାନ ଆସିଛନ୍ତି ଓ କିଛି ସମୟ ଭିତରେ ସେ ଆସି ପାଗଳଖାନାରେ ପହଞ୍ଚିବେ । ଏଇ ଖବର ସେଠିକାର କର୍ମଚାରୀମାନଙ୍କୁ ଚଳଚଞ୍ଚଳ କରିଦିଏ । ଆସୁଥିବା ସାହେବ୍‌ଙ୍କ ନାଁ ଶୁଣି ଉଲ୍ଲାସକର ଖୁସି ହୋଇ ଯାଆନ୍ତି । ସେ ଥିଲେ ତାଙ୍କର ପୂର୍ବ ପରିଚିତ । ଅଲୀପୁର ଜେଲ୍‌ରେ ଥିଲାବେଳେ ପ୍ରାୟ ସବୁଦିନ ସନ୍ଧ୍ୟାବେଳେ ସେ ଆସି ତାଙ୍କ ସହିତ ଖୁବ୍ ଗପାଗପି କରୁଥିଲେ । ହେଲେ ଏଇ ଦୁଇ ତିନିବର୍ଷ ଭିତରେ ତାଙ୍କ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟାବସ୍ଥାରେ ଏତେ ପରିବର୍ତ୍ତନ ହୋଇଯାଇଥାଏ ଯେ ସାହେବ୍ ତାଙ୍କୁ ସାମ୍ନାରେ ଦେଖି ମଧ୍ୟ ଚିହ୍ନି ପାରନ୍ତି ନାହିଁ । ପରିଚୟ ଦେବାରୁ ଆଶ୍ଚର୍ଯ୍ୟଚକିତ ହୋଇ କହନ୍ତି, "ଆରେ ଉଲ୍ଲାସକର, ତୁମେ ! ଏଇ କିଛିଟା ମାସ ଭିତରେ ଏତେ ପରିବର୍ତ୍ତନ କେମିତି ହୋଇଗଲା ତୁମର ? ଓଜନ ତ ଢେର କମି ଯାଇଥିବ । ଏଇଭଳି ସ୍ୱାସ୍ଥ୍ୟରେ ତୁମେ କେମିତି ତୁମର କୋଡ଼ିଏ ବର୍ଷର ଜେଲଦଣ୍ଡ ପୂରଣ କରି ପାରିବ ?" ଉଲ୍ଲାସକର ଆପଣାର ଲୋକଟିଏ ପାଖରେ ପାଇ ଲୁହ ଗଡ଼ାଇ ଆଣ୍ଡାମାନରେ ପହଞ୍ଚିବା ଠାରୁ ଏବେ ପର୍ଯ୍ୟନ୍ତ ଯାହା ଯାହା ହୋଇଛି ସବୁର ଟିକିନିଖି ବର୍ଣ୍ଣନା କରନ୍ତି । ସବୁ ଶୁଣି ସାନ୍ତ୍ୱନା ଦେଇ ସାହେବ୍ କହନ୍ତି ଯେ ସେ ଭାରତ ସରକାରଙ୍କୁ ତାଙ୍କ ବିଷୟରେ ଲେଖି ତାଙ୍କୁ ଭାରତର କୌଣସି ଜେଲ୍‌କୁ ଫେରାଇ ନେବାର ବ୍ୟବସ୍ଥା କରିବେ । ଭାରତକୁ ଫେରିଲେ ଯାଇ ତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଦେଖାଯିବ । ଅସୁସ୍ଥତା ବେଳେ କ'ଣ ସବୁ ଘଟିଥିଲା ତଥା କ'ଣ ଦୃଶ୍ୟ ହୋଇଥିଲା ତାହା ଜାଣିବାକୁ ଆଗ୍ରହ ପ୍ରକାଶ କରନ୍ତି ।

ପ୍ରଥମେ ତାଙ୍କୁ ଭୀଷଣ ଜ୍ୱର ହୋଇଥିଲା ବୋଲି କହନ୍ତି ଉଲ୍ଲାସକର । ଉତ୍ତାପ ବୃଦ୍ଧି ସହ ତାଙ୍କ ଦେହ ଅସମ୍ଭବ ପ୍ରକାରେ ଥରିବା ଆରମ୍ଭ କରେ ଆଉ ସେ ଅଚେତ ହୋଇ ଯାଆନ୍ତି । ପ୍ରଥମେ ଜେଲ ଭିତରର ଡାକ୍ତରଖାନାରେ ଓ ପରେ ଆଣ୍ଡାମାନର ପାଗଳଖାନାରେ ତାଙ୍କୁ ଚିକିତ୍ସା ପାଇଁ ଭର୍ତ୍ତି କରାଯାଏ । ପାଗଳଖାନାରେ ପହଞ୍ଚିବା ପରେ ଜ୍ୱର ଆସିବା ପୂର୍ବରୁ ପ୍ରଥମେ ତାଙ୍କ ତାପମାତ୍ରା ଖୁବ୍ କମିଯାଏ ଓ ଦେହ ଥରିବାକୁ ଲାଗେ । ସେଇ ସମୟରେ ସେ ଖୁବ୍ ଅସ୍ଥିର ଅନୁଭବ କରନ୍ତି । ଏମିତି ଛାଟିପିଟି ହୁଅନ୍ତି ଯେ ତାଙ୍କ ଦେଖାଶୁଣା କରିବାକୁ ଥିବା ଜଗୁଆଳୀମାନେ ତାଙ୍କୁ କାବୁ କରିବା ଅସମ୍ଭବ ହୋଇପଡ଼େ । ଯିଏ ପାଖକୁ ଆସିଲେ ତାକୁ ଲାତ ଓ ମୁଥ ମାରିବା ସହ କାନ୍ଥରେ ନିଜ ମୁଣ୍ଡକୁ ବାରମ୍ବାର ପିଟିବାକୁ ଲାଗନ୍ତି । ପାଗଳଙ୍କ ଭଳି ଧାଆଁନ୍ତି ଏପଟ ସେପଟ । ଏମିତି ଧାଁ ଦଉଡ଼ କରି ଦେହ ଟିକିଏ ଗରମ ହୋଇଗଲେ ଥରିବା ବନ୍ଦ ହୋଇଯାଏ ଓ ସେ ଅର୍ଦ୍ଧଚେତନ ଅବସ୍ଥାକୁ ଚାଲିଯାଆନ୍ତି । ବିଭିନ୍ନ ପ୍ରକାରର ଅବାନ୍ତର ଦୃଶ୍ୟ ତାଙ୍କ ଆଖି ସାମ୍ନାରେ ଆସି ଝଲସିବାକୁ ଲାଗେ । ସେ ସ୍ୱପ୍ନ ଦେଖୁଛନ୍ତି କି ତାହା ବାସ୍ତବତା ସେ କିଛି ବୁଝି ପାରନ୍ତି ନାହିଁ । ସମଗ୍ର ବିଶ୍ୱ ଦ୍ରୁତଗତିରେ ଧ୍ୱଂସ ଆଡ଼କୁ ଗତି କରୁଥିବା ସେ ଦେଖିବାକୁ ପାଆନ୍ତି । ଚାରିଆଡ଼େ ହଣାକଟା ଲାଗିଛି । ଗାଁ ସହର ସବୁ ନିଆଁରେ ଜଳି ହୋଇଯାଉଛି ଛାରଖାର । ଏଇ ଧ୍ୱଂସର ମହାତାଣ୍ଡବ ଭିତରେ ତାଙ୍କର ଅବସ୍ଥା ଖୁବ୍ ଶୋଚନୀୟ ହୋଇ ପଡୁଛି । ସେ କୋଉଠିକି ଗଲେ ଏସବୁରୁ ମୁକ୍ତି ପାଇ ପାରିବେ ???

ଏସବୁ କଥା ଶୁଣି ମହାନିର୍ଦ୍ଦେଶକ ତାଙ୍କୁ ସମର୍ଥନ କରି କହନ୍ତି, "ସେସବୁ ଅବାନ୍ତର ଦୃଶ୍ୟ ଆଦୌ ନୁହେଁ ଉଲ୍ଲାସକର । ଏବେ ସମଗ୍ର ପୃଥିବୀ ଖୁବ୍ ଦୁଃସମୟ ଦେଇ ଗତି କରୁଛି । ଆଗକୁ କ'ଣ ଯେ ହେବ କିଛି ଚିନ୍ତା କରି ହେଉନାହିଁ । ସାରା ୟୁରୋପରେ ଭୀଷଣ ଉତ୍ତେଜନା । ଜର୍ମାନୀ ବିପକ୍ଷରେ ଏକ ଯୁଦ୍ଧର ଆଭାସ ମିଳୁଛି । ଆଗକୁ ଏଭଳି ଏକ ଯୁଦ୍ଧ ହେବାକୁ ଯାଉଛି ଯେଭଳି କେବେ ହୋଇନାହିଁ ଅତୀତରେ । ଭୀଷଣ ନରସଂହାର, ଧନଜୀବନ କ୍ଷୟ ।" ପ୍ରଥମ ବିଶ୍ୱଯୁଦ୍ଧର ସମ୍ଭାବନାକୁ ନେଇ ସମସ୍ତେ ଆତଙ୍କିତ ଥିବା ବେଳେ ଉଲ୍ଲାସକର ସେସବୁ ବିଷୟରେ ବିନ୍ଦୁ ବିସର୍ଗ ସୁଦ୍ଧା ଜାଣି ନଥାନ୍ତି । ମହାନିର୍ଦ୍ଦେଶକଙ୍କ ଠାରୁ ଏହାର ସୂଚନା ପାଆନ୍ତି ସେ । ତେବେ ଅସୁସ୍ଥାବସ୍ଥାରେ, ଅର୍ଦ୍ଧଚେତନ ଅବସ୍ଥାରେ ତାଙ୍କୁ ଏଭଳି ଦୃଶ୍ୟ ହେବା ନିଶ୍ଚିତ ଏକ ଚମତ୍କାର ଏହା ଅସ୍ୱୀକାର କରି ହେବନାହିଁ ।

ମହାନିର୍ଦ୍ଦେଶକଙ୍କ ଭାରତ ଫେରିବା ପରେ ଉଲ୍ଲାସକରଙ୍କୁ ଆଉ ଅଧିକ ଦିନ ଆଣ୍ଡାମାନରେ ରହିବାକୁ ହୁଏନି । ଦେଢ଼ମାସ ଭିତରେ ତାଙ୍କର ଭାରତୀୟ କାରାଗାରକୁ ସ୍ଥାନାନ୍ତରଣର ଆଦେଶ ଆସି ପହଞ୍ଚେ । ଏତିକିବେଳକୁ ତାଙ୍କ ସାଥୀ ଇନ୍ଦୁଭୂଷଣଙ୍କ ଜେଲ୍ ଭିତରେ ଆତ୍ମହତ୍ୟା କରିଥିବା ଖବର ତାଙ୍କୁ ଖୁବ୍ କଷ୍ଟ ଦେଉଥାଏ । ଏତେ କମ୍ ବୟସର ତଥା ଖୁସ୍ ମିଜାଜୀ ପିଲା କାହିଁକି ଯେ ଏଭଳି ନିଷ୍ପତ୍ତିଟିଏ ନେଲେ ସେ କଥା ଉଲ୍ଲାସକର ଯେତେ ଚିନ୍ତା କଲେ ବି ବୁଝି ପାରନ୍ତିନି । ଇନ୍ଦୁଭୂଷଣଙ୍କ ପକ୍ଷରେ ପ୍ରକୃତରେ ଏଭଳି ନିଷ୍ପତ୍ତି ଥିଲା ଅକଳ୍ପନୀୟ । ହେଲେ ଆଣ୍ଡାମାନର କାରାଗାର ଭିତରେ ପରିସ୍ଥିତି ହିଁ ଥାଏ ସେଇପରି । ସେ ନିଜେ ତ ଚେଷ୍ଟା କରିଥିଲେ ଆପଣା ଜୀବନ ହାରିଦେବା ପାଇଁ । ଆଉ କାହାକୁ କ'ଣ କହିବେ । ଭାଗ୍ୟକୁ କାହାର ପାଦଶବ୍ଦ ଠିକ୍ ସେତିକି ବେଳକୁ ଶୁଭିବାରୁ ସିନା ସେ ସେଇ ପ୍ରଚେଷ୍ଟାରୁ କ୍ଷାନ୍ତ ହେଲେ ।

ପାଗଳଖାନାକୁ ଆସି ସ୍ଥାନାନ୍ତରଣ ବିଷୟରେ ଖବର ଦେବା ଲୋକଟି କହେ ଯେ ବନ୍ଦୀଶାଳାରୁ ସରକାର ମୁକ୍ତ କରିଦେଇଛନ୍ତି ଓ ତାଙ୍କୁ ତାଙ୍କ ଗୃହଜିଲ୍ଲାକୁ ପଠାଇବାର ବ୍ୟବସ୍ଥା ହୋଇଛି । 'ମହାରାଜା' ଆଣ୍ଡାମାନ ଛାଡ଼ିବା ପାଇଁ ପ୍ରସ୍ତୁତ ହୋଇ ରହିଛି । ତେଣୁ ତାଙ୍କୁ ଖୁବ୍ ଶୀଘ୍ର ଜିନିଷ ପତ୍ର ବନ୍ଧାବନ୍ଧି କରି ଜାହାଜ ପାଖକୁ ଯିବାକୁ ହେବ । ମୁକ୍ତିର ଆନନ୍ଦରେ ଆତ୍ମବିଭୋର ହୋଇଯାଆନ୍ତି ଉଲ୍ଲାସକର । ଏତେଦିନ ପରେ ସେ ତାଙ୍କ ଘରକୁ ଫେରିବେ । ସେଠି ସମସ୍ତେ କେତେ ଉତ୍କଣ୍ଠାର ସହ ତାଙ୍କ ପ୍ରତୀକ୍ଷାରେ ଥିବେ । ନିଜ ଆତ୍ମୀୟମାନଙ୍କୁ ଦେଖିବା ପାଇଁ ବ୍ୟାକୁଳ ହୋଇ ଉଠନ୍ତି ଉଲ୍ଲାସକର । ନିଜ ବହିପତ୍ର, କପଡ଼ା ତଥା ଲୁହାର ଥାଳିଗିନାକୁ ଗୋଟିଏ ପୁଟୁଳିରେ ବାନ୍ଧି ଯିବାପାଇଁ ବାହାରି ପଡ଼ନ୍ତି । ସେଇ ଲୋକଟି ତାଙ୍କ ସହିତ ବନ୍ଦର ପର୍ଯ୍ୟନ୍ତ ଆସେ ତାଙ୍କୁ ଜାହାଜରେ ଚଢ଼େଇ ଦେବା ଉଦ୍ଦେଶ୍ୟରେ । ବନ୍ଦରରେ ପହଞ୍ଚି ସେମାନେ ଅପେକ୍ଷା କରନ୍ତି ଡଙ୍ଗାକୁ । ସେଥିରେ ଚଢ଼ି ସେମାନେ ପାଣି ଭିତରେ ଥିବା ଜାହାଜ ପାଖକୁ ଯିବେ । ଡଙ୍ଗାଟି ଆସି କୂଳରେ ଲାଗିଲା ବେଳକୁ ଉଲ୍ଲାସକରଙ୍କ ମନରେ ଗୋଟିଏ ଭାବନା ଉଙ୍କିମାରେ । ଏଇ ଲୋକଟି ତାଙ୍କୁ ଭୁଲେଇ ଭାଲେଇ କୋଉଠିକୁ ଅପହରଣ କରି ନେଇ ଯାଉନି ତ ? ନହେଲେ ଏତେ ଆତ୍ମୀୟତାର ସହ ତାଙ୍କ ସହିତ କଥାବାର୍ତ୍ତା କାହିଁକି କରୁଛି ! କେଉଁ ସ୍ୱାର୍ଥରେ ? ତାଙ୍କ ଦେହ ଭୟରେ ଥରିବାକୁ ଲାଗେ । ଥଣ୍ଡା ଝାଳ ବୋହି ଗୋଟାପଣେ ଓଦା ସରସର ହୋଇଯାଆନ୍ତି ସେ । ଯେତେ ବୁଝାଇଲେ ବି ଆଉ ଡଙ୍ଗାରେ ଚଢ଼ିବାକୁ ଆଦୌ ରାଜି ହୁଅନ୍ତି ନାହିଁ । ସେପଟେ ଛାଡ଼ିବାର ସମୟ ହୋଇଯାଇଥିବାରୁ ଜାହାଜରୁ ବାରମ୍ବାର ହର୍ଣ୍ଣ ବାଜୁଥାଏ । ଶେଷକୁ ଦୁଇତିନିଜଣ ମିଶି ତାଙ୍କୁ ଟେକିନେଇ ଡଙ୍ଗାରେ ବସେଇ ଦିଅନ୍ତି । ସେ କିନ୍ତୁ ଛାଟିପିଟି ହେଉଥାନ୍ତି ସେମାନଙ୍କ କବଳରୁ ଖସି ପଳାଇ ଯିବାପାଇଁ । ଡଙ୍ଗାଟି ଜାହାଜ ପାଖକୁ ଆସିବାରୁ ପୁଣି ତାଙ୍କୁ ଧରାଧରି କରି ଜାହାଜ ଭିତରକୁ ନେଇ ଛାଡ଼ିଦିଆଯାଏ । ନଙ୍ଗର ଉଠାଇ ଜାହାଜ ସମୁଦ୍ର ଭିତରକୁ ପଶିବା ଦେଖି ଉଲ୍ଲାସକର ଅନନ୍ୟୋପାୟ ହୋଇ ଚଟାଣ ଉପରେ କାଠ ଗଣ୍ଡିଟିଏ ଭଳି ଚିତ୍ ହୋଇ ଶୋଇପଡ଼ି ଆଗକୁ କ'ଣ କରିବେ ବୋଲି ଗଭୀର ଚିନ୍ତାରେ ବୁଡ଼ି ଯାଆନ୍ତି । ତାଙ୍କ ଅବସ୍ଥା ଦେଖି ସମସ୍ତେ ଛାନିଆଁ ହୋଇ ଜାହାଜର ଡାକ୍ତରଙ୍କୁ ଡାକି ଆଣନ୍ତି । ଡାକ୍ତର ଆସି ତାଙ୍କ ନାଡ଼ି ପରୀକ୍ଷା କରିବାରୁ ପରିସ୍ଥିତି ଉଦ୍‌ବେଗଜନକ ହୋଇଥିବା ଅନୁଭବ କରି ତାଙ୍କୁ ଜବରଦସ୍ତି ବ୍ରାଣ୍ଡି ପିଆଇ ଦିଅନ୍ତି । କିଛି ସମୟ ପରେ ନିଶା ହୋଇଯିବାରୁ ସେ ଶୋଇ ପଡ଼ନ୍ତି ନିଦରେ । ତାଙ୍କୁ ତଳ ମହଲାରୁ ଉଠାଇ ଆଣି ଜାହାଜର ଡେକ୍ ଉପରେ ଶୁଆଇ ଦିଆଯାଏ କିଛି ଥଣ୍ଡା ପବନ ଦେହରେ ବାଜିବ ବୋଲି । ନିଦ ଭାଙ୍ଗିବାରୁ ତାଙ୍କୁ ଧରିବାନ୍ଧି ନାକରେ ରବର ନଳୀ ପୂରାଇ କ୍ଷୀର ପିଆଇ ଦିଆଯାଏ । ନଳୀଟି ଅପରିଷ୍କାର ହୋଇଥିବା ଦେଖି ସେ ଡାକ୍ତରଙ୍କ ଉପରେ ଭାରି ବିରକ୍ତ ହୁଅନ୍ତି । ପାଖରେ ଥିବା ସବୁଲୋକଙ୍କୁ ଡାକ୍ତରଙ୍କ ବିରୁଦ୍ଧରେ ଅଭିଯୋଗ କରନ୍ତି । ହେଲେ କେହି ବି ତାଙ୍କ କଥା ନଶୁଣିବାରୁ ଏଥର ଚୁପ୍ ରହିବାକୁ ବାଧ ହୁଅନ୍ତି । ତିନିଦିନର ଜଳଯାତ୍ରା ପରେ ଜାହାଜ ଆସି ସ୍ଥଳଭାଗରେ ଲାଗେ । ହେଲେ ଇୟେ କ'ଣ ? ଆଣ୍ଡାମାନରୁ ଅଣାଯିବା ବେଳେ କୁହାଯାଇଥିଲା ଯେ ତାଙ୍କୁ ତାଙ୍କ ଗୃହଜିଲ୍ଲାକୁ ପଠାଇ ଦିଆଯିବ । ପୂର୍ବବଙ୍ଗ ଯିବାକୁ ହେଲେ ଜାହାଜ କଲିକତା ବନ୍ଦରରେ ଲାଗିବା କଥା । ଜାହାଜ କିନ୍ତୁ ଆସି ଲାଗିଛି ମାଡ୍ରାସ୍‌ରେ । ତାଙ୍କ ସନ୍ଦେହ ତେବେ ଶତପ୍ରତିଶତ ଠିକ୍ । ତାଙ୍କୁ ଅପହରଣ କରି ଅଣାଯାଇଛି ଆଣ୍ଡାମାନରୁ । ତାଙ୍କୁ ଆକାଶରୁ ଖସି ପଡ଼ିଲା ଭଳି ଲାଗେ । ଆଣ୍ଡାମାନର ପାଗଳଖାନାରୁ ଗୋଟେ ବୁଢ଼ା ବି ତାଙ୍କ ସହ ଆସିଥାଏ ସେଇ ଏକା ଜାହାଜରେ । ସେ ଜଣେ ଓଡ଼ିଆ ଲୋକ । ମାଡ୍ରାସ୍ ପ୍ରେସିଡେନ୍ସୀର ଉତ୍ତର ପଟକୁ ତା' ଘର । ସେ କଳାପାଣିରେ ଆଜୀବନ କାରାବାସ କାଟି ଫେରୁଥିଲା । ଜଣେ ଇଂରେଜ ଅଫିସର ଓଡ଼ିଆ ବୁଢ଼ା ସାଙ୍ଗରେ ତାଙ୍କୁ ମଧ୍ୟ ଜାହାଜରୁ ଓହ୍ଲାଇ ତଳକୁ ଆଣନ୍ତି । ବୁଢ଼ାକୁ ମାଡ୍ରାସ୍‌ର ପ୍ରେସିଡେନ୍ସୀ ଜେଲକୁ ପଠେଇ ଦେବା ପରେ ଉଲ୍ଲାସକରଙ୍କୁ ନେଇ ସେଠିକାର ପାଗଳଖାନାରେ ଛାଡ଼ି ଦିଅନ୍ତି । (ସମାପ୍ତ)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୭ ଜୁଲାଇ, ୨୦୨୨
ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com



## ଆଲୋଚନା..

# ଗୋପବନ୍ଧୁଙ୍କ ଦୃଷ୍ଟିରେ ଦେଶପ୍ରେମ ଓ ବିଶ୍ୱପ୍ରେମ



ହିନ୍ଦୀ ସାହିତ୍ୟର ପ୍ରସିଦ୍ଧ କବି ମୈଥିଳୀ ଶରଣ ଗୁପ୍ତ ଲେଖିଥିଲେ - ବହ କବିତା ହି କ୍ୟା ଜିସମେ ବହତା ରସଧାର ନହିଁ, ବହ ହୃଦୟ ନହିଁ ହେ ପତ୍ଥର ହେ ଜିସମେ ସ୍ୱଦେଶ କା ପ୍ୟାର ନହିଁ । ସ୍ୱଦେଶ ପ୍ରେମ ଏପରି ଏକ ଉଚ୍ଚ ସ୍ତରୀୟ ଭାବ ଯାହା ମଣିଷକୁ ଇତର ପ୍ରାଣୀମାନଙ୍କ ଠାରୁ ଶ୍ରେଷ୍ଠ କରିଥାଏ । ନିଜ ଦେଶକୁ ପ୍ରାଣ ଭଳି ଭଲ ପାଇବା ସ୍ୱଦେଶ ପ୍ରେମର ନିଦର୍ଶନ । ପ୍ରଭୁ ଶ୍ରୀରାମ ଯେତେବେଳେ ରାବଣକୁ ବଧ କରି ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରିବା ପାଇଁ ବାହାରିଲେ ସେତେବେଳେ ଲକ୍ଷ୍ମଣ ରାମଙ୍କୁ ଅଯୋଧ୍ୟା ନ ଯିବା ପାଇଁ ପ୍ରବର୍ତ୍ତାଇବାରୁ ରାମ ଲକ୍ଷ୍ମଣଙ୍କୁ କହିଥିଲେ - ଇଦମ ସ୍ୱର୍ଣ୍ଣ ମୟୀ ଲଙ୍କା ନ ରୋଚ୍ୟତେ ଲକ୍ଷ୍ମଣ, ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପୀ ଗରିୟସୀ । ଏହିପରି ଭାବେ ପ୍ରଭୁ ଶ୍ରୀରାମ ଜନନୀ ତଥା ଜନ୍ମଭୂମିକୁ ଆକାଶ ଠାରୁ ମଧ୍ୟ ଉଚ୍ଚ ସ୍ଥାନ ଦେଇ ସ୍ୱଦେଶ ପ୍ରେମର ଶ୍ରେଷ୍ଠ ଦୃଷ୍ଟାନ୍ତ ଦେଇଛନ୍ତି । ଏହି ଗୁଣ ଯୋଗୁଁ ହିଁ ରାମଙ୍କୁ ପୁରୁଷୋତ୍ତମ ଆଖ୍ୟା ଦିଆଯାଏ । ଏହିପରି ଉଚ୍ଚକୋଟୀର ସ୍ୱଦେଶ ପ୍ରେମ ଅତ୍ୟନ୍ତ ବିରଳ । ଏହିପରି ଜଣେ ବିରଳ ବ୍ୟକ୍ତିତ୍ୱ ଥିଲେ ଉତ୍କଳମଣି ଗୋପବନ୍ଧୁ ଦାସ ଯିଏ କହିଥିଲେ -

ମିଶୁ ମୋର ଦେହ ଏ ଦେଶ ମାଟିରେ/ ଦେଶବାସୀ ଚାଲିଯାଆନ୍ତୁ ପିଠିରେ
ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ଼/ ପୁରୁ ପଡି ତହିଁ ମୋର ମାଂସ ହାଡ଼ ।

ସେ ତାଙ୍କ ସମଗ୍ର ଜୀବନ ତଥା ନିଜର ସର୍ବସ୍ୱ ନିଜ ଜନ୍ମଭୂମି ଓ ଦେଶବାସୀଙ୍କ ପାଇଁ ଉତ୍ସର୍ଗ କରିଦେଇଥିଲେ । ସେ ନିଜ ଜନ୍ମଭୂମି ଉତ୍କଳକୁ ପ୍ରାଣଠାରୁ ମଧ୍ୟ ଅଧିକ ଭଲ ପାଉଥିଲେ । କିନ୍ତୁ ତାଙ୍କର ଏହି ଦେଶପ୍ରେମ ଅନ୍ଧ ଜାତୀୟତା, ଅନ୍ଧ ରାଷ୍ଟ୍ରୀୟତା ବା ଅନ୍ଧ ଭାବପ୍ରବଣତା ନଥିଲା; ବରଂ ଏହା ଥିଲା ମଣିଷ ପାଇଁ ମଣିଷ ହୃଦୟର ଏକ ସମ୍ବେଦନଶୀଳ ବ୍ୟାକୁଳତା, ମାନବିକତାର ସରଳ, ନିର୍ମଳ ବ୍ୟାଖ୍ୟା । ଏହାର ବିକଳ୍ପ ବିରଳ । ଉତ୍କଳମଣିଙ୍କ ଭାରତୀୟତାର ଆଉ ଏକ ଝଲକ ମିଳେ ଉତ୍କଳ ସମ୍ମିଳନୀରେ ତାଙ୍କର ଭାଷଣରୁ । ସେ କହିଥିଲେ- 'ଆମେମାନେ ପ୍ରଥମେ ମନୁଷ୍ୟ, ତା'ପରେ ଭାରତୀୟ ଓ ସର୍ବ ଶେଷରେ ଓଡ଼ିଆ । ଯେ ଯେଉଁ ଜାତି ବା ଦେଶରେ ଜନ୍ମ ହୋଇଥା'ନ୍ତୁ, ସେ ପ୍ରଥମେ ମନୁଷ୍ୟ ଓ ଈଶ୍ୱରଙ୍କ ସନ୍ତାନ ।'

ସାରା ପୃଥିବୀ ତାଙ୍କୁ ଆପଣାର ଘର ଭଳି ଲାଗୁଥିଲା । ତେଣୁ ଅନ୍ୟର ଦୁଃଖ ଦେଖି ସେ ସହି ପାରୁନଥିଲେ । କାର୍ଲମାର୍କ୍ସ ଏହାର ଏକ ତାତ୍ତ୍ୱିକ ବିଶ୍ଳେଷଣ କରି କହିଛନ୍ତି: ସାଧାରଣ ମଣିଷଟିକୁ ଦେଶ, ଜାତି ଓ ଜାତୀୟତା ନାମରେ ନାନା ପ୍ରକାର ଅଫିମ ବା ନିଶା ଖୁଆଇ ବଶ କରି ରଖାଯାଇଥାଏ । ତା'ପରେ ଜାତୀୟତାକୁ ରାଷ୍ଟ୍ରୀୟତା ସହ ମିଶାଇ ଅଭିନ୍ନ କରାଯାଏ ଓ କୁହାଯାଏ ନେସନ୍ ବା ଜାତି ଓ ରାଷ୍ଟ୍ର ଉଭୟେ ଏକ, କିନ୍ତୁ ମଣିଷ ତା'ର ରାଷ୍ଟ୍ରୀୟତାଠୁ ଊର୍ଦ୍ଧ୍ୱରେ । ସେ ଏକ ସାମାଜିକ ମଣିଷ । ଏବେ କିନ୍ତୁ ରାଷ୍ଟ୍ର ମଣିଷ ସମାଜକୁ ଗ୍ରାସ କରିଚି ଓ ମଣିଷ ଜୀବନକୁ ନିୟନ୍ତ୍ରଣ କରୁଛି । ଯେ ପର୍ଯ୍ୟନ୍ତ ଆମେ ରାଷ୍ଟ୍ରକୁ ମଣିଷର ମାଲିକ ବୋଲି ଗ୍ରହଣ କରିଥିବା ସେ ପର୍ଯ୍ୟନ୍ତ ମୁକ୍ତି ସମ୍ଭବ ନୁହେଁ ଏବଂ ସେଇ ରାଷ୍ଟ୍ର ହେଇପାରିବ ଏକ ମହାଜାତି ଯେତେବେଳେ ତାହା ମଣିଷର ବିକାଶ ଓ ଉଦୟ ପାଇଁ କାମ କରିବ । ଉତ୍କଳମଣି ଓଡ଼ିଶାକୁ ସେହିପରି ଏକ ମହାଜାତି ଭାବରେ ଗଢ଼ିବାକୁ ଉଦ୍ୟମ କରୁଥିଲେ । ସତ୍ୟବାଦୀରେ ମୁକ୍ତାକାଶ ବିଦ୍ୟାଳୟ ଖୋଲି ଏକ ମୁକ୍ତ ବିଚାରବାଦୀ ସମାଜ ଗଢ଼ିବାକୁ ସେ ଚାହୁଁଥିଲେ । ସ୍ୱପ୍ନ ଥିଲା ଏହାକୁ ଏକ ମହାଜାତୀୟ ଅନୁଷ୍ଠାନ ରୂପେ ଗଢ଼ିବାକୁ । ତେଣୁ ତାହାକୁ ସେ ଏକ ମଣିଷ ତିଆରି କାରଖାନା ବୋଲି କହୁଥିଲେ ।

ମହାମାନବ ମହାତ୍ମାଗାନ୍ଧୀ ଓ ଗୋପବନ୍ଧୁଙ୍କ ବିଚାରଧାରା ମଧ୍ୟରେ ଅପୂର୍ବ ସମାନତା ଦେଖିବାକୁ ମିଳିଥାଏ । ଧର୍ମ ଓ ନୈତିକତା ଦ୍ୱାରା ଉଭୟ ଗାନ୍ଧୀ ଓ ଗୋପବନ୍ଧୁ ସମସାମୟିକ ରାଜନୀତି ବ୍ୟବସ୍ଥାକୁ ସଜାଡ଼ି, ଜାତି, ଧର୍ମ, ବର୍ଣ୍ଣ ସଂପ୍ରଦାୟ ଊର୍ଦ୍ଧ୍ୱରେ ଏକ ବିରାଟ ମହାଜାତି ଗଢ଼ିବାକୁ ଚାହୁଁଥିଲେ । ଉଭୟ ଜାତୀୟତାବାଦର ଦର୍ଶନକୁ ମାନବିକତାର କୁର୍ତ୍ତା ପିନ୍ଧାଇଥିଲେ ଓ ଆଞ୍ଚଳିକତାବାଦରୁ ଦୂରରେ ରଖିଥିଲେ । ବିଶ୍ୱ ବିଖ୍ୟାତ ଗ୍ରୀକ୍ ଦାର୍ଶନିକ ଆରିଷ୍ଟୋଟଲ ନିଜ କ୍ଷୁଦ୍ର ଦେଶ ସୀମା, ବାହାରେ ଥିବା ସବୁ ରାଜ୍ୟ ଓ ଦେଶର ଲୋକଙ୍କୁ କହୁଥିଲେ ବର୍ବର, ଅସଭ୍ୟ, କିନ୍ତୁ ଗୋପବନ୍ଧୁ ସାର୍ବଜନୀନ ପ୍ରେମ ଉପରେ ଜୋର ଦେଇଥିଲେ । ମାର୍କ୍ସ କହୁଥିଲେ ମଣିଷର ମଣିଷତ୍ୱ ତା'ର ନାଗରିକତ୍ୱଠାରୁ ଉଚ୍ଚରେ । ମଣିଷକୁ ମଣିଷ କର । ଗୋପବନ୍ଧୁ ବି ସେହିପରି ଏକ ସମାଜଧର୍ମୀ ସାହିତ୍ୟିକ ଓ ରାଷ୍ଟ୍ରକବି ଯିଏ ଆମକୁ ଦେଇ ଯାଇଛନ୍ତି ନୂଆ ମନ୍ତ୍ର, ନୂଆ ଦିଗ୍‌ଦର୍ଶନ ।

ଆଜି ଦେଶରେ ସାମାଜିକ ମୂଲ୍ୟବୋଧ କମି କମି ଆସୁଛି । ମଣିଷ ପଣିଆ ହଜି ହଜି ଯାଉଛି । ବିଶ୍ୱବ୍ୟାପୀ କରୋନାର ପ୍ରାଦୁର୍ଭାବ ବେଳେ ମନେ ପଡୁଛି ଦରଦୀ ମଣିଷ ଗୋପବନ୍ଧୁଙ୍କ କଥା । ସେ କେବଳ ଉତ୍କଳର ବନ୍ଧୁ ନ ଥିଲେ ସମଗ୍ର ଭାରତବର୍ଷ ର ଜାତୀୟତାବାଦ, ମାନବବାଦ, ଦୁଃଖୀଦରିଦ୍ର, ନିଷ୍ପେଷିତ ଜନତାଙ୍କର ଥିଲେ ଅତି ଆପଣାର ।

ସେ ଉତ୍କଳୀୟ, ପରେ ଭାରତୀୟ ଏବଂ ସର୍ବଶେଷରେ ବିଶ୍ୱନାଗରିକ ହୋଇପାରିଥିଲେ । ବାସ୍ତବିକ ସ୍ୱଦେଶ ପ୍ରୀତି, ବିଶ୍ୱ ପ୍ରୀତି, ଈଶ୍ୱର ଭକ୍ତି ତାଙ୍କ ଜୀବନବ୍ୟାପୀ ସାଧନା ଓ ଭାବନାର ତ୍ରିବେଣୀ ଧାରା ସେ ତାଙ୍କ ସାହିତ୍ୟ କୃତିରେ ପ୍ରବାହିତ କରିଛନ୍ତି । ଉତ୍କଳର ଗୌରବମୟ ଇତିହାସକୁ ମନେପକାଇ ସେ ସ୍ୱତଃ ଗାଇ ଉଠିଛନ୍ତି -

ନିଜେ ଜଗନ୍ନାଥ ଜଗତ ଈଶ୍ୱର/ ଧରିଣ ସୈନିକ ନର କଳେବର
ଉତ୍କଳର ଯଶଃ ପ୍ରତିଷ୍ଠା ରକ୍ଷଣେ/ ବିଜେକଲେ ଘୋର ସମର ପ୍ରାଙ୍ଗଣେ ।

ଅତୀତ ଉତ୍କଳର ଯେଉଁ ସୁକୃତ ବଳରେ ପ୍ରଭୁ ଜଗନ୍ନାଥ ଉତ୍କଳର ଯଶ ଗୌରବ ପ୍ରତିଷ୍ଠା ନିମନ୍ତେ ସୈନିକ ବେଶରେ ରଣକ୍ଷେତ୍ରରେ ଅବତୀର୍ଣ୍ଣ ହୋଇଥିଲେ, ସେ ସୁକୃତ ଆଜି ତିରୋହିତ । ଏହି କ୍ଷୋଭରେ କବିଙ୍କ ମୁଖରୁ ସ୍ୱତଃ ଝରି ଆସିଛି -

କାହିଁ ଆହା ଏବେ ସେ ବୀରତା /ଓଡ଼ିଆ ଜାତିର ପୂର୍ବ ଜାତୀୟତା ।

ଗୋପବନ୍ଧୁଙ୍କ ଉତ୍କଳୀୟତା କ୍ରମଶଃ ମହାଭାରତୀୟତାର ଭାବକୁ ଗତି କରି ଶେଷରେ ବିଶ୍ୱୋନ୍ମୁଖୀ ହୋଇଛି । 'ବସୁଧୈବ କୁଟୁମ୍ବକମ' ତାଙ୍କ ଜୀବନର ଆଦର୍ଶ ଥିଲା । ତେଣୁ ତାଙ୍କ କୃତି ରେ ବିଶ୍ୱ ଭ୍ରାତୃତ୍ୱ ଓ ବିଶ୍ୱଜନ ପ୍ରୀତିର ଭାବ ପରିଲକ୍ଷିତ ହୋଇଥାଏ । ସେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରି କହନ୍ତି - ଜାତୀୟ ମମତା ବିଶ୍ୱଜନ ପ୍ରୀତି / ଉତ୍କଳ ବାସୀର ହେଉ ଏହା ନୀତି ।

ଗୋପବନ୍ଧୁଙ୍କ ବିଚାରରେ ଜାତୀୟ ମମତା ଓ ବିଶ୍ୱଜନ ପ୍ରୀତି ମଧ୍ୟରେ ଆଦୌ ବ୍ୟବଧାନ ନାହିଁ । ତାଙ୍କ ନିମ୍ନୋକ୍ତ ଉକ୍ତିରେ ବିଶ୍ୱଭାବର ଆବେଗମୟ ଅଭିବ୍ୟକ୍ତି ଯେମିତି ଫୁଟିଉଠିଛି -

ନିଜ ସ୍ୱାର୍ଥ ଲାଗି ଜାତ ନୁହେଁ ହିନ୍ଦୁ / ବିଶ୍ୱହିତେ ତାର ପ୍ରତି ରକ୍ତବିନ୍ଦୁ
ସର୍ବେ ଆମେ ଏକ ଈଶ୍ୱର ସନ୍ତାନ/ ସାଧ ବିଶ୍ୱ ହିତ ତେଜି ଅଭିମାନ ।

ଜାତୀୟ ପ୍ରୀତି ବିଶ୍ୱ ପ୍ରୀତିର ଅନ୍ତରାୟ ନୁହଁ ବରଂ ଏହା ବିଶ୍ୱ ପ୍ରୀତିର ଆଭାସ ମାତ୍ର । ଏହି ମର୍ମରେ ସତ୍ୟବାଦୀ ପତ୍ରିକାର ପ୍ରଥମ ସମ୍ପାଦକୀୟ ଆଲୋଚନାରେ ଗୋପବନ୍ଧୁ ନିଜ ମତ ବ୍ୟକ୍ତ କରି ଲେଖିଛନ୍ତି, ଜାତୀୟ ପ୍ରୀତି ବିଶ୍ୱ ପ୍ରୀତିର ବିରୋଧୀ ନୁହଁ ବରଂ ବିଶ୍ୱପ୍ରୀତି ବିହୀନ ପ୍ରାଣରେ ଜାତୀୟତା ଓ ସ୍ୱଦେଶ ପ୍ରୀତି ଅସମ୍ଭବ । ତେଣୁ ତାଙ୍କ ରଚନାରେ କେବଳ ଉତ୍କଳର ବା ଭାରତର ନୁହଁ, ସାରା ବିଶ୍ୱର ଝଙ୍କାର ଅନୁରୂପିତ ।

ଆଜି ଦେଶ ଦେଶ ମଧ୍ୟରେ ସୀମା ବା ଅନ୍ୟ କାରଣ ପାଇଁ ବିବାଦ ? କିମ୍ବା ଯୁଦ୍ଧ ଯୋଗୁଁ କୋଟି କୋଟି ନିରୀହ ଜନସାଧାରଣ ଯେଉଁ ଅସହ୍ୟ ଯନ୍ତ୍ରଣାର ଶୀକାର ହେଉଛନ୍ତି ସେଥିପ୍ରତି ସେହି ଦେଶର ଶାସକମାନେ ତିଳେହେଁ ଚିନ୍ତା ନ କରିବା ଅହଙ୍କାର ଓ ଅମାନୁଷିକତାର ଚରମ ନିଦର୍ଶନ । କାରଣ ଯାହା ବି ହେଉ ନା କାହିଁକି ଯୁଦ୍ଧ ସବୁବେଳେ ମାନବିକତାର ଶତ୍ରୁ । ତେଣୁ ଯେକୌଣସି ଉପାୟରେ ଯୁଦ୍ଧ ବନ୍ଦ ହେବା ଦରକାର । ତେଣୁ ବ୍ୟକ୍ତିଗତ ସ୍ୱାର୍ଥ ଓ ଅହଙ୍କାରକୁ ତ୍ୟାଗ କରି ବିଶ୍ୱବାସୀଙ୍କ କଲ୍ୟାଣ ପାଇଁ ଯୁଦ୍ଧ ବନ୍ଦ କରିବା ଆବଶ୍ୟକ । କଳିଙ୍ଗ ଯୁଦ୍ଧର ଭୀଷଣ ରକ୍ତପାତ ନିଷ୍ଠୁର ଶାସକ ଅଶୋକଙ୍କ କଠୋର ହୃଦୟରେ ମଧ୍ୟ ମାନବିକତା ଜାଗ୍ରତ କରିପାରିଥିଲା ଯେଉଁଥିପାଇଁ ସେ ଯୁଦ୍ଧ ଛାଡ଼ି ଶାନ୍ତିର ରାସ୍ତାକୁ ଆପଣେଇଥିଲେ କିନ୍ତୁ ଆଜିର ଶାସକମାନେ ନିଜ ସୁରକ୍ଷା ଓ ସ୍ୱାଭିମାନର ଦ୍ୱାହି ଦେଇ ପ୍ରାୟ ତିନି ମାସରୁ ଊର୍ଦ୍ଧ୍ୱ ସମୟ ଧରି ଯୁଦ୍ଧ ଜାରି ରଖିବା ଅମାନବିକତାର ଓ ନୃଶଂସତାର ଚରମ ନିଦର୍ଶନ ।

ଉତ୍କଳ ସମ୍ମିଳନୀର ଅଧିବେଶନରେ ସଭାପତି ରୂପେ ଅଭିଭାଷଣ ରଖି ଗୋପବନ୍ଧୁ ସେଦିନ ନିଜ ବକ୍ତବ୍ୟରେ କହିଥିଲେ - ଜାତୀୟତାର ଲକ୍ଷ୍ୟ ନୁହେଁ ଆଞ୍ଚଳିକତା, ଏହାର ମୂଳ ଲକ୍ଷ୍ୟ ହେଲା ବିଶ୍ୱପ୍ରେମ, ତାହା ଆଜି ମଧ୍ୟ ସେତିକି ସମୀଚୀନ ମନେହୁଏ । ଆଜି ଯେତେବେଳେ ସମଗ୍ର ବିଶ୍ୱ ଯୁଦ୍ଧର ଘନଘଟା ମଧ୍ୟରେ ବିଶ୍ୱଶାନ୍ତିର ପଥକୁ ଅନୁସନ୍ଧାନ କରୁଛି ଏତିକିବେଳେ ଗୋପବନ୍ଧୁଙ୍କ ଏହି ମାନବବାଦୀ ବିଚାରଧାରା ବିଶ୍ୱବାସୀଙ୍କୁ ଶାନ୍ତିରକ୍ଷା ଦିଗରେ ମାର୍ଗଦର୍ଶନ କରାଇପାରିବ ଏଥିରେ ତିଳେହେଁ ସନ୍ଦେହ ନାହିଁ ।

ଆଜି ଗୋପବନ୍ଧୁ ନାହାନ୍ତି ସତ ମାତ୍ର ଯଦି ଆଜିର ଯୁବପିଢି ସମାଜର ଅବହେଳିତ ବର୍ଗଙ୍କ ସେବା ନିଷ୍ଠାପର ତଥା ସଂକଳ୍ପବଦ୍ଧ ଭାବେ କରିଚାଲିବେ ତେବେ ତାହାହିଁ ହେବ ଏ ଜାତିର ଏ ଶତାବ୍ଦୀର ଶ୍ରେଷ୍ଠ ମଣିଷ ପୁଣ୍ୟାତ୍ମା ଗୋପବନ୍ଧୁଙ୍କ ପ୍ରତି ଆମର ପ୍ରକୃତ ଶ୍ରଦ୍ଧାଞ୍ଜଳି । ଯୁଗ ଯୁଗକୁ ଗୋପବନ୍ଧୁ ଏ ଦୁନିଆର ଅନ୍ଧକାର ମୟ ତ୍ରିଛକ ରାସ୍ତା ଉପରେ ଛିଡା ହୋଇ ଦିଗହରା ନେତା, ଯୁବକ ଓ ଆଗାମୀ ପିଢ଼ି ମାନଙ୍କୁ ଯଥାର୍ଥ ପଥରେ ଅଗ୍ରସର ହେବାକୁ ଆଶୀର୍ବାଦ କରନ୍ତୁ, ଏହା ହିଁ କାମନା ।



ଆଲେଖ୍ୟ : ଲୋକନାଥ ମହାପାତ୍ର
+ ଗୋଲାପଲ୍ଲୀ ସାହି, ବ୍ରହ୍ମପୁର

## ସ୍ମୃତି ଶତଦଳ ୨୪୯

(ପୂର୍ବ ପ୍ରକାଶିତ ଉତ୍ତାରୁ)



## ମେଡିକାଲ କଲେଜ ଶିକ୍ଷକ

ଡା. ସରୋଜିନୀ ଷଡଙ୍ଗୀ
♥ ଲିଙ୍କ୍‌ରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

ସକାଳ ସବୁବେଳେ ସୁନ୍ଦର, ଛଳଛଳ, ଆଲୋକିତ ଓ ଉଜ୍ଜଳ ଦିଶିଥାଏ । ତା'ପରେ ସୂର୍ଯ୍ୟ ଉଦୟ ହୋଇଥାଏ ଏବଂ ଅରୁଣ ରଙ୍ଗର ବିଚିତ୍ର ଖରା ଚାରିଆଡେ ବିଞ୍ଚି ଦେଇଥାଏ, ଯେମିତି ପୃଥିବୀର ଓଠ ଫାଙ୍କରୁ ଝରିଯାଏ ମୁଠାଏ ହସର ପସରା, ଚାଙ୍ଗୁଡିଏ ଫୁଲ ଭଳି । ତା'ପରେ ଅସରନ୍ତି ସ୍ୱପ୍ନ ନେଇ ଦିନ ଓହ୍ଲାଇ ଆସେ । କର୍ମମୟ ଜୀବନରେ କେବଳ ଦିନଟି ହିଁ ବଡ ହୋଇଥାଏ ଏବଂ ସାରାଦିନ ମଣିଷ କାମରେ ଲାଗିପଡେ , କେତେବେଳେ ସାଧନାର ପଥରେ ମଣିଷଟିଏ, ସଫଳତା ପାଇ ଆନନ୍ଦରେ ଆତ୍ମହରା ହୋଇପଡେ, ତ' ଆଉ କେତେବେଳେ ବିଫଳତାରେ ଭାଙ୍ଗିପଡେ । କର୍ମମୟ ଜୀବନର ଏଇ ଉତ୍ଥାନ ପତନ ଭିତରେ ଦିନ ସରିଯାଇ କେତେବେଳେ ସଂଧ୍ୟା ଉପଗତ ହୋଇଯାଏ ସେକଥା କେହି ଜାଣିପାରନ୍ତି ନାହିଁ । ସଂଧ୍ୟା ଆରମ୍ଭ ହେବା ପୂର୍ବରୁ ଗୋଧୂଳି ସମୟରେ ପଶ୍ଚିମ ଆକାଶରେ ଲାଲ ରଙ୍ଗର ସୂର୍ଯ୍ୟ ଅସ୍ତ ହେଉଥିବାର ଦୃଶ୍ୟ ଖୁବ୍ ରମଣୀୟ ଲାଗେ, ସେତିକି ବେଳେ ହିଁ ଜଣାପଡେ ନିଜ କର୍ମମୟ ଜୀବନରେ ମଣିଷଟିଏ କେତେ ପାଇଥାଏ, କେତେ ହରାଇଥାଏ ଏବଂ ଏ ଦୁଇଟିର ସମ୍ମିଶ୍ରଣରେ ଭାଗଫଳଟି ବେଶୀ ମଧୁର ହୋଇଥାଏ ନା ତିକ୍ତ ହୋଇଥାଏ । ସାରା ଜୀବନରେ ସଫଳତା ପ୍ରାପ୍ତି ହୋଇଥିଲେ ମଣିଷଟିଏ ରାତ୍ରିର ପ୍ରଥମ ପ୍ରହରରେ ହିଁ ଭେଟିଥାଏ ଚନ୍ଦ୍ରକୁ, ଯାହାର କିରଣରେ ଜୀବନ ଆହୁରି ତୋଫା ଦିଶେ ଓ ତାରାଭଳି ଚିକ୍ ଚିକ୍ କରୁଥିବା ଆକାଶଟିରେ ନ ଭରା ଆକାଶଟିଏ ଦେଖେ। କିନ୍ତୁ ଜୀବନରେ ଦୁଃଖ, ନୈରାଶ୍ୟ ଓ ଅସଫଳତା ଥିଲେ ରାତିଟି ତାମସୀ ରାତ୍ରି ଭଳି ଅନ୍ଧାର ହୋଇଯାଏ । ଏହା ହିଁ ମଣିଷଟିର ଜୀବନ ଯାତ୍ରାର କିୟଦଂଶ ।

ଅନେକ ମଣିଷ ଜୀବନକୁ ଚାକିରୀ ସର୍ବସ୍ୱ କରି ଦିଅନ୍ତି ଏବଂ ଅବସର ସମୟ କେମିତି କଟିବ ଭାବି ଭାବି ମ୍ରିୟମାଣ ହୋଇପଡନ୍ତି । ଚାକିରୀରୁ ଅବସର ନେବା ଅର୍ଥ ଏହା ଜୀବନର ମଧ୍ୟ ଅବସର ବୋଲି ବହୁଜଣ ଭାବି ନିଅନ୍ତି । ତେବେ ଚାକିରୀ ଆମ ଜୀବନର ଗୋଟିଏ ଅଂଶ, ତଥା ଗୋଟିଏ ପର୍ଯ୍ୟାୟ ମାତ୍ର, ଯେଉଁମାନେ କ୍ଷମତା ପୂର୍ଣ୍ଣ ଚାକିରୀରେ ଥାଆନ୍ତି, ସେମାନେ ଜୀବନରେ କ୍ଷମତାର ବ୍ୟବହାର (ଅପବ୍ୟବହାର ) କରିଥାନ୍ତି ଓ ଚାକିରୀ ସରିଗଲା ପରେ ସର୍ବସ୍ୱ ଚାଲିଗଲା ବୋଲି ଭାବି ମ୍ରୀୟମାଣ ହୋଇ ପଡିଥାନ୍ତି ।

> ଅନେକ ମଣିଷ ଜୀବନକୁ ଚାକିରୀ ସର୍ବସ୍ୱ କରି ଦିଅନ୍ତି ଏବଂ ଅବସର ସମୟ କେମିତି କଟିବ ଭାବି ଭାବି ମ୍ରିୟମାଣ ହୋଇପଡନ୍ତି । ଚାକିରୀରୁ ଅବସର ନେବା ଅର୍ଥ ଏହା ଜୀବନର ମଧ୍ୟ ଅବସର ବୋଲି ବହୁ ଜଣ ଭାବି ନିଅନ୍ତି । ତେବେ ଚାକିରୀ ଆମ ଜୀବନର ଗୋଟିଏ ଅଂଶ, ତଥା ଗୋଟିଏ ପର୍ଯ୍ୟାୟ ମାତ୍ର, ଯେଉଁମାନେ କ୍ଷମତା ପୂର୍ଣ୍ଣ ଚାକିରୀରେ ଥାଆନ୍ତି, ସେମାନେ ଜୀବନରେ କ୍ଷମତାର ବ୍ୟବହାର (ଅପବ୍ୟବହାର ) କରିଥାନ୍ତି ଓ ଚାକିରୀ ସରିଗଲା ପରେ ସର୍ବସ୍ୱ ଚାଲିଗଲା ବୋଲି ଭାବି ମ୍ରିୟମାଣ ହୋଇ ପଡିଥାନ୍ତି ।

ମୋର ମନେ ପଡୁଥିଲା, ଚାକିରୀ ଜୀବନର ଆରମ୍ଭ କଥା । ସରକାରୀ ଚାକିରୀ ଆରମ୍ଭ କରିଥିଲି ସେପ୍ଟେମ୍ବର ମାସରେ । ଅଦମ୍ୟ ଉତ୍ସାହ, ଅସୀମ ଉନ୍ମାଦନା ଓ ଅନନ୍ତ ଉତ୍ତରଣରେ ମୋ' ଜୀବନ ଭରି ଯାଇଥିଲା । ମତେ ଲାଗୁଥିଲା ସେ ମୁହୂର୍ତ୍ତଟି ଖୁବ୍ ଉଜ୍ଜଳ, ଖୁବ୍ ମନୋରମ, ଖୁବ୍ ସୁଖକର ଥିଲା ଯେମିତି ଭୋର ସମୟର ସକାଳଟିଏ ଭଳି, ଏକ ଫୁଲ ଫୁଟିବାର ଲଗ୍ନ ଭଳି ଏକ ମଧୁର ସଂଗୀତର ମଧୁମୟ ଝଙ୍କାର ଭଳି । ଏମିତି ଆକର୍ଷଣୀୟ ସ୍ୱରଟିଏ ମତେ ଉଜ୍ଜୀବିତ କରି ଦେଉଥିଲା ଓ ଅଜସ୍ର ଉନ୍ମାଦନାରେ ଭରି ଦେଉଥିଲା । କିନ୍ତୁ ଆମର ପ୍ରଫେସନ ଯେ ଏତେ ଗୁରୁତ୍ୱପୂର୍ଣ୍ଣ ପ୍ରଥମ ପୋଷ୍ଟିଂ ପରଠାରୁ ତାହା ମୁଁ ଜାଣିଥିଲି । ସାରା ଜୀବନମାନେ ଚାକିରୀ ଜୀବନର ଆରମ୍ଭରୁ ଶେଷ ଯାଏଁ ଗୋଟିଏ ଡାକ୍ତରର କେବେହେଲେ ବିଶ୍ରାମ ନଥାଏ । ମୋର ମନେ ଅଛି ଲେବର ରୁମରେ ପୋଷ୍ଟିଂ ବେଳେ ଗୋଟିଏ ରୋଗିଣୀର ଡେଲିଭରି ପେନ୍ ହେଉଥିଲା । ସେ ଏତେ ପାଟି କରୁଥିଲା ଯେ, ଖଣ୍ଡ ମଣ୍ଡଳ କମ୍ପୁଥିଲା ଓ ଲେବର ରୁମ ପଡୁଥିଲା ଓ ଉଠୁଥିଲା । ଡେଲିଭରି ବେଳେ ପାଟି କରି ସେ କହିଲା-" ହେ ମ୍ୟାଡମ ଧାଇଁ ଆସ ହୋ ଧାଇଁ ଆସ" ମୁଁ ବି ଦୌଡିଲି ତା' ବେଡ ପାଖକୁ କାରଣ ମୁଁ କିଛି କହି ପାରେନି ବା' ଗାଳିଦେଇ ପାରେ ନାହିଁ । ଶେଷକୁ ମୋର ବ୍ୟସ୍ତତା ଦେଖି ଜଣେ ପି.ଜି ଷ୍ଟୁଡେଣ୍ଟ ରୋଗିଣୀକୁ କହିଲା "କାହିଁକି ଧାଇଁ ଆସ ବୋଲି କହୁଚ, ଏଇଟା କ'ଣ ଅଲିମ୍ପିକ ରେସ ହୋଇଛି ଯେ, ସରୋଜିନୀ ମ୍ୟାଡମ ଦୌଡିବେ ।" ଲେବର ରୁମ ଭିତରେ ଥିବା ସବୁ ଡାକ୍ତରମାନେ ଜୋରରେ ହସିଲେ ଏବଂ ସେଇ ହସ ଭିତରେ ତାର ଡେଲିଭରି ହୋଇଗଲା । ଏମିତି କେତେ କେତେ ଯେ ବିରଳ, ବୈଚିତ୍ର୍ୟମୟ ଓ ବୈଭବମୟ ସ୍ମୃତି ସବୁ ମୋ ଚାକିରୀ ଜୀବନର ପୃଷ୍ଠାରେ ଅଙ୍କ । ହୋଇ ରହିଛି ତାର ଇୟତ୍ତା ନାହିଁ କି ସେ ସୁନ୍ଦର ସ୍ମୃତିମୟ ଅନୁଭୂତିରୁ ମୋର ନିସ୍ତାର ନାହିଁ । ଯଥାର୍ଥରେ କବି ଗୋପବନ୍ଧୁଙ୍କ ଭାଷାରେ-

ସ୍ମୃତି ତ' କେବେହେଁ ନୁହେଁ ଫିଙ୍ଗିବାର
ପାରିଲେ ଫିଙ୍ଗି ବା' ଲଭନ୍ତି ନିସ୍ତାର ।

(କ୍ରମଶଃ)

## ଧାରାବାହିକ ଅନୁବାଦ ଉପନ୍ୟାସ...(ଭାଗ-୧୬)

# ଶୁଖିଲା ପତ୍ର



ମୂଳ ହିନ୍ଦୀ – ଅମରକାନ୍ତ







ଅନୁସୃଜନ– ନମିତା ପାଇକରାୟ

(ଦ୍ୱିତୀୟ ଖଣ୍ଡ)

### ।। ତିନି ବନ୍ଧୁ ।।

କଞ୍ଚନ ସେତେବେଳେ ପ୍ରାୟତଃ ତେର ଚଉଦବର୍ଷ ବୟସର ହୋଇଥିବ । ଏତେ ବଡ଼ ରହସ୍ୟ ଜାଣି ସେ ବହୁତ ମାତ୍ରାରେ ପ୍ରଭାବିତ ହେଲା । ଏବଂ ତା' ମୁହଁରୁ ଏକ ଅଦଭୂତ ବ୍ୟସ୍ତତା ପ୍ରକଟ ହେଉଥିଲା । ସେ ଯେତେବେଳେ ଶିଶିଧରି ଯାଉଥିଲା । ମୋତେ ହଠାତ୍ ତା' ଉପରେ ବହୁତ ରାଗ ଆସିଲା । ସମ୍ଭବତଃ ମୁଁ ତା' ଆଗରେ ଏ ରହସ୍ୟ ଖୋଲି ଯେଉଁ ନିଚତା କାମ କରିଛି, ତାହା ଦ୍ୱାରା କଂଚନ ପ୍ରଭାବିତ ହୋଇ ଏକ ରହସ୍ୟମୟ ମୁଦ୍ରା ମୁହଁରେ ଖଞ୍ଜି ଦେଇଥିଲା । ତା'ର ପ୍ରତିକ୍ରିୟା ପାଇଁ ମୁଁ ତା' ଉପରେ ଖୁବ୍ ଜୋର ରାଗିଲି । ଯାହା ହେଲେ ହେଉ, ମୁଁ ତାକୁ କଡ଼ା ସ୍ୱରରେ, କହିଲି, ପୁରା ଚେତାବନୀ ଦେଲି ଯଦି ଏ କଥା କାହାକୁ କହିବୁ, ତା' ପରେ ବୁଝିବୁ ତୋ ଭାଇକୁ ମାରି ଦିଆଯିବ । ଏବେ ଯା ଏ ଶିଶିକୁ ଠିକ୍ ଯାଗାରେ ଲୁଚେଇ ରଖିଛୁ । କାହାକୁ କହିବୁ ନାହିଁ, ଜୀବନ ଯାଉପଛେ । ଆମେ କ୍ରାନ୍ତିକାରୀ କାହାକୁ ଛାଡ଼ିବୁନି । ବାପା, ଭାଇ ପରିବାରର ଯେ କେହି ହେଉ । ତୋତେ ବି ମରିବାକୁ ପଡ଼ିବ । ତେଣୁ ମୁହଁ ଚୁପ୍ କରି ରହିବୁ ।'

ଏ ଭଳି ଚେତାବନୀ ଶୁଣି କଞ୍ଚନ ଟିକେ ବି ଡରିଲା । ବରଂ ଆହୁରି ଉତ୍ସାହିତ ହୋଇ ଶିଶି ନେଇ ଚାଲିଗଲା ଭିତରକୁ । କିନ୍ତୁ କିଛି ସମୟ ପରେ ମୋ ହୃଦୟରେ ଗୋଟେ ଅସନ୍ତୋଷ ଘାରିଲା । କ୍ଲୋରଫର୍ମ ଯେମିତି ଭୟଙ୍କର ବସ୍ତୁକୁ ଜଣେ ଅନ୍ୟଲୋକ ପାଖରେ ରଖିବା କେତେଦୂର ଠିକ୍ । ସିଏ ମୋ ଭାଇ ହଉନା କାହିଁକି । ଏକଥା ମୋର ହଜମ ହେଲାନି । କିଛି ସମୟ ପରେ ମୁଁ କଞ୍ଚନଠାରୁ କ୍ଲୋରଫର୍ମ ଆଣି ମୋ ସୁଟକେସ ଭିତରେ ରଖିଲି । ଏତିକି କଥା କଞ୍ଚନକୁ ଖରାପ ଲାଗିଲା । ସେ ସବୁ କଥା ମାଆ ଆଗରେ କହିଦେଲା । ମାଆ ବହୁତ ରାଗିଲା । ମୋ ସାମ୍ନାରେ ମୋ ସାଙ୍ଗମାନଙ୍କ ଉଦ୍ଦେଶ୍ୟରେ ଅସଂଖ୍ୟ ଗାଳି ବର୍ଷିଲା । ବାବୁଜୀଙ୍କ କହିଦେବ ବୋଲି ଧମକେଇଲା । ମୋତେ ବହୁତ ରାଗ ଲାଗିଲା । ମୁଁ ମାଆର କୌଣସି କଥାର ଜବାବ ଦେଲିନି । କିନ୍ତୁ କଞ୍ଚନର କାନମୂଳାରେ ଦୁଇଚାରି ଚାପୁଡ଼ା ପକେଇଲି । ଜୀବନରୁ ମାରିବାକୁ ସାହାସ ହେଲାନି । ଶେଷରେ ମୋ ନିଜ କର୍ମ ଉପରେ ମୁଁ ପଶ୍ଚାତାପ ଓ ଗ୍ଲାନି ଅନୁଭବ କଲି । କଞ୍ଚନ ମୋର ତ କିଛି ଅସୁବିଧା କରିନଥିଲା ? କାହିଁକି ତାକୁ ମାରିଲି ? ସେ ତ ଏବେ ଛୁଆଟା ସେ କ'ଣ ବୁଝିବ କୌଣସି କଥାର ଗମ୍ଭୀରତାକୁ । ମୋ ନିଜ ଭିତରେ ତ ବାଞ୍ଛନୀୟ ଗମ୍ଭୀରତା ନାହିଁ ଆଉ ମୋ ସାନ ଭାଇ ଠାରୁ ମୁଁ ଆଶା କରିବା କେତେ ଦୂର ଠିକ୍ । ମୁଁ ମୋ ଭିତରେ ଯଦି ଏ ଛୋଟ କଥାକୁ ରଖି ପାରିଲିନି ତା' ହେଲେ ବଡ଼ ବଡ଼ କଥା କେମିତି ରଖି ପାରିବି ? ଏହା ଏକ ବଡ଼ ଦୁର୍ବଳତା ଅଟେ । ଏହାଦ୍ୱାରା ବଡ଼ ବଡ଼ ଆନ୍ଦୋଳନ କ୍ରାନ୍ତିକାରୀଙ୍କର କିଛି ମିନିଟ୍ ଭିତରେ ଝୋପଟ ହୋଇଯିବ । ମୁଁ ଯେତେବେଳେ ଏ କଥାକୁ ମନ ଭିତରେ ମନ୍ଥନ କଲି, ସେତେବେଳେ ମୋ ନିଜ ଉପରେ ମୋର କ୍ଷୋଭ ବଢ଼ି ଚାଲିଲା । ମନ ହେଉଥିଲା ନିଜ ଗଳା ନିଜେ ଦବାଇ ଦେବାକୁ । କିଛି ସମୟ ପରେ ମୁଁ କଞ୍ଚନକୁ ବୁଝେଇଲି, ପଟେଇଲି, ବାହାରେ ଯେମିତି ଏକଥା ପ୍ରଘଟ ନହୁଏ । ଶେଷରେ ମୁଁ ମୋ ନିଜ ଭିତରେ ସଂକଳ୍ପ କଲି, ଆଉ କେବେ ବି କାହାକୁ କିଛି କଥା କହିବିନି । ଏମିତି ଭୁଲ କରିବିନି ।

କ୍ଲୋରଫର୍ମ ପ୍ରାପ୍ତିରେ ଆମେ ଏତେ ମାତ୍ରାରେ ଉତ୍ସାହିତ ହେଲୁ ଯେ ପାର୍ଟି ପାଇଁ 'ଅସ୍ତ୍ରାଗାର' ନିର୍ମାଣ କାର୍ଯ୍ୟରେ ଲାଗିଗଲୁ । ବସ୍ତା ସବୁ ବିକ୍ରି କଲା ପରେ ଦଶ ଟଙ୍କା ମିଳିଥିଲା । ଯେଉଁଥିରେ ଆମେ ଗୋଟେ ଛୁରା, 'ଲାଠି ଶିକ୍ଷକ' ନାମକ ଏକ ବହି ଆଉ ଗୋଟେ ଟର୍ଚ୍ଚ କିଣିଥିଲୁ । ଦୀନେଶ୍ୱର ତା' ଗାଁରୁ ଚାରିଟା ବାଡ଼ି ଆଣିଥିଲା । ସେ ବାଡ଼ି ସବୁ ଧୂଆଁରେ ସେକା ଯାଇଥିଲା । ମାସ ମାସ ଧରି ଜଡ଼ାତେଲ ମାଲିସ କରାହୋଇଥିଲା । ୟା ଭିତରେ ଆଉ ଗୋଟିଏ ଅସ୍ତ୍ର ମାଗଣାରେ ମିଳିଗଲା । ତାହା ଥିଲା ଗୋଟେ ଖଣ୍ଡା । ଯାହା ଗାଁ ଘରେ ଆମର ପଡ଼ିଥିଲା । ମୋ ମାଆ କହୁଥିଲା ଆମ ଜେଜେଙ୍କ ଜେଜେ କାଶି ନରେଶଙ୍କ ମନ୍ତ୍ରୀ ଥିଲେ । ଆଉ ଏ ଖଣ୍ଡା ବହୁତ ପୁରୁଣା ଜଣା ପଡୁଥିଲା । ତା' ଦେହରେ ଜଙ୍କ ଲାଗି ଯାଇଥିଲା । ଖଣ୍ଡା ବହୁତ ଲମ୍ବା ଏବଂ ଭାରି ଥିଲା । ଗୋଟେ ଦିନ ମୁଁ ଗାଁକୁ ଯାଇଥିଲି ତାକୁ ଶେଯରେ ଲୁଚାଇ ନେଇ ଆସିଲି । ମୋ ସାଥୀମାନେ ୟାକୁ ଦେଖି ବହୁତ ଖୁସି ହୋଇଗଲେ । ମୋ ସ୍ଥିତି ଆଗ ଅପେକ୍ଷା ଦୃଢ଼ ହୋଇଗଲା ।

ଗୋଟେଦିନ ଦୀନେଶ୍ୱର ଘର ଛାତ ଉପରେ ଇଟା ଖଣ୍ଡ ନେଇ ଖଣ୍ଡାକୁ ସଫା କରୁଥିଲୁ । ତାକୁ ଧୋଇ କି ପୋଛି କି ଚିକ୍‌ଚିକ୍ କରିଦେଲୁ । ପୁରା ଜଙ୍କ ତ ଛାଡ଼ି ନଥିଲା କିନ୍ତୁ ବହୁମାତ୍ରାରେ ସଫା ହୋଇଯାଇଥିଲା । ଯେମିତି କୌଣସି ଭିକାରୀକୁ ଗାଧେଇ ପାଧେଇ ସୁନ୍ଦର ସଫା କପଡ଼ା ପିନ୍ଧା ଯାଉଛି । ଏହା ପରେ ଆମେ ଦୀନେଶ୍ୱରର ବଡ଼ ହଲରେ ଏକାଠି ହୋଇଗଲୁ ।

ସମସ୍ତେ ଏକ ସ୍ୱରରେ କହିଲୁ, ଆମେ ଏବେ ପ୍ରତିଜ୍ଞା କରିବା କଥା ଯେ ପର୍ଯ୍ୟନ୍ତ ଦେଶ ସ୍ୱାଧୀନ ହୋଇନି, ସେ ପର୍ଯ୍ୟନ୍ତ ଚୁପ୍‌ଚାପ୍ ବସି ପାରିବାନି । ଦୀନାନାଥ କହିଲା, କିଏ ପ୍ରତିଜ୍ଞା କରୁ ନକରୁ ମୁଁ କରିବି । ଦୀନାନାଥର ଅସାଧାରଣ ମୌଳିକ ମନବୃତ୍ତି ପାଇଁ ସେ ଏକ ଭିନ୍ନ ପରିଚୟ ସୃଷ୍ଟି କରିଦେଲା ଗୋଟିଏ ମୁହୂର୍ତ୍ତରେ ।

ତା'ର ଏ କଥାକୁ ଆମେ ସମସ୍ତେ ସମୂହ ସମର୍ଥନ କଲୁ । ତା'ପରେ ଦୀନାନାଥ ନିଜ ହାତରେ ଖଣ୍ଡା ଧରି ବୁଲେଇବାକୁ ଲାଗିଲା । ତା'ର ଦୁର୍ବଳ ଚେହେରାକୁ ଭାରି ଖଣ୍ଡା । ତା' ମୁହଁ ବିଜୁଳି ହିଟର ପରି ଲାଲ ହୋଇଗଲା । ଶେଷରେ ତା' ଛାତି ଦେଖାଇ, ଖଣ୍ଡା ଉଚାଁଇ ଚିଲ୍ଲେଇକି ପ୍ରତିଜ୍ଞା କରିଲା, 'ମୁଁ ଏଇ ଖଣ୍ଡା ଧରି ଶପଥ କରି କହୁଛି କି ଯେ ପର୍ଯ୍ୟନ୍ତ ଦେଶ ସ୍ୱାଧୀନ ହୋଇ ନାହିଁ ସେ ପର୍ଯ୍ୟନ୍ତ ମୁଁ ଚୁପ୍‌ଚାପ୍ ବସିପାରିବିନି । ବାହା ହୋଇ ପାରିବିନି, ଯଦି ପୋଲିସ ଧରିବାକୁ ଆସିବ ତା' ହେଲେ ମୁଁ ପୋଟାସିୟମ ସାଇନାଇଡ କାଢ଼ି ଖାଇ ମରିଯିବି ।

ମୁଁ ବି ବୋକାଙ୍କ ପରି ହସି ହସି ସେୟା ହିଁ କହିଲି । ମନୋହର ଖଣ୍ଡା ବୁଲାଇବା ଅଦ୍‌ଭୁତ କୌଶଳ ଦେଖାଇଲା । ସେ ଖଣ୍ଡା ଧରି ଘରର ଗୋଟେ କୋଣରୁ ଆଉ ଗୋଟିଏ କୋଣକୁ ଦୌଡ଼ିଗଲା ପୁଣି କେତେବେଳେ ଡାହାଣକୁ ତ କେତେବେଳେ ବାମ ପଟକୁ ହଲାଇ ଦେଉଥିଲା । ପୁଣି ବୁଲିପଡ଼ି ଖଣ୍ଡାକୁ ଗୋଟଏ ଜାଗାରେ ଠିଆ କରି ନିଜେ ଠିଆ ହେଇଥିଲା । ପୁରା ଗ୍ରାମୀଣ ନର୍ତ୍ତକୀ ପରି ଦିଶୁଥିଲା । ମୁଁ କେବେ ଭାବି ନଥିଲି ଇଂରେଜଙ୍କ ସହିତ ଲଢ଼ିଲା ବେଳେ ବି କୋଉଠି ଡକାଇତି କଲା ବେଳେ ଏ ଖଣ୍ଡାକୁ ବ୍ୟବହାର କରାଯାଇ ପାରିବ । କିନ୍ତୁ ଇଏ ଆମ ପାଇଁ ଗୋଟେ ନୂଆ ଚମତ୍କାର ଆସ୍ତ୍ର ଥିଲା । କିଛି ନହେଲେ ବି ଆମ ବିଦ୍ରୋହୀ ଆତ୍ମାର ପ୍ରତୀକ ଥିଲା ।

'ଭାଇ, ଏବେ ତ ଆମ ପାଖରେ ବହୁତ ପ୍ରକାର ଜିନିଷ ହୋଇଗଲାଣି । ଆମକୁ ଏବେ ଗୋଟେ ଅଲଗା ବଖରାଏ ଘର କିମ୍ବା ପୁରା ଘର ଗୋଟେ ଆବଶ୍ୟକ ପଡ଼ିପାରେ । ଏବେ ତ ଆହୁରି ସମସ୍ୟା ବଢ଼ିଯିବ । ବଡ଼ଭାଇ ଘରକୁ ଆସିବେ । ଯଦି ଏସବୁ କିଛି ଦେଖି ନେବେ ।' ଦୀନେଶ୍ୱର ବଡ଼ ଚିନ୍ତାରେ କହିଲା ।

ଦୀନାନାଥ ବି କଥାକୁ ସମର୍ଥନ କଲା । 'ଭାଇ ମୁଁ ବି ଏୟା ଭାବୁଥିଲି । ଘୁରଭ ନାରାୟଣର ଛପରାରେ ଗୋଟେ ଘର ଅଛି । ତା' ଭଡ଼ା ପ୍ରାୟତଃ ଚାରି ଟଙ୍କା ହେବ । କହିଲେ ତା' ସହ କଥାବାର୍ତ୍ତା କରିବା ।'

ଏ ପ୍ରସ୍ତାବରେ ଆମେ ସବୁ ବହୁତ ପେସାରେ ଆସିଗଲୁ । ସତରେ ଆମର ଗୋଟେ କ୍ରାନ୍ତିକାରୀ ସଂଗଠନ ଥିଲା । ତା' ପାଇଁ ପ୍ରକୃତରେ ଗୋଟେ ଗୁପ୍ତ ଆଡ୍ଡାର ଆବଶ୍ୟକତା ଥିଲା । ସର୍ବସମ୍ମତି ଦ୍ୱାରା ଘରଟିଏ ନେବାପାଇଁ ସ୍ୱୀକାର କରାଗଲା ।

ଦୀନେଶ୍ୱର ବହୁତ ଗମ୍ଭୀର ଓ ଦୁଃଖିତ ହୋଇ କହିଲା, ଆରେ ଭାଇ ମୁଁ ଗୋଟେ କଥା କହିବି । ଆମକୁ ଆମ ପାର୍ଟିରେ ସ୍ତ୍ରୀଲୋକଙ୍କୁ ବି ରଖିବା ଦରକାର । ସ୍ତ୍ରୀ ଲୋକ ରହିଲେ ସମସ୍ତେ ଜୋସରେ କାମ କରିବେ । ବେଶ୍ୟାମାନେ ତ ଭାରି ସହଜରେ ମିଳିବେ ।

ତା' କଥାରେ ସମସ୍ତେ ଉତ୍ସାହିତ ହେଲେ । ମୁଁ ଭଲ ଭାବେ ଜାଣିଥିଲି କ୍ରାନ୍ତିକାରୀ ଦଳରେ ସ୍ତ୍ରୀ ଲୋକ ରହନ୍ତି ବୋଲି । ତେଣୁ ଏଥିରେ କୌଣସି ଅସ୍ୱାଭାବିକତା ନଥିଲା । ଏ ପ୍ରଶ୍ନ ମୋ ମୁଣ୍ଡରେ ଆସିନଥିଲା । ଏକଥା ପାଇଁ ମୁଁ ଦୀନେଶ୍ୱରକୁ ପ୍ରଶଂସା କଲି ।

ଶେଷରେ ଯୋଜନା ହେଲା କି ପ୍ରଥମେ ଘରଭଡ଼ା ନିଆଯାଉ । ତା' ପରେ ପାର୍ଟିରେ ସ୍ତ୍ରୀ ଲୋକଙ୍କୁ ସାମିଲ କରିବାକୁ ଚେଷ୍ଟା କରିବା । ଘୁରଉ ନାରାୟଣର ଛପରାରେ ଗୋଟେ ଗାଁଉଲୀ ଘର ଥିଲା । ମୁନସିପାଲଟି ଅନ୍ତର୍ଗତ ଘରଟି ଅବଶ୍ୟ ଆସୁଥିଲା । କିନ୍ତୁ ସହରୀଲୋକ ମାନେ ତାକୁ ଗାଉଁଲିଆ ଭାବୁଥିଲେ । କାରଣ ସେଇଠି ପାଖାପାଖି କିଛି ସଂପର୍ନ୍ନ ବ୍ୟକ୍ତିମାନଙ୍କର ସୁନ୍ଦର ସୁନ୍ଦର ପକ୍କା ଘର ଥିଲା ।

ଏହି ଘରେ ମୁନ୍ନୀଲାଲ ଶ୍ରୀବାସ୍ତବ ନାମଧାରୀ ଯିଏ ପେନସନ ଭୋକ୍ତା ଅଧ୍ୟାପକ, ସେ ଏ ଘରେ ରହୁଥିଲେ । ଗୋଟେ ବଖରା ଘର ପୁରା ଖାଲି ଥିଲା । ସେହି ଖାଲି ଘରଟିକୁ ଆମେ ନେବାପାଇଁ ଦିନେ ସେହି ଅଧ୍ୟାପକଙ୍କ ପାଖରେ ପହଞ୍ଚିଲୁ ।

ମୁନୀଲାଲ ଶ୍ରୀବାସ୍ତବ ସମ୍ପନ୍ନ ଭଦ୍ର ଲୋକ ଥିଲେ । ତାଙ୍କର ବଲିଆ ଆଉ ବିହାରରେ ବହୁତ ଜମିଜମା ଥିଲା । ସେ ରହୁଥିବା ଘର ଖୁବ୍ ମଜଭୁତ ପକ୍କା ଓ ସୁନ୍ଦର ଦିଶୁଥିଲା । ତାଙ୍କୁ ପ୍ରାୟତଃ ଷାଠିଏବର୍ଷ ହେବ । ଏ ବୟସରେ ସେ ଖୁବ୍ ମଜଭୁତ ଦିଶୁଥିଲେ । ଚିକ୍କଣ ଚେହେରା । ତାଙ୍କ ଓଠ ଦୁଇଟି ଖୁବ୍ ପତଳା ଥିଲା । ଯେମିତି ଈଶ୍ୱର ତାଙ୍କ ମୁହଁରେ ବ୍ଲେଡରେ କାଟି ପାଟି ବାହାର କରିଛନ୍ତି । ସେ କଥା କହୁ କହୁ ଯେତେବେଳେ ହସୁଥିଲେ ଲାଗୁଥିଲା ତାଙ୍କ ଓଠର ଧାର କାନ ପର୍ଯ୍ୟନ୍ତ ଲମ୍ବି ଯାଉଛି । ପ୍ରାୟ ଚାଲି ଖୁବ୍ ଆକର୍ଷକ ଥିଲା । ଚାଲିଲା ବେଳେ ଲାଗୁଥିଲା ପୃଥିବୀ ଦୋହଲି ଯିବ । କଥା କଥାକେ ହାତର ମୁଦ୍ରା ପରିବର୍ତ୍ତନ ହେଉଥିଲା ।

(କ୍ରମଶଃ)

♥ ପ୍ଲଟ ନଂ-୩୫୨, ସେକ୍ଟର-୫, ଲେନ୍-୧, ପ୍ରଥମ ମହଲା, ନୀଳାଦ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୧
(ମୋ) ୯୮୬୧୩୮୫୦୪୬

## ସାପ କାମୁଡାରେ ମହିଳା ମୃତ



ବସ୍ତା, ୧୬/୦୭ (ନି.ପ୍ର): ବସ୍ତା ଥାନା ଅଧିନସ୍ଥ ଝିଞ୍ଜିପୁରା ଗ୍ରାମରେ ସାପ କାମୁଡାରେ ଶନିବାର ମହିଳାଙ୍କ ମୃତ ଘଟିଛି । ବସ୍ତା ଥାନା ଝିଞ୍ଜିପୁରା ଗ୍ରାମର କମଳାକାନ୍ତ ବେହେରାଙ୍କସ୍ତ୍ରୀ ମଞ୍ଜୁ ବେହେରା(୪୨)ରୋଷେଇ କରୁଥିବା ସମୟରେ ପଛ ପଟରୁ ଏକ ବିଷଧର ସାପ କାମୁଡ଼ା ଥିଲା ଫଳରେ ମହିଳା ପରିବାର ଲୋକଙ୍କୁ ଡାକ ପକାଇଥିଲା । ପରିବାରଲୋକେ ତାଙ୍କୁ ବସ୍ତା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଆସିଥିଲେ ହେଲେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି । ଖବର ପାଇ ବସ୍ତା ପୁଲିସ ପହଞ୍ଚି ଏକଅପମୃତ୍ୟୁ ମାମଲାରୁଜୁକରି ବା ସହିତ ବ୍ୟବଛେଦ ପାଇଁ ପଠାଇ ତଦନ୍ତଜାରି ରଖିଛନ୍ତି।

## ଜିଲ୍ଲା ସ୍ତରୀୟ ସନ୍ତରଣ କ୍ରୀଡା ପ୍ରତିଭା ଅନ୍ୱେଷଣ

ବାରିପଦା, ୧୬/୦୭ (ନି.ପ୍ର): ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗ ଓ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ମିଳିତ ତତ୍ୱାବଧାନରେ ତା.୧୫.୦୭.୨୦୨୨ ରିଖ ଦିନ ସନ୍ତରଣ ବିଭାଗର ଜିଲ୍ଲାସ୍ତରୀୟ କ୍ରୀଡା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୫ ଜଣ ବାଳକ ଓ ୮ ଜଣ ବାଳିକା କ୍ରୀଡା ପ୍ରତିଭା ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରୁଦ୍ର ନାରାୟଣ ମହାନ୍ତିଙ୍କ ତତ୍ୱାବଧାନରେ ଜିଲ୍ଲା କ୍ରୀଡା ଅଧିକାରୀ, ସନ୍ତରଣ ପ୍ରଶିକ୍ଷଣ ଏବଂ ୪ ଜଣ କ୍ରୀଡା ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ ଦ୍ୱାରା ସୂଚାରୁରୂପେ ଅନୁଷ୍ଠିତ ହୋଇଅଛି ।

## ରାସ୍ତା ଦୁର୍ଘଟଣାରେ ଯୁବକ ମୃତ

ଜଳେଶ୍ୱର, ୧୬/୭(ନି.ପ୍ର) : ଜଳେଶ୍ୱର ବ୍ଲକ ଅଧିନ ନଛିମପୁର ପଂଚାୟତର ଅର୍ଜୁନୀ ଗ୍ରାମର ମୁନା ଓରଫ ସଂଜିବ ପ୍ରଧାନ (୩୬) ଗତ ରାତିରେ ରାସ୍ତା ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି । ଘଟଣାରୁ ପ୍ରକାଶ ପରିବାରର ଆର୍ଥିକ ବୋଝ ଉଠାଇବା ଲାଗି କିଛି ବର୍ଷ ପୁର୍ବରୁ ବମ୍ବେ ଯାଇ ସେଠାରେ କାର୍ଯ୍ୟ କରୁଥିଲେ । କରୋନା ମହାମାରୀ ସମୟରେ ସେ ଘରକୁ ଫେରି ବେକାର ହୋଇ ବସିଥିବା ବେଳେ କିଛିମାସ ପୂର୍ବରୁ ପଶ୍ଚିମବଂଗର ଦାନ୍ତୁନ ନିକଟ ଜାତୀୟ ରାଜପଥ ୬୦ ପାର୍ଶ୍ୱରେ ଏକ ଡାବା କରି ପରିବାର ପ୍ରତିପୋଷଣ କରୁଥିଲେ। ମାତ୍ର ଗତ ଶୁକ୍ରବାର ରାତ୍ରି ୮ଟା ସମୟରେ ରାଜପଥରେ ଫେରିବାବେଳେ ସସ୍ତାନଗର ନିକଟରେ ଏକ ଅଜଣା ଗାଡି ଧକ୍କାରେ ମୃତ୍ୟୁବରଣ କରିଛି । ତାର ଜଣେ ୫ବର୍ଷର ପୁତ୍ର ଥିବା ବେଳେ ସ୍ତ୍ରୀ ଗିତାଞ୍ଜଳି ପ୍ରଧାନ ଅନ୍ତସତ୍ୱା ଥିବାର ଜଣାଯାଇଛି । ଘରେ ୭୫ବର୍ଷର ବୁଢିମା ବେସାହାରା ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ନେତୃବର୍ଗ ଦାବି କରିଛନ୍ତି । ପଶ୍ଚିମବଂଗ ପୁଲିସ୍ ପୋଷ୍ଟମର୍ଟମ କଲାପରେ ଆଜି ନିଜଗାଁ ଶ୍ମାଶାନରେ ଶବସତ୍କାର କରାଯାଇଥିବା ଜଣାଯାଇଛି । ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳି ଯାଇଛି ।

# ବିଜ୍ଞାନ ଭବନରେ ଆରମ୍ଭ ହେଲା ଭାରତୀୟ ସୂଚନା ସେବା ଅଧିକାରୀଙ୍କ ତୃତୀୟ ବାର୍ଷିକ ସମ୍ମିଳନୀ

ନୂଆଦିଲ୍ଲୀ, ୧୬/୦୭ : କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅନୁରାଗ ସିଂହ ଠାକୁର ବିଜ୍ଞାନ ଭବନରେ ଭାରତୀୟ ସୂଚନା ସେବା ଅଧିକାରୀ ମାନଙ୍କର ତୃତୀୟ ବାର୍ଷିକ ସମ୍ମିଳନୀକୁ ଉଦ୍ଘାଟନ କରିଛନ୍ତି । ଏହି ଅବସରରେ, ସୂଚନା ଏବଂ ପ୍ରସାରଣ ସଚିବ, ଅପୂର୍ବ ଚନ୍ଦ୍ରା ଏବଂ ପ୍ରମୁଖ ମହାନିର୍ଦ୍ଦେଶକ, ଶ୍ରୀ ଜୟଦୀପ ଭଟ୍ଟନାଗର, ସତ୍ୟେନ୍ଦ୍ର ପ୍ରକାଶ, ବେଣୁଧର ରେଡ୍ଡୀ ଏବଂ ମାୟଙ୍କ କୁମାର ଅଗ୍ରୱାଲ୍ ଉପସ୍ଥିତ ଥିଲେ । ଏହି ଦୁଇ ଦିବସୀୟ ସମ୍ମିଳନୀରେ ସାରା ଦେଶର ଭାରତୀୟ ସୂଚନା ସେବାର ବରିଷ୍ଠ ଅଧିକାରୀ ଭାଗ ନେଇଛନ୍ତି । କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ, ଶ୍ରୀ ଅନୁରାଗ ଠାକୁର ନିଜର ଅଭିଭାଷଣରେ ୫ସି ବା ପାଂଚଟି ପ୍ରମୁଖ ବିଷୟକୁ ରେଖାଙ୍କିତ କରିଛନ୍ତି, ଯେଉଁ ଗୁଡିକୁ ସରକାରୀ ଯୋଗାଯୋଗ କ୍ଷେତ୍ରରେ ପ୍ରୟୋଗ କରିବାର ଆବଶ୍ୟକତା ରହିଛି । ଏଥିରେ - ନାଗରିକ – କେନ୍ଦ୍ରିତ ଏବଂ ଅନୁକମ୍ପାମୂଳକ ଯୋଗାଯୋଗ ବ୍ୟବସ୍ଥା, ଲକ୍ଷ୍ୟଭୁକ୍ତ ଶ୍ରୋତାଙ୍କ ପାଇଁ ବାର୍ତ୍ତା, ସହଭାଗୀତା ଏବଂ ନିରନ୍ତର ମାନସ ମନ୍ଥନ ତଥା କ୍ଷମତା ବୃଦ୍ଧି ଭଳି ପ୍ରସଙ୍ଗ ଅନ୍ତର୍ଭୁକ୍ତ ଅଟେ । ଏହା ଉପରେ ସେ ବିସ୍ତୃତ ଭାବେ କହିଥିଲେ ଯେ, ନାଗରିକ ମାନଙ୍କୁ ଧ୍ୟାନରେ ରଖି ସମସ୍ତ ଯୋଗାଯୋଗ ପ୍ରାସଙ୍ଗିକ ହେବା ଉଚିତ୍ । ଏହା ସହିତ ସରକାରୀ ସଂସ୍ଥା, ଅନ୍ୟାନ୍ୟ ଅନୁଷ୍ଠାନ ଏବଂ ଘରୋଇ କ୍ଷେତ୍ର ସମେତ ସମସ୍ତ ହିତଧାରକ ମାନଙ୍କ ସହିତ ସହଯୋଗ ବୃଦ୍ଧି କରିବାର ମହତ୍ୱକୁ ମଧ୍ୟ ରେଖାଙ୍କିତ କରିଥିଲେ । ସେ କହିଥିଲେ ଯେ, ଯୋଗାଯୋଗ ଏକ ଦ୍ରୁତ ବେଗରେ ବଦଳୁଥିବା କ୍ଷେତ୍ର ଅଟେ, ଯେଉଁଠାରେ ନକଲି ଖବର ଭଳି ଆହ୍ୱାନ ରହିଛି । ଯୋଗାଯୋଗକାରୀ ସର୍ବଦା ବିଶ୍ୱସନୀୟ ଏବଂ ଗ୍ରହଣଯୋଗ୍ୟ ହେବା ମହତ୍ୱପୂର୍ଣ୍ଣ ଅଟେ, ଯେମିତି କୋଭିଡ୍ ମହାମାରୀ ସମୟରେ ଦେଖା ଯାଇଥିଲା । ଶ୍ରୀ ଅନୁରାଗ ସିଂହ ଠାକୁର ନକଲି ଖବରକୁ ମୁକାବିଲା କରିବା ନିମନ୍ତେ ଫ୍ୟାକ୍ଟ ଚେକ୍ ୟୁନିଟ୍ ଗୁଡିକର ବିସ୍ତାର ଏବଂ ଦିବ୍ୟାଙ୍ଗ ଲୋକ ମାନଙ୍କ ନିମନ୍ତେ ସୁଲଭରେ ଉପଲବ୍ଧ ହେବା ଭଳି ପରିବର୍ତ୍ତନକାରୀ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଆଇଆଇଏସ୍ ଅଧିକାରୀ ମାନଙ୍କର ଭୂମିକାର ଭୁରି ଭୁରି ପ୍ରଶଂସା କରିଥିଲେ । ସେ ନୂତନ ଗଣମାଧ୍ୟମ ପ୍ରଯୁକ୍ତି ସମୂହ, ସଂସ୍ଥା ନିର୍ମାଣ ଏବଂ ରାଜ୍ୟ ସରକାର ମାନଙ୍କ ସହିତ ସମନ୍ୱୟର ମହତ୍ୱ ଉପରେ ଆଲୋକପାତ କରିବା ସହିତ ଅନ୍ତିମ ବ୍ୟକ୍ତି ନିକଟରେ ଲାଭ ପହଂଚାଇବା ପାଇଁ ସରକାରୀ ଯୋଗାଯୋଗର ପ୍ରଭାବ କ୍ଷେତ୍ରରେ ଅଧିକ ପରିବର୍ତ୍ତନ ଆଣିବା ନିମନ୍ତେ ବିଚାର ଏବଂ ପଦକ୍ଷେପ ଗୁଡିକୁ ମଧ୍ୟ ସାମନାରେ ରଖିଥିଲେ । ସେ ସମସ୍ତ ଅଧିକାରୀମାନଙ୍କୁ ୧୩୦ କୋଟି ଲୋକ ମାନଙ୍କୁ ଯୋଗାଯୋଗ ରୂପରେ ନିଜର ଭୂମିକାର ମହତ୍ୱକୁ ଚିହ୍ନାଇବା ନିମନ୍ତେ ଆହ୍ୱାନ ଦେଇଥିଲେ । କେନ୍ଦ୍ର ମନ୍ତ୍ରୀ ଲୋକ ମାନଙ୍କ ନିକଟରେ ନିଜର ପହଂଚ ବଢ଼ାଇବା ନିମନ୍ତେ ସମକାଳିନ ଯୋଗାଯୋଗ ଏବଂ ଗପ କହିବାର କଳାର ମହତ୍ୱକୁ ରେଖାଙ୍କିତ କରିଥିଲେ । ସେ କହିଥିଲେ ଯେ, ସଂସ୍ଥା ନିର୍ମାଣ, ଗୋଷ୍ଠୀ ଗଠନ ଏବଂ ଅଧିକାରୀ ମାନଙ୍କର ପ୍ରେରଣା ମଧ୍ୟ ସମାନ ରୂପରେ ମହତ୍ୱପୂର୍ଣ୍ଣ ଅଟେ । ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ସଚିବ, ଶ୍ରୀ ଅପୂର୍ବ ଚନ୍ଦ୍ରା କହିଥିଲେ କୋଭିଡ୍ – ୧୯ ମହାମାରୀ ସମୟରେ ସରକାରୀ ଯୋଗାଯୋଗ ବ୍ୟବସ୍ଥା ଲୋକ ମାନଙ୍କୁ ଆଶ୍ୱସ୍ତ କରିଥିଲା ।

# ଏନସିଏସସିଡିଏ ପକ୍ଷରୁ ନିଯୁକ୍ତି ମେଳା

ଭୁବନେଶ୍ୱର,୧୬/୦୭ (ନି.ପ୍ର): ଭିନ୍ନକ୍ଷମ ମାନଙ୍କ ପାଇଁ ଜାତୀୟ ଆଜୀବିକା ସେବା କେନ୍ଦ୍ର , ଭୁବନେଶ୍ୱର, ରୋଜଗାର ମହାନିର୍ଦ୍ଦେଶାଳୟ (ଡିଜିଇ), ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ, ଭାରତ ସରକାର ଦ୍ୱାରା ଏକ ନିଯୁକ୍ତି ମେଳା ଆୟୋଜିତ ହୋଇଯାଇଛି । ରାଜ୍ୟର ବିଭିନ୍ନ ସ୍ଥାନରୁ ପ୍ରାର୍ଥୀ ମାନେ (ଉଭୟ ଭିନ୍ନକ୍ଷମ ଏବଂ ଅଣ ଭିନ୍ନକ୍ଷମ) ଏନ.ସି.ଏସ.ସି.ଡି.ଏ କାର୍ଯ୍ୟାଳୟ ପରିସରରେ ଏହି ନିଯୁକ୍ତି ମେଳାରେ ଭାଗ ନେଇଥିଲେ। ଏହି ନିଯୁକ୍ତି ମେଳାରେ ଚଳନ ଶକ୍ତି ବାଧିତ ଏବଂ ଶ୍ରବଣ ଶକ୍ତି ବାଧିତ ଭିନ୍ନକ୍ଷମମାନଙ୍କ ପାଇଁ ବିଭିନ୍ନ କ୍ଷେତ୍ରରେ ପଦବୀ ଥିଲା। ଏହି ନିଯୁକ୍ତି ମେଳାଟି ବିଭିନ୍ନ ନିଯୁକ୍ତିଦାତା ଯଥା ସାଇଂଟିଷ୍ଟିକ ମାଇଣ୍ଡ, ଗର୍ଗ ଲଜିଷ୍ଟିକ, କମଳିନୀ ଆସୋସିଏଟ ମାନଙ୍କ ସକ୍ରିୟ ସହଯୋଗରେ ସଫଳ ହୋଇଛି। ସେମାନେ ୬୭ ଜଣ ଚାକିରି ଆଶାୟୀ ମାନଙ୍କର ଇଂଟରଭ୍ୟୁ ନେଇଥିଲେ, ସେଥି ମଧ୍ୟରୁ ୬୩ ଜଣ ପ୍ରାର୍ଥୀ (ଭିନ୍ନକ୍ଷମ ସହିତ) ସର୍ଟଲିଷ୍ଟ ହୋଇଛନ୍ତି ।ଏହି ନିଯୁକ୍ତି ମେଳାରେ ବିଭିନ୍ନ କ୍ଷେତ୍ରରୁ ଯଥା ଲଜିଷ୍ଟିକ, ରିଟେଲ ସେଲ୍ସ ଏକଜିକ୍ୟୁଟିଭ , ମାର୍କେଟିଙ୍ଗ, , ଟେଲି କଲର, ୱେବ ଡିଜାନିଙ୍ଗ ଆଦି ପ୍ରାୟ ୨୦୦ ରୁ ଅଧିକ ପଦବୀ ପାଇଁ ବିଭିନ୍ନ କମ୍ପାନି ମାନେ ଯୋଗଦେଇଛନ୍ତି।

# ରାଷ୍ଟ୍ରପତି ପ୍ରାର୍ଥୀଙ୍କୁ କଟୁ ମନ୍ତବ୍ୟ ପ୍ରତିବାଦରେ ଜଳେଶ୍ୱର ବିଜେପି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ




ଜଳେଶ୍ୱର, ୧୬/୭(ନି.ପ୍ର) : ଏନ୍‌ଡିଏର ରାଷ୍ଟ୍ରପତି ପ୍ରାର୍ଥୀ ତଥା ଓଡିଆ ମାଟିର ଗର୍ବ ଦୌପଦୀ ମୁର୍ମୁଙ୍କ ପ୍ରାର୍ଥିତ୍ୱକୁ ନେଇ କଂଗ୍ରେସ ନେତା ଡ. ଅଜୟ କୁମାର ଦେଇଥିବା କଟୁ ମନ୍ତବ୍ୟକୁ ଜଳେଶ୍ୱର ବିଜେପି ପକ୍ଷରୁ ଦୃଢ ପ୍ରତିବାଦ କରାଯାଇଛି । ଜୟନାରାୟଣ ମହାନ୍ତି ନିର୍ଦ୍ଦେଶରେ ତଥା ଦିବ୍ୟକାନ୍ତ ମହାନ୍ତିଙ୍କ ତତ୍ୱାବଧାନରେ ବଡବଜାର ଠାରେ ଅନୁଷ୍ଠିତ ବିକ୍ଷୋଭରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ଡ. ଅଜୟ କୁମାରଙ୍କ କୁଶପୁତ୍ତଳିକା ଦାହ କରିବା ସହିତ ନାରାବାଜି କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଇବଣିଆ ମଣ୍ଡଳ ସଭାପତି ମନୋଜ ସାସମଲ, ସ୍ୱପ୍ନେଶ୍ୱର ମଣ୍ଡଳ ସଭାପତି ତପନ ବିଶ୍ୱାଳ, ସୁବର୍ଣ୍ଣରେଖା ମଣ୍ଡଳ ସଭାପତି ପ୍ରଣବ ପଣ୍ଡା, ଅଶୋକ ପରିଡା, ଅଚ୍ୟୁତ ମହାନ୍ତି, ସଂଜିବ ରାଉତ, ଚନ୍ଦନ ଜେନା, ବିଦ୍ୟାଧର ବେହେରା, ଜତିନ୍ଦ୍ର ସେନାପତି, ସତ୍ୟ ବେହେରା, ରବିନ୍ଦ୍ର ଦାସ, ଚନ୍ଦ୍ରକାନ୍ଦ ପରିଡା, ଅଜୟ ଦାସ, ଗୀତାଞ୍ଜଳି ଜେନା, ମାଳତି ଦେ, ସୁମତୀ ଦେ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଲଡର ହତ୍ୟା ମାମଲାରେ ୪ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

ଭୁବନେଶ୍ୱର,୧୬/୦୭ (ନି.ପ୍ର): ବିଲଡର କୃଷ୍ଣଚନ୍ଦ୍ର ନାୟକ ହତ୍ୟା ମାମଲାର ବିଚାର କରି ଭୁବନେଶ୍ୱର ଅତିରିକ୍ତ ଜିଲ୍ଲା ଦୌରା ଜଜ-୩ ଶନିବାର ୪ ଜଣ ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ ଶୁଣାଇଛନ୍ତି। ଅତିରିକ୍ତ ଦୌରାଜଜ ଆଇଆରସି ଭିଲେଜ୍ ନିକଟରେ କଳିଙ୍ଗ ପୁତ୍ରର ବିଲ୍ଡର କୃଷ୍ଣଚନ୍ଦ୍ର ନାୟକ ହତ୍ୟା ମାମଲାରେ ଅଭିଯୁକ୍ତ ତାରିଣୀ ପଟ୍ଟନାୟକ, ସୁରଜ୍ ଶର୍ମା, ରାଜେଶ ବାରିକ ଓ ସନ୍ତୋଷ ପଢିଆରୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ଅଭିଯୁକ୍ତମାନଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ଜରିମାନାରେ ଦଣ୍ଡିତ କରିଛନ୍ତି ଦୌରା ଜଜ୍। ୨୦୧୩ ଅଗଷ୍ଟ ୧୨ ତାରିଖରେ ନୟାପଲ୍ଲୀ ଥାନା ଆଇଆରସି ଭିଲେଜ୍ ନିକଟରେ କଳିଙ୍ଗ ପୁତ୍ରର ବିଲଡର କୃଷ୍ଣଚନ୍ଦ୍ର ନାୟକଙ୍କୁ ହତ୍ୟା କରାଯାଇଥିଲା। ଘଟଣା ଦିନ କୃଷ୍ଣଚନ୍ଦ୍ର ନାୟକଙ୍କୁ ଦିନ ୧୦ଟାରେ ଗୁଳିକରି ହତ୍ୟା କରାଯାଇଥିଲା।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଜଳେଶ୍ୱର, ୧୬/୭(ନି.ପ୍ର) : ଜଳେଶ୍ୱର ବ୍ଲକ ଅଧିନ ମେଦିନୀପୁର ଉପ୍ରା ବିଦ୍ୟାଳୟରେ ଏକ ସାମୁହିକ ଅବସରକାଳୀନ ସମ୍ବର୍ଦ୍ଧନାସଭା ଅନୁଷ୍ଠିତ ହୋଇ ଯାଇଛି । କସିଦାସ୍ଥିତ ଭଗବତି ମାତା ଉଚ୍ଚବିଦ୍ୟାଳୟର ମଧୁସୂଦନ ପ୍ରମାଣିକ, ଖୁଲୁଡାର ଝଗେଡଶ୍ୱର ସଂସ୍କୃତ ବିଦ୍ୟାଳୟର ଶଶୀକାନ୍ତ ପ୍ରଧାନ, ସାନକସିଦା ପ୍ରାଇମେରୀର କରୁଣାକର ଚନ୍ଦ, ଖଲୁଡା ନୋଡାଲର ଗୌରୀଶଂକର ଜେନା, ଅନନ୍ତ କୁମାର ବେହେରାଙ୍କୁ ଉକ୍ତ ବିଦାୟକାଳୀନ ସଭାରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିରେ ଓଷ୍ଟାର ଜଳେଶ୍ୱର ସଂପାଦକ ତଥା ଖୁଲୁଡା ଶୀତଳା ହାଇସ୍କୁଲର ପ୍ରଧାନ ଶିକ୍ଷକ ଡ. ଅଜିତ୍ କୁମାର ମହାନ୍ତି ସଭା ସଂଚାଳନ କରିଥିବା ବେଳେ କୃଷ୍ଣଚନ୍ଦ୍ର ମାଝୀ, କୁମୁଦ ରଂଜନ ଜେନା ଓ ଲିଲିମା ମାଝୀ ପ୍ରମୁଖ ସଭା ପରିଚାଳନା କରିଥିଲେ। ଅଜୟ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ବିଦ୍ୟାଳୟର ଏସ୍ଏମ୍‌ସି ସଦସ୍ୟା ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।

# ସଚେତନତା ବାର୍ତ୍ତା ନେଇ କଟକରୁ ଦିଲ୍ଲୀ ପଦଯାତ୍ରା କରୁଛନ୍ତି ସମାଜସେବୀ




ବାରିପଦା, ୧୬/୦୭ (ନି.ପ୍ର): କଟକ ଜିଲ୍ଲା ନିଶ୍ଚିନ୍ତପୁର ଗ୍ରାମର ଯୁବ ସମାଜସେବୀ ଅଜୟ ବେହେରା ଗତ ଜୁଲାଇ ୬ ତାରିଖରୁ କଟକର ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ଜନ୍ମପୀଠରୁ କରୋନା ସଚେତନତା ବାର୍ତା ନେଇ ପଦଯାତ୍ରାରେ ଦିଲ୍ଲୀ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି । ଗୁରୁବାର ଦିନ ଅପରାହ୍ଣ ୫ଘଟିକାରେ ରାଇରଙ୍ଗପୁରରେ ପହଂଚି ଥିଲେ । ରାଇରଙ୍ଗପୁରର ସମାଜସେବୀ ଅରବିନ୍ଦ ବାଗାଡିଆ, ପ୍ରତ୍ୟୁଷ ପରିଡ଼ା, ରୂପକ ମହାନ୍ତି, ପୂର୍ଣ୍ଣେନ୍ଦୁ ମହାନ୍ତି, ଶୁଭେନ୍ଦୁ ମହାନ୍ତି, ରାଜେଶ ମହାନ୍ତି, ଦେବାଶିଷ ବେହେରା, ରଜତ ମହାନ୍ତି, ତପନ ମହାନ୍ତ, ଲମ୍ବୋଦର ମହାନ୍ତ, ଅମିତ ସାହୁ ଏବଂ ଅନ୍ୟମାନେ ତାଙ୍କର ଦୁଃସାହସିକ ପଦକ୍ଷେପ ଓ ସାମାଜିକ କାର୍ଯ୍ୟ ନେଇ ପ୍ରଶଂସା କରିବା ସହ ଶୁଭେଚ୍ଛା ଜଣାଇଥିଲେ । ସ୍ଥାନୀୟ ହରପାର୍ବତୀ ମଣ୍ଡପ ଠାରେ ତାଙ୍କର ରହଣି, ଖାଦ୍ୟ, ଔଷଧ ଇତ୍ୟାଦି ବନ୍ଦୋବସ୍ତ କରାଯାଇଥିବାର ଜଣାଯାଇଛି । ଅତୀତରେ ୨୦୦୮ ମସିହାରେ କଟକର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମମାଟି କଟକରୁ ମୁମ୍ବାଇ ଯାଇଥିଲେ ଏଡସ ସଚେତନତା ବାର୍ତା ନେଇ । କୌଣଷି ସରକାରୀ ସହାୟତା ନ ନେଇ ସେ ନିଜସ୍ୱ ପ୍ରୟାସ ଏବଂ ବିଭିନ୍ନ ଲୋକଙ୍କ ସହାୟତାରେ ସେ ଏହି ଯାତ୍ରା ଆରମ୍ଭ କରିଛନ୍ତି । କରୋନା ମହାମାରୀ ପୁଣିଥରେ ଆସୁଥିବା ବେଳେ, ଲୋକମାନେ ସରକାରଙ୍କ ଗାଇଡଲାଇନ ମାନନ୍ତୁ, କରୋନା ଟୀକା ନିଅନ୍ତୁ ଏବଂ ନିଜ ତଥା ପରିବାର ର ଧନ ଜୀବନ ଓ ସମାଜର ହିତରେ ସହାୟକ ହୁଅନ୍ତୁ ଏହାହିଁ ତାଙ୍କର ବାର୍ତା । ଶୁକ୍ରବାର ସକାଳ ୯ ଟା ସମୟରେ ରାଇରଙ୍ଗପୁର-ଟାନଗର ଯାଉଥିବା ବେଳେ ରାଇରଙ୍ଗପୁର ସହରର ମହୁଲଡିହାଠାରେ ଏନଡିଏ ପ୍ରାର୍ଥନୀ ଦ୍ରୌପଦୀ ମୁର୍ମୁ ଙ୍କ ବାସ ଭବନ ପାଖରେ ଛିଡ଼ା ହୋଇ ଶ୍ରୀମତୀ ମୁର୍ମୁଙ୍କ ବିଜୟ ପାଇଁ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରିଥିଲେ । ସେ ଅଗଷ୍ଟ ୧୫ ରରେ ସେ ଦିଲ୍ଲୀ ଇଣ୍ଡିଆ ଗେଟ ପାଖରେ ପହଂଚିବେ ବୋଲି ଜଣାଯାଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଯଶଓ୍ୱନ୍ତ ସିହ୍ନାଙ୍କୁ ସମର୍ଥନ....

କଂଗ୍ରେସ ସମେତ, ଟିଏମସି, ଟିଆରଏସ୍ ଓ ସପା ଭଳି ଦଳ ସମର୍ଥନ କରିଛନ୍ତି। ଅନ୍ୟପକ୍ଷରେ ଦ୍ରୌପଦୀ ମୁର୍ମୁ ନାମାଙ୍କନ ଦାଖଲ କରିବା ବେଳେ ତାଙ୍କ ସମର୍ଥନରେ ୫୦%ରୁ କମ ଭୋଟ ରହିଥିଲା। ହେଲେ ବିଜେଡି, ୱାଇଏସ୍ ?ଆର କଂଗ୍ରେସ, ଜେଏମଏମ, ବିଏସ୍ପି, ଶିବସେନା, ଏଆଇଏଡିଏମକେ, ଅକାଳୀ, ଟିଡିପି, ଜେଡିୟୁ ଓ ଜେଡିଏସ ଭଳି ଦଳ ପକ୍ଷରୁ ତାଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ କରାଯାଇଛି। ଏହାକୁ ମିଶାଇଲେ ତାଙ୍କ ସପକ୍ଷରେ ବର୍ତ୍ତମାନ ସୁଦ୍ଧା ୬୦%ରୁ ଅଧିକ ଭୋଟ ହୋଇ ସାରିଲାଣି। ଯଦି ରାଷ୍ଟ୍ରପତି ନିର୍ବାଚନରେ ଶ୍ରୀମତୀ ମୁର୍ମୁ ଜିତନ୍ତି, ତା'ହେଲେ ସେ ପ୍ରଥମ ଆଦିବାସୀ ମହିଳା ଭାବେ ଦେଶର ସର୍ବୋଚ୍ଚ ପଦ ଅଧିକାର କରିବାର ଗୌରବ ହାସଲ କରିବେ।

## ପଶ୍ଚିମବଙ୍ଗ ରାଜ୍ୟପାଳ....

ସାମ୍ପ୍ରଦାୟିକ ଉତ୍ତେଜନା, ତୁଷ୍ଟୀକରଣ ଓ ରାଜ୍ୟର ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ନେଇ ଅଭିଯୋଗ ଆଣୁଥିଲେ। ତେବେ ଗତ ବୁଧବାର ଦିନ ମମତା ବାନାର୍ଜୀ ରାଜ୍ୟପାଳ ଧନକଡ଼ଙ୍କୁ ଭେଟିଥିଲେ । ତେବେ ଏହା ଏକ ସୌଜନ୍ୟମୂଳକ ସାକ୍ଷାତ ଥିଲା ଓ ଏହି ଅବସରରେ ରାଜନୀତି ସମ୍ପର୍କରେ ଅଥବା ରାଷ୍ଟ୍ରପତି ନିର୍ବାଚନ ସମ୍ପର୍କରେ କୌଣସି ଆଲୋଚନା ହୋଇନଥିଲା ବୋଲି ମମତା କହିଥିଲେ । ଧନକର ୧୯୮୯ରୁ ୧୯୯୧ ପର୍ଯ୍ୟନ୍ତ ଲୋକସଭା ସାଂସଦ ଥିଲେ । ସେ ମଧ୍ୟ ଜଣେ ଜଣେ ସୁପ୍ରିମକୋର୍ଟ ଓକିଲ ଭାବେ ପରିଚୟ ଲାଭ କରିଛନ୍ତି। ସୂଚନା ଅନୁଯାୟୀ, ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ଗତ ଜୁଲାଇ ୫ରେ ବିଜ୍ଞପ୍ତି ଜାରି ହୋଇଥିଲା । ଏଥିପାଇଁ ମନୋନୟନ ପତ୍ର ଦାଖଲର ଶେଷ ତାରିଖ ଜୁଲାଇ ୧୯ ରଖାଯାଇଛି । ଅଗଷ୍ଟ ୬ରେ ଉପରାଷ୍ଟ୍ରପତି ନିର୍ବାଚନ ହେବ ।

## ୯ ଜିଲ୍ଲାରେ ଅତି ପ୍ରବଳ....

ମୟୂରଭଞ୍ଜ, ଅନୁଗୁଳ, ଢ଼େଙ୍କାନାଳ, ସମ୍ବଲପୁର, ନୂଆପଡା ଓ ନବରଙ୍ଗପୁର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋଓ୍ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ସେହିପରି ୧୭ରୁ ୧୮ ତାରିଖ ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ବରଗଡ, ନୂଆପଡା, ବଲାଙ୍ଗିର , ଝାରସୁଗୁଡା, କେନ୍ଦୁଝର ଓ ସୁନ୍ଦରଗଡ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋଓ୍ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

## ମେଡିକାଲ କଲେଜ ଓ ହସ୍ପିଟାଲର....

ଦିଗରେ ଏହି ଅଗ୍ରଣୀ ଶିକ୍ଷାନୁଷ୍ଠାନ ଲକ୍ଷ୍ୟ ରଖିବା ଦରକାର । ଅମୃତ କାଳରେ ଆମକୁ ଏମିତି ଏକ ପିଢି ଗଢ଼ିବାକୁ ହେବ, ଯେଉଁମାନେ ସମାଜ ଓ ରାଷ୍ଟ୍ର କଲ୍ୟାଣକୁ ସର୍ବୋଚ୍ଚ ପ୍ରାଥମିକତା ଦେଉଥିବେ । ଏହି ମର୍ମରେ ଗବେଷଣା, ନବସୃଜନ ଏବଂ ଉଦ୍ୟମିତାକୁ ମୁଳଦୁଆ କରି ଆଇଆଇଟି କାନପୁର ଲୋକଙ୍କ ଜୀବନକୁ ସୁଗମ କରିବା ସହ ମାନବ କଲ୍ୟାଣ ପାଇଁ ବିଭିନ୍ନ ସମସ୍ୟାର ସମାଧାନର ରାସ୍ତା ବାହାର କରିବାକୁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି। ଆଇଆଇଟି କାନପୁର ଗସ୍ତ କାଳରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ନ୍ୟାସନାଲ ସେଂଟର ଫର୍ ଫ୍ଲେକ୍ସିବଲ୍ ଇଲେକ୍ଟ୍ରୋନିକ୍ସ ପରିଦର୍ଶନ କରିବା ସହ ଆଇଆଇଟି କାନପୁର ସହଯୋଗରେ ଆରମ୍ଭ ହୋଇଥିବା ଷ୍ଟାର୍ଟଅପ ବୁଲି ଦେଖିଥିଲେ।

# ଜି.ଉଦୟଗିରି ଏନଏସିରେ ଜବରଦଖଲ ଉଚ୍ଛେଦ ହେବ

କନ୍ଧମାଳ, ୧୬/୦୭ (ନି.ପ୍ର): ଜିଉଦୟଗିରି ଏନଏସି କୁ ସ୍ୱଛ, ସୁନ୍ଦର ଓ ସ୍ମାର୍ଟ ସିଟି ଭାବେ ପରିଣତ କରିବାକୁ ପରିଷଦ ଅଣ୍ଟାଭିଡିଛି । ସହରର ବିଭିନ୍ନ ସ୍ଥାନରେ ଲୋକେ ଡ୍ରେନ ଉପରକୁ ମାଡି ଆସି କିଏ ଦୋକାନ କଲାଣି ତ ଆଉ କିଏ ଘର। ଫଳରେ ସହରର ଶୋଭା ନଷ୍ଟ ହେଉଛି। କେହି କେହି ମୁଖ୍ୟ ରାସ୍ତା ଓ ଗୋଲେଇ ଛକ ନିକଟରେ ଫୁଟପାତରେ ବସି ବ୍ୟବସାୟ କରୁଛନ୍ତି ଫଳରେ ଗାଡିମଟର ଯା ଆସ କରିବା ମୁସ୍କିଲ ହୋଇପଡୁଛି । ରାସ୍ତାରେ ବସିବା ଲାଗି ବାରଣ କଲେ ବି ଶୁଣିବାକୁ ନାହିଁ। ଏବେ ଏନଏସି ଅଧକ୍ଷା ଶ୍ରୀମତି ଭାନୁ ପ୍ରଭା ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସହରରେ ଜବରଦଖଲ ଉଚ୍ଛେଦ , ଡ୍ରେନ ସଫେଇ କଭର ପ୍ଲେଟ, ସ୍ମାର୍ଟ ପାର୍କ ନିର୍ମାଣ, ପଦା ସାହି ଓ କନବାଗିରିରେ ସ୍ୱାଗତ ଗେଟସୌନ୍ଦର୍ଯ୍ୟକରଣ କରାଯିବା ପାଇଁ ନିଷ୍ପତି ନିଆଯାଇଥିବା ଜଣାପଡିଛି । ତେବେ ଉଛେଦ ବେଳେ କ୍ଷତିଗସ୍ତ ଲୋକଙ୍କୁ ଥଇଥାନ କରିବା ମଧ୍ୟଜରୁରୀ। ତେବେ ଅଧକ୍ଷା ଭାନୁ ପ୍ରଭା ମିଶ୍ର ଓ ନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡ଼ଙ୍ଗୀଙ୍କ ଉନ୍ନତି ଓ ଦୁର୍ନିତୀ ମୁକ୍ତ ଚିନ୍ତାଧାରା ସହରକୁ ବିକାଶ ପଥରେ ଆଗେଇନେବ ବୋଲି ସାଧାରଣରେ ଆଲୋଚନା ଦେଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ସନ୍ତୋଷ ବାଗ, କାଉନସିଲରଙ୍କ ସମେତ ସତ୍ୟପ୍ରକାଶ ମହାପାତ୍ର, ପ୍ରଭାତ ସାହୁ,ସସ୍ମିତା ବେହେରା, ମୁକେଶ ରଂଜନ ନାୟକ, ପବିତ୍ର ସାହୁ, ପ୍ରମୁଖ ଉପସ୍ଥିତ ରହି ସୁଚିନ୍ତିତ ପରାମର୍ଶ ଦେଇଥିଲେ।

# ଅଲ ଓଡିଶା ଚେସ୍ ଚାମ୍ପିଅନସିପ୍ ଉଦଘାଟିତ

ଭୁବନେଶ୍ୱର,୧୬/୦୭ (ନି.ପ୍ର): ଓଡିଶା ଚେସ୍ ଆସୋସିଏସନ୍ ବ୍ୟାନରରେ ଆଇ.ଆଇ.ଜି ସ୍ପୋର୍ଟସ୍ ଏକାଡେମୀ ପକ୍ଷରୁ କେଟି ଗ୍ଲୋବାଲ୍ ସ୍କୁଲ୍ କ୍ୟାମ୍ପସରେ ଆରମ୍ଭ ହୋଇଛି ଅଲ ଓଡିଶା ଚେସ୍ ଚାମ୍ପିଅନସିପ୍। ଏଓସିଏ ସଭାପତି ପ୍ରଫେସର ଜି ସି ମହାପାତ୍ରଙ୍କ ଦ୍ୱାରା ଏହି ପ୍ରତିଯୋଗିତା ଉଦଘାଟିତ ହୋଇଛି। ୧୬ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ୧୮ ତାରିଖ ଯାଏଁ ଚାଲିବ। ରାଜ୍ୟରୁ ଶତାଧିକ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଅଶଂଗ୍ରହଣ କରିଛନ୍ତି। ୫ଟି କ୍ୟାଟେଗୋରୀରେ ଏହି ପ୍ରତିଯୋଗିତା ଖେଳାଯାଉଛି। ଓପନ ଚେସ ଚାମ୍ପିଅନସିପ୍ ଖେଳାଯାଉଥିବା ବେଳେ ଜୁନିୟର ଖେଳାଳିଙ୍କୁ ଅଧିକ ଉତ୍ସାହିତ କରିବା ପାଇଁ ଅଣ୍ଡର-୭, ଅଣ୍ଡର-୯, ଅଣ୍ଡର-୧୧,ଅଣ୍ଡର-୧୩ ଓ ଅଣ୍ଡର-୧୫ କ୍ୟାଟେଗୋରୀରେ ପ୍ରତିଯୋଗିତା ଖେଳାଯାଉଛି। ପ୍ରତିଯୋଗିତାରେ ପୁରସ୍କାର ରାଶି ମୋଟ୍ ୫୦ ହଜାର ଟଙ୍କା ରଖାଯାଇଛି। ଚାମ୍ପିୟନ ଖେଳାଳିକୁ ଟ୍ରଫି ସହ ୭ ହଜାର ଟଙ୍କା, ରନର୍ସପକୁ ଟ୍ରଫି ସହ ୫ ହଜାର ୫୦୦ ଟଙ୍କା ପ୍ରଦାନ କରାଯିବ। ସେହିପରି ତୃତୀୟ ସ୍ଥାନରେ ରହିଥିବା ପ୍ରତିଯୋଗୀଙ୍କୁ ଟ୍ରଫି ସହ ୪ ହଜାର, ଚତୁର୍ଥ ସ୍ଥାନରେ ରହିଥିବା ପ୍ରତିଯୋଗୀଙ୍କୁ ଟ୍ରଫି ସହ ୩ ହଜାର, ପଂଚମ ସ୍ଥାନରେ ରହିଥିବା ପ୍ରତିଯୋଗୀଙ୍କୁ ଟ୍ରଫି ସହ ୨ ହଜାର ୫୦୦ ଟଙ୍କା ପ୍ରଦାନ କରାଯିବ। କେବଳ ଏତିକି ନୁହେଁ ଷଷ୍ଠରୁ ଦଶମ ସ୍ଥାନର ପ୍ରତିଯୋଗୀଙ୍କ ପାଇଁ ଟ୍ରଫି ସହ ୨ ହଜାର ଓ ୧୧ତମ ସ୍ଥାନରୁ ୧୫ ତମ ସ୍ଥାନରେ ରହିଥିବା ଖେଳାଳିଙ୍କୁ ଟ୍ରଫି ସହ ୧୫୦୦ ଟଙ୍କା ପ୍ରଦାନ କରାଯିବ।

# ସଂସଦ ଅଧିବେଶନ ପୂର୍ବରୁ ସାଂସଦଙ୍କୁ ନବୀନଙ୍କ ଗୁରୁମନ୍ତ୍ର

ଭୁବନେଶ୍ୱର,୧୬/୦୭ (ନି.ପ୍ର): ଆସନ୍ତା ୧୮ ତାରିଖରୁ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେଉଛି। ତା ପୂର୍ବରୁ ସାଂସଦମାନଙ୍କ ସହ ଆଲୋଚନା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସଂସଦରେ ଓଡିଶା ସ୍ୱାର୍ଥଜନିତ ପ୍ରସଙ୍ଗ ଉଠାଇବାକୁ ସାଂସଦମାନଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ସେହିପରି ଓଡ଼ିଶା ମାଟିର ଝିଅ ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ନିର୍ବାଚନରେ ପୂର୍ଣ୍ଣ ସମର୍ଥନ ଦେବା ପାଇଁ କହିଛନ୍ତି। ଭର୍ଚୁଆଲ ମୋଡ୍ ରେ ଅନୁଷ୍ଠିତ ବୈଠକରେ ସାଂସଦମାନଙ୍କୁ ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁଙ୍କୁ ଭୋଟ ଦେବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହା ବ୍ୟତୀତ ରାଜ୍ୟକୁ କେନ୍ଦ୍ର ବଳକା ୫ ଲକ୍ଷ ମେଟ୍ରିକ ଟନ ଉସୁନା ଚାଉଳ କିଣିବା ପ୍ରସଙ୍ଗ , ୧.୮୪ ଲକ୍ଷ ଫନି କ୍ଷତିଗ୍ରସ୍ତଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଗାଇବା, ରାଜ୍ୟରେ ନିର୍ମାଣାଧୀନ ରେଳ ପ୍ରକଳ୍ପର ଅଗ୍ରଗତି ପ୍ରସଙ୍ଗ ସଂସଦରେ ଉଠାଇବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ଉଭୟ ସଂସଦ ଏବଂ ବିଧାନସଭାରେ ୩୩% ମହିଳାଙ୍କୁ ସଂରକ୍ଷଣ ଦେବା , ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ,ହୋ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସ୍ଥାନିତ କରିବା , କୋଇଲା ରୟାଲଟି, କୋଷ୍ଟାଲ ହାଇୱେ ଭଳି ପ୍ରସଙ୍ଗକୁ ଆସନ୍ତା ସଂସଦ ଅଧିବେଶନରେ ଉଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି ନବୀନ ପଟ୍ଟନାୟକ।

# ଖୋର୍ଦ୍ଧାରେ ଲଗାଣ ବର୍ଷା

ଖୋର୍ଦ୍ଧା, ୧୬/୦୭ (ନି.ପ୍ର): ଶନିବାର ଭୋର ସମୟରୁ ଲଗାଣ ବର୍ଷା ଜାରି ରହିଛି। ଖୋର୍ଦ୍ଧା ସହର କଥା ନ ଦେଖିଲେ କହି ହେବ ନାହିଁ। ଖୋର୍ଦ୍ଧା ଜିଲ୍ଲା ଗାଁ ଗହଳି ରାସ୍ତା ଖୋର୍ଦ୍ଧା ସହର ଠାରୁ ଭଲ। ଖୋର୍ଦ୍ଧା ସହର ନାଳି ଅଧା ପନ୍ତରିଆ। ରାସ୍ତା ଓସାର ନାମରେ ଆଜକୁ ପାଞ୍ଚ ବର୍ଷ ହେଲାଣି ଉକ୍ତ ରାସ୍ତା କାମ ଅଧାପନ୍ତରିଆ ହୋଇ ପଡିଛି। ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡ ଟ୍ରାଫିକ ଛକ ମରଣ ଜନ୍ତା ସାଜିଛି। ଉକ୍ତ ଜାଗାରେ ଡ଼ିଉଟି କରୁଥିବା ଥିବା ହୋମ ଗାର୍ଡ ଓ କନଷ୍ଟେବଳ ଦହନୀୟ ଅବସ୍ଥା। ଛୋଟଚାକିରିଆ ଜୀବନ ପାଇଁ କାହାର ଚିନ୍ତା ନାହିଁ। ଖୋର୍ଦ୍ଧା ନୂତନ ଏସପି IPS ଯୋଗ ଦେବାପରେ ଖୋର୍ଦ୍ଧା ରାସ୍ତା ଓ ଟ୍ରାଫିକ ଛକ ବଦଳିବା କଥା ଓ ରାସ୍ତା ଜାମ ଦୁର ହେବା ଆସା କରାଯାଇଛି। ଖୋର୍ଦ୍ଧା ସହରରେ ଶୌଚାଳୟ ନାହିଁ। ଖୋର୍ଦ୍ଧା ପ୍ରଶାସନ ଖାମକିଆଲ ନୀତିଯୋଗୁ ଏହା ହୋଇ ପାରୁନାହିଁ। ଦୂର ଦୁଆରାନ୍ତରୁ ଆସୁଥିବା ଲୋକ ସ୍ଥାନୀୟ ବ୍ୟବସାୟୀ ଝାଡା, ପରିସ୍ରା ଯିବାକୁ ହଇରାଣ। ରାସ୍ତା କଡ ଚବିଶ ଘଣ୍ଟା ଖୋଲା କେତେକ ଅଫିସ ଫାଟକ ଖୋଲା ଯୋଗୁ ଲୋକେ ବେବସାୟି ଲାଜ ସରମ ଛାଡ଼ି ସେଠାରେ ଶୌଚ ହୁଅନ୍ତି। ରାସ୍ତା ବହୁ ଯାଗାରେ ଖରାପ ପ୍ରତି ବର୍ଷ ଠିକାଦାର ପୋଷା କାମ ପ୍ରତି ବର୍ଷ ଚାଲିଛି ଜେସା କୁ ଦେସା ରାସ୍ତା। ଏବେ ନୂତନ ଜିଲ୍ଲାପାଳ ଖୋର୍ଦ୍ଧା ଓଇଝ ଯୋଗ ଦେଇଛନ୍ତି । ଆଶା କରାଯାଇଛି ଏହି ଅସୁବିଧା ଦୂର ହୋଇ ପାରିବ। ଉକ୍ତ ଜିଲ୍ଲାପାଳ ମହାଶୟ ପ୍ରଥମେ ସ୍ୱାସ୍ଥ୍ୟ ଶିକ୍ଷା ପରିମଳ ପାଇଁ ଆଗ୍ରହୀ। ଶିକ୍ଷା ପାଇଁ ତାଙ୍କ କାର୍ଯ୍ୟ ଜାରି ରହିଛି। ଆଶା ଓ ବିଶ୍ୱାସ ନିଶ୍ଚୟ କାର୍ଯ୍ୟ କାରୀ ହେବ।

# ଗୋଟିଏ ଦିନରେ ୧୦୬୫ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୬/୦୭ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୦୬୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୯୮୨୪୦ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ ୧୨୨ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୮୩୬୮୩ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୫୩୭୬ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୬୨୪ ଜଣ ସଂଗରୋଧରୁ ଓ ୪୪୧ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୮ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲାରେ ୧୪, ଭଦ୍ରକ ଜିଲ୍ଲାରେ ୫, ବଲାଙ୍ଗୀର ଜିଲ୍ଲାରେ ୮, ବୌଦ୍ଧ ଜିଲ୍ଲାରେ ୧, କଟକ ଜିଲ୍ଲାରେ ୧୩୫. ଦେବଗଡ, ଜିଲ୍ଲାରେ ୫, ଢେଙ୍କାନାଳ ଜିଲ୍ଲାରେ ୨, ଗଜପତି ଜିଲ୍ଲାରେ ୩, ଗଂଜାମ ଜିଲ୍ଲାରେ ୬, ଜଗତସିଂହପୁର ଜିଲ୍ଲାରେ ୨୧,ଯାଜପୁର ଜିଲ୍ଲାରେ ୨୧, ଝାରସୁଗୁଡା ଜିଲ୍ଲାରେ ୧୮ . କଳାହାଣ୍ଡି ଜିଲ୍ଲାରେ ୧୪ , କନ୍ଧମାଳ ଜିଲ୍ଲାରେ ୬, କେନ୍ଦ୍ରାପଡା ଜିଲ୍ଲାରେ ୧୮, କେନ୍ଦୁଝର ଜିଲ୍ଲାରେ ୪, ଖୋର୍ଦ୍ଧା ଜିଲ୍ଲାରେ ୩୬୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରେ ୩, ମୟୁରଭଂଜ ଜିଲ୍ଲାରେ ୫୨, ନବରଂଗପୁର ଜିଲ୍ଲାରେ ୫, ନୟାଗଡ ଜିଲ୍ଲାରେ ୧୮, ନୂଆପଡା ଜିଲ୍ଲାରେ ୧୧, ପୁରୀ ଜିଲ୍ଲାରେ ୪୪, ରାୟଗଡା ଜିଲ୍ଲାରେ ୧୩, ସମ୍ବଲପୁର ଜିଲ୍ଲାରେ ୫୮ , ସୋନପୁର ଜିଲ୍ଲାରେ ୩୧ ,ସୁନ୍ଦରଗଡ ଜିଲ୍ଲାରେ ୧୧୧ ଓ ଷ୍ଟେଟ ପୁଲରେ ୭୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଅବଶିଷ୍ଟ ୨ ଟି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି।

## ପ୍ରଭାବିତ ଅଂଚଳ ବୁଲି ଦେଖିଲେ ଜନପ୍ରତିନିଧି : ୬ ଶହ ହେକ୍ଟର ଉର୍ଦ୍ଧ୍ୱ ଚାଷ ଜମି ପ୍ରଭାବିତ



ବାଲିଆପାଳ, ୧୬/୦୭ (ନି.ପ୍ର): ଲୁଣି ଜୁଆର ପ୍ରଭାବରେ ବାଲିଆପାଳ ବ୍ଲକ ବୋଲଂ ପଂଚାୟତର ୧୧,୧୨ ଓ ୧୩ ନଂ ୱାର୍ଡ ସମେତ ସାଉଡି ପଂଚାୟତର ଛୟାଳିଆ, ବିଶଗାଦେଇପୁର, କୁଣ୍ଡୁଳୀ ପଂଚାୟତର ମହାପଦା ଗ୍ରାମର ୬ ଶହ ହେକ୍ଟର ଉର୍ଦ୍ଧ୍ୱ ଚାଷ ଜମି କ୍ଷତିଗ୍ରସ୍ତ ହୋଇଛି । ଏହି ସବୁ ଜମିରେ ଆଉ ଧାନ ଚାଷ ହେବ ନାହିଁ । ଗୃହ ପାଳିତ ପଶୁମାନେ ମଧ ଘାସ ପାଇବେ ନାହିଁ । ଏହାକୁ ନେଇ ଚାଷୀମାନେ ଚିନ୍ତାରେ ଅଛନ୍ତି । ଆଜି ଜିଲାପରିଷଦ ସଦସ୍ୟ ନିଶାକର ସେଠୀ, ବୋଲଂ ସରପଂଚ ପ୍ରତିନିଧି କାର୍ତ୍ତିକ ମଲ୍ଲିକ, ସଦସ୍ୟଙ୍କ ପ୍ରତିନିଧି ତପନ ରାଉତ, ରାନୁ ରାଉତ, ଯଗେନ୍ଦ୍ର ମହାପାତ୍ର, ସାଉଡି ସଦସ୍ୟ କମଳଲୋଚନ ମଲ୍ଲିକ, ଜନ୍ମେଜୟ ମଲ୍ଲିକ, ପରେଶ ମଲ୍ଲିକ, ସଂଜୟ ଜେନା ପ୍ରମୁଖ ଜନପ୍ରତିନିଧି ମାନେ ପ୍ରଭାବିତ ଅଂଚଳ ବୁଲି ଦେଖିବା ସହ କ୍ଷତିଗ୍ରସ୍ତ ଚାଷୀଙ୍କ ସହ ଆଲୋଚନା କରିଥିଲେ । ଡ୍ରେନଜ ଓ ଇରିଗେସନ ବିଭାଗର ଖାମଖିଆଲି ମନ ଭାବ ପାଇଁ ଲୋକଙ୍କୁ ଏଭଳି ଦୁର୍ଦ୍ଦଶା ଭୋଗିବାକୁ ପଡୁଥିବା କ୍ଷତିଗ୍ରସ୍ତ ଚାଷୀ ମାନେ କହିଥିଲେ । ଜିଲାପରିଷଦ ସଦସ୍ୟ ଶ୍ରୀ ସେଠୀ ବିଭାଗୀୟ ସୁପରଟେଣ୍ଡକୁ ଫୋନ କରି ସମସ୍ୟା ସଂପର୍କରେ ଜଣାଇବା ସହ ତୁରନ୍ତ ଏହା ସ୍ଥାୟୀ ସମାଧାନ ଦିଗରେ ପଦକ୍ଷେପ ନେବାକୁ ଜଣାଇଥିଲେ ।

## ବିଧାନସଭାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଶ୍ନପତ୍ର ଲିକ ପ୍ରସଙ୍ଗ ଉଠିଲା

ଭୁବନେଶ୍ୱର,୧୬/୦୭ (ନି.ପ୍ର): ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ପ୍ରଶ୍ନପତ୍ର ଲଗାତାର ଭାବେ ଲିକ୍ ହେବା ମାମଲା ଶନିବାର ଦିନ ବିଧାନସଭାରେ ଉଠିଛି । ଏହାକୁ ନେଇ ବିରୋଧୀ ଦଳର ଉପ ନେତା ବିଷ୍ଣୁ ସେଠୀ ରାଜ୍ୟ ସରକାରଙ୍କୁ କାଠଗଡାରେ ଠିଆ କରାଇଛନ୍ତି । ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ବିଷ୍ଣୁ ସେଠୀ କହିଥିଲେ ଯେ ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ ଭାବେ ଦିଶାହୀନ ହୋଇ ପଡିଥିବାର ସ୍ପଷ୍ଟ ସୂଚନା ମିଳୁଛି । ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ପରୀକ୍ଷା ପ୍ରଶ୍ନପତ୍ର ଲଗାତାର ତିନି ଦିନ ଧରି ଲିକ ହେବା ଦ୍ୱାରା ମେଧାବୀ ଛାତ୍ର ଛାତ୍ରୀ ମାନଙ୍କର ମାନସିକ ସ୍ଥିତିକୁ ଖରାପ କରି ଦେଇଛି । ରାଜ୍ୟରେ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷାର ସ୍ଥିତି ପୂର୍ବରୁ ହିଁ ଖରାପ ଥିଲା । ପଂଚମ ଶ୍ରେଣୀ ପିଲା ମାନେ ପଣିକିଆ ଡାକି ପାରୁ ନାହାନ୍ତି । ବିଶ୍ୱବିଦ୍ୟାଳୟ ସ୍ତରରେ ସ୍ଥିତି ଏହା ଠାରୁ ସାମାନ୍ୟ ଭଲ ଥିଲା । ମାତ୍ର ଲଗାତାର ତିନି ଦିନ ପ୍ରଶ୍ନପତ୍ର ଲିକ ହେବା ଘଟଣା ବାସ୍ତବିକ ସ୍ଥିତିକୁ ଦର୍ଶାଉଛି । ପ୍ରତ୍ୟେକ କଥାରେ ବିଶ୍ୱ ସ୍ତରୀୟ ଓ ମୁଖ୍ୟମନ୍ତ୍ରୀଙ୍କ ତତ୍ୱାବଧାନରେ କାମ ହେଉଥିବା କହୁଥିବା ରାଜ୍ୟ ସରକାରଙ୍କ ମନ୍ତ୍ରୀ ମାନେ ଏହି ଘଟଣା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଶ୍ରେୟ ଦେବେ କି ବୋଲି କହି ସେ କଟାକ୍ଷ କରିଥିଲେ । ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଶ୍ନପତ୍ର ଲିକ ହେବା ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ ଘଟଣା ହୋଇଥିବା କାରଣରୁ ଦୋଷୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଏହି ପ୍ରସଙ୍ଗରେ ବିଭାଗୀୟ ମନ୍ତ୍ରୀଙ୍କୁ ଉତ୍ତର ଦେବାକୁ ସେ ବାଚସ୍ପତିଙ୍କ ନିକଟରେ ଦାବି କରିଥିଲେ ।

## ଲୋକଙ୍କ ଠାରେ ଦେଖାଯାଉନି କୋଭିଡ୍ ଲକ୍ଷଣ

ଭୁବନେଶ୍ୱର,୧୬/୦୭ (ନି.ପ୍ର): ସାରା ଦେଶରେ କୋଭିଡ ସଂକ୍ରମଣ ବଢୁଛି। କିନ୍ତୁ ଯେଉଁ ରାଜ୍ୟ ଯଥା ମହାରାଷ୍ଟ୍ର, ତାମିଲନାଡୁ, ଦିଲ୍ଲୀ, କେରଳ ଆଦିରେ ସଂକ୍ରମଣ ଉପରକୁ ଯାଇଥିଲା, ସେଠି ଏବେ ଖସିବା ଆରମ୍ଭ କଲାଣି ବା ପ୍ଲାଟୋ ଅବସ୍ଥାରେ ରହିଛି। କିନ୍ତୁ ଆମର ପାର୍ଶ୍ୱବର୍ତ୍ତୀ ରାଜ୍ୟ ପଶ୍ଚିମବଙ୍ଗ, ଛତିଶଗଡ଼, ଝାଡ଼ଖଣ୍ଡ ଆଦିରେ ବଢୁଛି। ସେହି ଅନୁପାତରେ ଆମ ରାଜ୍ୟର ସଂକ୍ରମଣ ବଢୁଛି। କିନ୍ତୁ ପୂର୍ବ ଲହର ଭଳି ବୃଦ୍ଧି ହେଉନି। ଏବେ ରାଜ୍ୟରେ ୫ ହଜାର ଉପରେ ସକ୍ରିୟ ମାମଲା ଥିବା ବେଳେ ମାତ୍ର ୩୯ ଜଣ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଏହାର ଅର୍ଥ ଲୋକଙ୍କଠାରେ ଲକ୍ଷଣ ଦେଖାଯାଉନି ବା ସ୍ୱଳ୍ପ ଲକ୍ଷଣ ରହୁଛି ବୋଲି କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର। ସେ ଆହୁରି କହିଛନ୍ତି, ବର୍ତ୍ତମାନ ଆମେ ଏକ କ୍ରସ ରୋଡରେ ଅଛନ୍ତି। ଭୂତାଣୁ ଟ୍ରାନ୍ସମିଟ ହେଉଛି, ମ୍ୟୁଟାଂଟ ବି ହେଉଛି। ଯେତେ ମ୍ୟୁଟାଂଟ ହେବ, ତାର ସଂକ୍ରମଣ ହାର ଅଧିକ ରହିବ। କିନ୍ତୁ ଏହା କେତେ ରୋଗ କରାଇବ, କେତେ ଲୋକ ଡାକ୍ତରଖାନାକୁ ଯିବେ, ତାହା ଜାଣିବା ଲାଗି ଅପେକ୍ଷା କରିବାକୁ ପଡ଼ିବ। ତେଣୁ ଯେଉଁମାନଙ୍କଠାରେ ଥଣ୍ଡା, ଜ୍ୱର, କାଶ ହେଉଛି, ସେମାନେ କୋଭିଡ ପରୀକ୍ଷା କରାଇନେବା ଉଚିତ। ଏବେ ଜନସ୍ୱାସ୍ଥ୍ୟ ପଦକ୍ଷେପ ତୁଳନାରେ ଜନ ସହଭାଗିତା ଅଧିକ ଦରକାର। ଲୋକଙ୍କୁ ଅଧିକ ସଚେତନ ହେବାକୁ ପଡ଼ିବ। ତେଣୁ ଶ୍ରାବଣରେ କାଉଡ଼ିଆମାନେ ଧର୍ମ କରନ୍ତୁ, ଯାତ୍ରା କରନ୍ତୁ, କିନ୍ତୁ କୋଭିଡ ନିୟମ ପାଳନ କରନ୍ତୁ। ସେମାନେ ମାସ୍କ ପିନ୍ଧନ୍ତୁ। ଦଳ ଦଳ ହୋଇ ନ ହୋଇ ଦୂରତା ରକ୍ଷା କରି ଯାଆନ୍ତୁ। ମନ୍ଦିରରେ ମଧ ଲାଇନରେ ଦୂରତା ରଖନ୍ତୁ।

## ଦୁର୍ନୀତିଗ୍ରସ୍ତ କନିଷ୍ଠ ଯନ୍ତ୍ରୀଙ୍କୁ ପଂଚାୟତ ଦାୟିତ୍ୱ ନଦେବାକୁ ବିଡିଓଙ୍କୁ ଦାବିପତ୍ର



ବାଲିଆପାଳ, ୧୬/୦୭ (ନି.ପ୍ର): ବାଲିଆପାଳ ବ୍ଲକର କନିଷ୍ଠ ଯନ୍ତ୍ରୀ ମିହିର କୁମାର ପଣ୍ଡାଙ୍କୁ ପୁନଃର୍ବାର ମଧୁପୁରା ଏବଂ ସାଉଡି ପଂଚାୟତ ଦାୟିତ୍ୱ ଦିଆଯାଇଛି । ପଂଚାୟତ ନିର୍ବାଚନ ପୂର୍ବରୁ କନିଷ୍ଠ ଯନ୍ତ୍ରୀ ଶ୍ରୀ ପଣ୍ଡା ଏହି ଦୁଇ ପଂଚାୟତ ଦାୟିତ୍ୱରେ ଥିଲେ । ଏହି ଦୁଇ ପଂଚାୟତରେ ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ସମେତ ବିଭିନ୍ନ ଯୋଜନାରେ ଲକ୍ଷ ଲକ୍ଷ ଟଙ୍କାର ଫଲସ ବିଲ କରି କନିଷ୍ଠ ଯନ୍ତ୍ରୀ ଆତ୍ମସାତ କରିଥିବା ନେଇ ଦୁଇ ପଂଚାୟତ ପକ୍ଷରୁ ପୃଥକ ପୃଥକ ଭାବେ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ଏହାର ତଦନ୍ତ ପାଇଁ ଜିଲାପାଳ ଅନୁମତି ଦେଇଛନ୍ତି । ତେବେ ପୁନର୍ବାର ଏହହି ପଂଚାୟତରେ ଯନ୍ତ୍ରୀ ଶ୍ରୀ ପଣ୍ଡାକୁ ଦାୟିତ୍ୱ ଦିଆଯିବାକୁ ନେଇ ପଂଚାୟତର ଜନପ୍ରତିନିଧି ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଦୁର୍ନିତିକୁ ଲୁଚାଇବା ପାଇଁ ପୁର୍ନବାର ଏହି ଯନ୍ତ୍ରୀଙ୍କୁ ଦାୟିତ୍ୱ ଦିଆଯାଇଥିବା ଅଭିଯୋଗ ହୋଇଛି । ଆଜି ମଧୁପୁରା ପଂଚାୟତର ସମିତି ସଦସ୍ୟ ସୁଶାନ୍ତ କୁମାର ସେଠୀ, ନାଏବ ସରପଂଚ ପ୍ରଦୀପ କୁମାର ବେହେରା, ୱାର୍ଡ ସଦସ୍ୟ ସୂଜୟ କୁମାର ପରିଡା, ଜୟନାରାୟଣ ଖଣ୍ଡା, ସୁଶାନ୍ତ କୁମାର ସାହୁ,କୁଞ୍ଜବିହାରୀ ବାରିକ, ଜିତେନ୍ଦ୍ର ରାଉଳ, ସୁକେଶ ମିତ,ରୁନିତ୍ରା ପଣ୍ଡା, ସୁକାନ୍ତି ମଣ୍ଡଳ, ହରିପଦ ବାଗସିଂ, ପଦ୍ମଲୋଚନ ଗୋଚ୍ଛାୟତ, ସେବତୀ ଜେନା, ବାସନ୍ତୀ ମୁଖୀ, ଦମୟନ୍ତୀ ବାରିକ, ମମିତା ନାୟକ ସମେତ ବହୁ ପଂଚାୟତ ବାସୀ ବିଡିଓ ଦୀପକ କୁମାର ଦାସଙ୍କୁ ଭେଟି ଯନ୍ତ୍ରୀ ଶ୍ରୀ ପଣ୍ଡାଙ୍କୁ ବଦଳରେ ଅନ୍ୟ ଯନ୍ତ୍ରୀଙ୍କୁ ଦାୟିତ୍ୱ ଦେବାକୁ ଦାବିପତ୍ର ଦେଇଛନ୍ତି । ନ ହେଲେ ବାଧ ହୋଇ ଏହି ପ୍ରତିନିଧି ଦଳ ବ୍ଲକ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି । ସେହିପରି ସାଉଡି ପଂଚାୟତର ମଧ ପୃଥକ ଭାବରେ ଶ୍ରୀ ପଣ୍ଡାକୁ ଦାୟିତ୍ୱ ନ ଦେବାକୁ ଦରଖାସ୍ତ ଦେଇଛନ୍ତି। ଏ ସଂପର୍କରେ ବିଡିଓ ଦୀପକ ଦାସଙ୍କୁ ପଚାରିବାରୁ ଅଭିଯୋଗ ସଂପର୍କରେ ପୁନର୍ବିଚାର କରାଯିବ ବୋଲି କହିଛନ୍ତି ।

## ନିଖୋଜ ନାବାଳିକା ଆନ୍ଧ୍ରପ୍ରଦେଶ ନେଲୁରରୁ ଉଦ୍ଧାର

ଗଞ୍ଜାମ, ୧୬/୦୭ (ନି.ପ୍ର): ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଅଂଚଳରୁ ଗତ କିଛି ଦିନ ପୂର୍ବେ ଜଣେ ନାବାଳିକା ନିଖୋଜ ହୋଇଥିଲେ । ଏ ସମ୍ପର୍କରେ ଥାନାରେ ଏକ ଲିଖିତ ଅଭିଯୋଗ ହୋଇଥିଲା । ପୋଲିସ ତଦନ୍ତ କରି କବିସୂର୍ଯ୍ୟନଗର ଥାନାର ଏକ ଟିମ୍ ଆନ୍ଧ୍ରପ୍ରଦେଶର ନେଲୁର ଅଂଚଳକୁ ଯାଇ ସେହି ନିଖୋଜ ନାବାଳିକାକୁ ଉଦ୍ଧାର କରିବା ସହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ନେଇ ଥାନା ଅଧିକାରୀ ପ୍ରଭାତ କୁମାର ସାହୁ ସୂଚନା ଦେଇଛନ୍ତି ।

## ୨୪ ନଂ ୱାର୍ଡ଼ରେ ମିଶନଶକ୍ତି ଗୃହ ଉଦ୍‌ଘାଟିତ



ବାଲେଶ୍ୱର,୧୬/୦୭ (ନି.ପ୍ର): ବାଲେଶ୍ୱର ପୌରପାଳିକାର ୨୪ ନଂ ୱାର୍ଡ଼ରେ ମିଶନ ଶକ୍ତିର ନୂତନ ସ୍ଥାୟୀ ପକ୍କାଗୃହ ଶନିବାର ଉଦଘାଟିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ସବିତା ସାହୁ ଯୋଗଦେଇ ନବ ନିର୍ମିତ ମିଶନଶକ୍ତି ଗୃହକୁ ଉଦଘାଟନ କରିଥିଲେ। ୨୪ ନଂ ୱାର୍ଡ଼ର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ମାସିକ ବୈଠକ, ଉତ୍ପାଦିତ ସାମଗ୍ରୀ ବିକ୍ରି କ୍ଷେତ୍ରରେ ଏହି ଗୃହ ବେଶ ସହାୟକ ହେବ ବୋଲି ପୌରାଧ୍ୟକ୍ଷା ଶ୍ରୀମତୀ ସାହୁ ଆଶା ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ପ୍ରତ୍ୟେକ ୱାର୍ଡ଼ରେ ଏହିଭଳି ମିଶନ ଶକ୍ତି ଗୃହ ପ୍ରତିଷ୍ଠା ହେବାକୁ ଯାଉଥିବା ସେ ସୂଚନା ଦେଇଛନ୍ତି। ସ୍ଥାନୀୟ କାଉନସିଲର ମୀନା ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମରେ ପୌରପାଳିକା ସିଡିପିଓ ସମିତା ସାହୁ ଯୋଗଦେଇ ନିକଟ ଭବିଷ୍ୟତରେ ଅନ୍ୟ ୩ ୱାର୍ଡ଼ରେ ମିଶନ ଶକ୍ତିଗୃହ ଉଦଘାଟନ ହେବ ବୋଲି କହିଛନ୍ତି। ସମାଜସେବୀ ପ୍ରବୋଧ ମହାନ୍ତି ଏହି ଉଦଘାଟନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସହକାରୀ ଯନ୍ତ୍ରୀ ସୀମାଞ୍ଚଳ ମିଶ୍ର, ପୌରପାଳିକା ମିଶନ ଶକ୍ତି ସଂଯୋଜିକା ଶକ୍ତିପ୍ରିୟା ବିଶ୍ୱାଳ, ପୂର୍ବତନ ପୌର ଉପାଧ୍ୟକ୍ଷ ମନୋଜ ରାଉତ, କାଉନସିଲର ଶେଖ ଆୟୁବ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ବିଭିନ୍ନ ଏସଏଚଜିର କର୍ମକର୍ତ୍ତା ଓ ସଦସ୍ୟାଙ୍କ ସମେତ ସ୍ଥାନୀୟ ଅଞ୍ଚଳ ବାସିନ୍ଦା ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ପ୍ରତିଭା ବିକାଶ ଟ୍ରଷ୍ଟ ପକ୍ଷରୁ ବୃକ୍ଷଚାରା ବଣ୍ଟନ

ବାଲେଶ୍ୱର,୧୬/୦୭ (ନି.ପ୍ର): ବାଲେଶ୍ୱର ପ୍ରତିଭା ବିକାଶ ଟ୍ରଷ୍ଟ ପକ୍ଷରୁ ବାଲିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରଛାତ୍ରୀଙ୍କୁ ବୃକ୍ଷଚାରା ବଣ୍ଟନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଭାପତି ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ଦାଶ, ଉପ-ସଭାପତି ରଘୁନାଥ ପ୍ରଧାନ, ସାଧାରଣ ସମ୍ପାଦକ ଉପେନ୍ଦ୍ର ନାଥ ପାତ୍ର ପ୍ରମୁଖ ଯୋଗଦେଇ ପରିବେଶ ସୁରକ୍ଷା ଓ ବାୟୁମଣ୍ଡଳରେ ଅମ୍ଳଜାନ ସ୍ତରବୃଦ୍ଧି ପାଇଁ ବୃକ୍ଷରୋପଣର ଆବଶ୍ୟକତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ସାମ୍ପ୍ରତିକ ସ୍ଥିତିରେ ବାୟୁମଣ୍ଡଳରେ ବଢୁଥିବା ପ୍ରଦୂଷଣ ମାତ୍ରା ସମଗ୍ର ବିଶ୍ୱ ପାଇଁ ମୁଖ୍ୟ ସମସ୍ୟା ହୋଇଥିବା ବେଳେ ଏହାର ପ୍ରତିକାର ନିମନ୍ତେ ବୃକ୍ଷରୋପଣର ଆବଶ୍ୟକତା ହୋଇଛି। ଏନେଇ ପ୍ରତ୍ୟେକ ମହଲରୁ ଉଦ୍ୟମ ପାଇଁ ସେମାନେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ବୃକ୍ଷଚାରା ବଣ୍ଟନ କରାଯାଇଥିଲା। ସଞ୍ଜୀବ କୁମାର ନାୟକ, କିଶୋର ଦାସ, ଭାବଗ୍ରାହୀ ମହାନ୍ତି, ଆଶିଷ ସାହୁ, ସଙ୍ଘମିତ୍ରା ମହାନ୍ତି, ସିପ୍ରାରେଖା ମହାପାତ୍ର, ମନ୍ଦନା ବିଶ୍ୱାଳ, କୁମାର କାଶ୍ୟପ ପ୍ରମୁଖ ଟ୍ରଷ୍ଟର କର୍ମକର୍ତ୍ତା ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧୀର କୁମାର ମହାନ୍ତି, ସହ-ପ୍ରଧାନ ଶିକ୍ଷକ ନୀଳିମା ଦେଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।

## ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ଚାରାରୋପଣ



ବାଲେଶ୍ୱର,୧୬/୦୭ (ନି.ପ୍ର): ଅବସର ପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ ବାଲେଶ୍ୱର ତରଫରୁ ସଦର ବ୍ଲକ ଅନ୍ତର୍ଗତ ଶାସଙ୍ଗ ନାରାୟଣ ପ୍ରସାଦ ଉଚ୍ଚବିଦ୍ୟାଳୟ ପରିସରରେ ବୃକ୍ଷଚାରା ରୋପଣ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପରିବେଶ ସଚେତନତା ସୃଷ୍ଟିକରିବା ନିମନ୍ତେ 'ବୃକ୍ଷ ହିଁ ଜୀବନ' ଶୀର୍ଷକ ଏକ ବକ୍ତୃତା ପ୍ରତିଯୋଗତା ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ଡ. ହରପ୍ରସାଦ ପାଳଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇ ଉପସ୍ଥିତ ଅତିଥିମାନେ ମୂଲ୍ୟବାନ ବକ୍ତୃତା ପ୍ରଦାନ କରିଥିଲେ। ସଂଘର ବରିଷ୍ଠ ଉପଦେଷ୍ଟା ଧୀରେନ୍ଦ୍ର ନାରାୟଣ ଦାସ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସଭାପତି ଇଂ ବନାମାଳି ନାୟକ, ଉପ-ସଭାପତି ଇଂ ସୁରେନ୍ଦ୍ର ନାଥ ଦାସଙ୍କ ସହିତ ସ୍ଥାନୀୟ ସରପଞ୍ଚପ୍ରଫୁଲ୍ଲ ଦ୍ୱିବେଦୀ ମଞ୍ଚାସୀନ ରହିଥିଲେ। ସଂଘର କର୍ମକର୍ତ୍ତା ଓ ସଦସ୍ୟବୃନ୍ଦ ବିଦ୍ୟାଳୟ ପରିସର ଓ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ବୃକ୍ଷରୋପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସୁଦର୍ଶନ ଦାସ, ସାବିତ୍ରୀ ଦାସ, ଶଶାଙ୍କ ଶେଖରଉଦଣ୍ଡ, ଶଚୀନ୍ଦ୍ର ନାଥ ଦାଶ, ସୁଜିତ କୁମାର ଜେନା, ଗୋବିନ୍ଦ ମାଝୀ, ଜ୍ୟୋତ୍ସ୍ନା ରାୟ, ରୀତାରାୟ, ଇଂ ଶ୍ରୀରାମ ପ୍ରସାଦ ଦାଶ, ଲୋକନାଥ ଆଚାର୍ଯ୍ୟ, ଭବେଶ ଚନ୍ଦ୍ର ପଣ୍ଡା, ସେକ୍ ଆଲ୍ଲାଉଦ୍ଦିନୀ, ବିଷ୍ଣୁଚରଣ ପାଢ଼ୀ, ଜଳଧର ପଣ୍ଡା, ଯୋଗେନ୍ଦ୍ର ସିଂ, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଦ୍ୱିଜେନ୍ଦ୍ର ନାରାୟଣ ଦାସ ଓ ସଦସ୍ୟ ବୃନ୍ଦ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଣଶିକ୍ଷକ କର୍ମଚାରୀବୃନ୍ଦ ସକ୍ରିୟ ସହଯୋଗ କରିଥିଲେ। ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ଜୟଶ୍ରୀ ବେହେରା, ଦ୍ୱିତୀୟ ସ୍ଥାନ ପ୍ରତ୍ୟାଶା ମିଶ୍ର ଓ ତୃତୀୟ ସ୍ଥାନ ରୂପାଲି ଦାସ ଲାଭକରି ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରିଥିଲେ।ଯୁଗ୍ମ ସମ୍ପାଦକ ସୁଦର୍ଶନ ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜନ୍ମ ଦିନରେ ୫୦ତମ ରକ୍ତଦାନ ସହ ଅଙ୍ଗଦାନ କଲେ ସମାଜସେବୀ ଗତିକୃଷ୍ଣ



ବାରିପଦା, ୧୬/୦୭ (ନି.ପ୍ର): ମୟୂରଭଂଜ ଜିଲ୍ଲାର ରାଇରଙ୍ଗପୁର ଇଟିଣ୍ଡା ଅଂଚଳର ଯୁବ ସମାଜସେବୀ ତଥା ରକ୍ତଦାତା ଗତିକୃଷ୍ଣ ତାଙ୍କର ୪୦ ତମ ଜନ୍ମଦିନକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି । ଆଜି ଗତିକୃଷ୍ଣ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟର ରକ୍ତଭଣ୍ଡାର ପରିସରରେ ଉପଖଣ୍ଡ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, ଗଣମାଧମ ପ୍ରତିନିଧିଙ୍କ ଉପସ୍ଥିତିରେ ୪୦ ତମ ଜନ୍ମଦିନ ଜନ୍ମଦିନ ଅବସରରେ ୫୦ ତମ ରକ୍ତଦାନ କରିବା ସହ ନିଜର ଅଙ୍ଗଦାନ ପଂଜିକରଣ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ରାଇରଙ୍ଗପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସାଗର ନାଏକ, ରକ୍ତ ଭଣ୍ଡାର ଅଧିକାରୀ ଡାକ୍ତର ପବିତ୍ର ପ୍ରତ୍ୟୁଷ ମିଶ୍ର, ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟ ଅଧ୍ ?ଯାପକ ବିଜୟ ରାମ, ଜିଲ୍ଲା ଯୁବ ରେଡକ୍ରସ ଅଧିକାରୀ ସ୍ମୃତି ରଂଜନ ପାଣି, ସାମ୍ବାଦିକ ସୌରଭ ପଟ୍ଟନାୟକ, ମନୋରଂଜନ ତିରିଆ, ତୁଷାର କାନ୍ତ ମହାନ୍ତ, ମେଘନାଦ ହେମ୍ବ୍ରମ, ଜୀତେନ୍ଦ୍ର ଅଗ୍ରୱାଲ, ଧୀରେ ସାହୁ, ଅକ୍ଷୟ ବିଶ୍ୱାଳ, ହସ୍ପିଟାଲ ଷ୍ଟାଫ ସୌମିକ ଦାସ କାନୁନଗୋ, ସୌମ୍ୟରଂଜନ ଦାସ, ଜ୍ଞାନ ରଂଜନ ଦାସ, ସତ୍ୟଜିତ ଦାସ, ପ୍ରମୁଖ ଉପସ୍ଥିତ ରହି ବିଶିଷ୍ଟ ଯୁବ ସମାଜସେବୀ ଗତିକୃଷ୍ଣଙ୍କୁ ତାଙ୍କ ଜନ୍ମ ଦିନର ପୁଷ୍ପଗୁଚ୍ଛ ଏବଂ ଉପଢୌକନ ଦେଇ ଶୁଭେଚ୍ଛା ଜଣାଇଥିଲେ ।

## ବିପ୍ଳବୀ ଚକ୍ରଧର ବେହେରା ଓ ଗୁରୁ ଦେବ ପ୍ରସାଦ ଦାସଙ୍କୁ ସଂସ୍କୃତି ବିଭାଗର ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୧୬/୦୭ (ନି.ପ୍ର): କନିକା ପ୍ରଜା ଆନ୍ଦୋଳନର ନେତା, ପୂର୍ବତନ ବିଧାୟକ ସ୍ୱ ଚକ୍ରଧର ବେହେରାଙ୍କ ୧୨୯ତମ ଜୟନ୍ତୀ ଓ ଓଡ଼ିଶୀ ନୃତ୍ୟଗୁରୁ ସ୍ୱ ଦେବ ପ୍ରସାଦ ଦାସଙ୍କ ୩୬ତମ ଶ୍ରାଦ୍ଧୋତ୍ସବ ଅବସରରେ ଆଜି ପ୍ରତ୍ୟୁଷରେ ଭୁବନେଶ୍ୱରସ୍ଥିତ ସେମାନଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଦୀପଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ବିପ୍ଳବୀ ଚକ୍ରଧର ବେହେରାଙ୍କ ପ୍ରତିମୂର୍ତ୍ତିରେ ସୂଚନା ଓ ଲୋକସମ୍ପର୍କ, ଜଙ୍ଗଲ ଓ ପରିବେଶ, ପଂଚାୟତିରାଜ ଓ ପାନୀୟ ଜଳଯୋଗାଣ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ବିଧାୟକ ପ୍ରଫୁଲ୍ଲ ସାମଲ, ସଂଜୀବ କୁମାର ମଲ୍ଲିକ, ମୌଷଧି ବାଗ, ପ୍ରଶାନ୍ତ ବେହେରା, ରମେଶ ଚନ୍ଦ୍ର ସାଏ, ବିଶିଷ୍ଟ ସ୍ତମ୍ଭକାର ଗୌରହରି ଦାସ, ସ୍ମୃତି ସଂସଦ ଆବାହକ ନରହରି ସେଠୀ, ସ୍ୱର୍ଗତ ବେହେରାଙ୍କ ପରିବାର ସଦସ୍ୟ, ସୂଚନା ଓ ଲୋକସମ୍ପର୍କ ବିଭାଗର ଅଧିକାରୀ, ବିଜେଡ଼ି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ସଂଯୋଜକ ପ୍ରବୀର ମହାନ୍ତି, ସତ୍ୟବ୍ରତ ଜେନା, କନିକାରୁ ଆସିଥିବା ସମାଜସେବୀ ଦାମୋଦର ଧଳ, ଭୁବନେଶ୍ୱର ଯାଦବ ମହାସଭା ତରଫରୁ ସରୋଜ କୁମାର ବେହେରା ପ୍ରମୁଖ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ତାଙ୍କ ଗୁଣାବଳୀର ସ୍ମୃତିଚାରଣ କରିଥିଲେ । ଉତ୍କଳ ସଂଗୀତ ମହାବିଦ୍ୟାଳୟ ପରିସରରେ ଗୁରୁ ଦେବ ପ୍ରସାଦ ଦାସଙ୍କ ପ୍ରତିମୂର୍ତ୍ତିରେ ବିଧାୟକ ପ୍ରଫୁଲ୍ଲ ସାମଲ, ମହାବିଦ୍ୟାଳୟ ଅଧକ୍ଷ ଡଃ ବିଜୟ କୁମାର ଜେନା, ନୃତ୍ୟଗୁରୁ ଗଜେନ୍ଦ୍ର ପଣ୍ଡା, ନିରଞ୍ଜନ ରାଉତ ଓ ଛାତ୍ରଛାତ୍ରୀମାନେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ନିଜ ବକ୍ତବ୍ୟରେ ଓଡ଼ିଶୀ ନୃତ୍ୟକୁ ବିଶ୍ୱବିଦିତ କରିବାରେ ସ୍ୱର୍ଗତ ଦାସଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାର ସ୍ମୃତିଚାରଣ କରିଥିଲେ। ସେହିପରି ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ଭାରପ୍ରାପ୍ତ ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀରେ ଚକ୍ରଧର ବେହେରା ଓ ଦେବ ପ୍ରସାଦ ଦାସଙ୍କ ଉପରେ ପୁସ୍ତକ ପ୍ରଦର୍ଶିତ ହୋଇଥିଲା । ଏହି ଉପଲକ୍ଷେ ଅନୁଷ୍ଠିତ ଆଲୋଚନାଚକ୍ରରେ ସମାଜସେବୀ ଦାମୋଦର ଧଳ ଓ ସ୍ୱର୍ଗତ ଦେବପ୍ରସାଦ ଦାସଙ୍କ ଧର୍ମପତ୍ନୀ ଜିତାରାଣୀ ଦାସ, ଗ୍ରନ୍ଥାଗାରିକ, କର୍ମଚାରୀ ଓ ପାଠକମାନେ ନିଜ ବକ୍ତବ୍ୟରେ ଦୁଇ ବରପୁତ୍ରଙ୍କ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ ।

## ହେମନ୍ତ ସୋରେନଙ୍କୁ ସାକ୍ଷାତ କଲେ ଯଶୋବନ୍ତ ସିହ୍ନା : ମାଗିଲେ ସମର୍ଥନ

ରାଂଚି,୧୬/୦୭ (ନି.ପ୍ର): ରାଷ୍ଟ୍ରପତି ପ୍ରାର୍ଥୀ ଯଶୋବନ୍ତ ସିହ୍ନା ଶନିବାର ଝାଡ଼ଖଣ୍ଡ ମୁଖ୍ୟ ମୋର୍ଚ୍ଚା କେନ୍ଦ୍ରୀୟ କାର୍ଯ୍ୟକାରିଣୀ ସଭାପତି ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଭେଟିଥିଲେ । ରାଷ୍ଟ୍ରପତି ନିର୍ବାଚନରେ ତାଙ୍କ ପକ୍ଷକୁ ସମର୍ଥନ କରିବାକୁ ସେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି । ଏହି ଉତ୍ସବରେ ଝାଡ଼ଖଣ୍ଡ ପ୍ରଦେଶ କଂଗ୍ରେସ ଦାୟିତ୍ୱରେ ଥିବା ଅବିନାଶ ପାଣ୍ଡେ, ରାଜ୍ୟ କଂଗ୍ରେସ ସଭାପତି ରାଜେଶ ଠାକୁର ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଆଲାମଗିରି ଆଲାମ ଉପସ୍ଥିତ ଥିଲେ ।

## ପର୍ଯ୍ୟଟନସ୍ଥଳର ବିକାଶ ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି : ମନ୍ତ୍ରୀ

ଭୁବନେଶ୍ୱର,୧୬/୦୭ (ନି.ପ୍ର): ରାଜ୍ୟର ବିଭିନ୍ନ ଜିଲ୍ଲାରେ ଥିବା ପର୍ଯ୍ୟଟନ ସ୍ଥଳୀର ବିକାଶ ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି । ବିଭିନ୍ନ ବିଧାୟକ ମାନଙ୍କ ଦ୍ୱାରା ସେମାନଙ୍କର ଅଂଚଳରେ ପର୍ଯ୍ୟଟନ ସ୍ଥଳୀର ବିକାଶ ପାଇଁ ଦିଆଯାଇଥିବା ପ୍ରସ୍ତାବ ସମ୍ପର୍କରେ ମୁଁ ନିଜେ ବିଭାଗର ଅଧିକାରୀ ମାନଙ୍କ ସହ ଯାଇ ସ୍ଥଳକୁ ପରିଦର୍ଶନ କରିବା ସହ ଏହି ସ୍ଥାନ ଗୁଡିକର କିପରି ବିକାଶ ହୋଇ ପାରିବ ସେ ନେଇ ଧାନ ଦେବି । ବିଧାୟକ ଧ୍ରୁବ ଚରଣ ସାହୁଙ୍କ ମୂଳ ପ୍ରଶ୍ନ ଓ ଅନ୍ୟ ବିଧାୟକ ମାନଙ୍କ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ ଆଜି ବିଧାନସଭାରେ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର କହିଛନ୍ତି। ଆଜି ପ୍ରଶ୍ନକାଳରେ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି , ୨୦୧୬ ପର୍ଯ୍ୟଟନ ନୀତି ଅନୁଯାୟୀ ରାଜ୍ୟ ସରକାର ପର୍ଯ୍ୟଟନସ୍ଥଳୀଗୁଡ଼ିକର ଭିତ୍ତିଭୂମିର ବିକାଶ ଜାରି ରଖିଛନ୍ତି। ଏହି ପ୍ରଶ୍ନ ଉପରେ ଆଲୋଚନା ବେଳେ ନରସିଂହ ମିଶ୍ର, ବିଷ୍ଣୁବ୍ରତ ରାଉତରାୟ, ଭାସ୍କର ମଢେଇ, ଅଧିରାଜ ପାଣିଗ୍ରାହୀ ଭୂପିନ୍ଦର ସିଂହ, ତାରା ପ୍ରସାଦ ବାହିନୀପତି ଓ ଅନ୍ୟ ବିଧାୟକ ମାନେ ସେମାନଙ୍କ ଅଂଚଳରେ ଥିବା ବିଭିନ୍ନ ପର୍ଯଟନ ସ୍ଥଳ ଗୁଡିକର ବିକାଶ ପ୍ରସଙ୍ଗ ଉଠାଇଥିଲେ । ବିଷ୍ଣୁବ୍ରତ ରକ୍ତ ତୀର୍ଥ ଇରମ, ଚାରବାଟିଆ ବିଷୟ ଉଠାଇଥିବା ବେଳେ ଭାସ୍କର ମଢେଇ ବାଘାଜତୀନଙ୍କ କପ୍ତିପଦା ଅଂଚଳର ବିକାଶ କରାଯିବା ଆବଶ୍ୟକ ବୋଲି କହିଥିଲେ । ଅଧିରାଜ ପାଣିଗ୍ରାହୀ ପାତାଳଗଙ୍ଗାର ବିକାଶ ହେବା ଉଚିତ ବୋଲି କହିଥିଲେ । ନରସିଂହ ମିଶ୍ର ବଲାଙ୍ଗୀର ଜିଲ୍ଲାରେ ଥିବା ଭୀମ ପାହାଡ଼, ରାଣୀ ଝରିଆଲ ଓ ହରିଶଙ୍କର ଆଦି ପର୍ଯ୍ୟଟନସ୍ଥଳୀର ବିକାଶ କରାଯିବା।କୁ ଦାବି କରିଥିଲେ । ସେହିପରି କୋରାପୁଟ ଜିଲ୍ଲାର ଦେଓମାଳୀ, ଗୁପ୍ତେଶ୍ୱର ଓ ମାଛକୁଣ୍ଡକୁ ପର୍ଯ୍ୟଟନସ୍ଥଳୀ ଘୋଷଣା କରାଯାଇଛି। ହେଲେ ଏଠାରେ ଟଙ୍କାଟିଏ ମଧ ଖର୍ଚ୍ଚ କରାଯାଉନଥିବା ଅଭିଯୋଗ କରିଛନ୍ତି କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo